

'ପଠାନ୍ ୨'ରେ ଜୁନିୟର୍ ଏନ୍‌ଟିଆର୍

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-172 ♦THURSDAY ♦18 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୨ ♦ଗୁରୁବାର ♦୧୮ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ୧୦ ଡିଗ୍ରୀ ତଳେ ୧୦ ସହର; ଜାରି ରହିବ ଶୀତ ଲହରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । ତଳମୁହାଁ ପାରଦ ଯୋଗୁଁ ସାରା ରାଜ୍ୟ ଜାଡ଼ରେ ଥରୁଛି । ରାତିର ତାପମାତ୍ରା ଅହେତୁକ ହ୍ରାସ ପାଇବା କାରଣରୁ ସନ୍ଧ୍ୟାରୁ ଶୀତ ମାଡ଼ି ଆସୁଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୦ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଏହି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ୫.୭ ଡିଗ୍ରୀ ସହ ସେମିଳିଗୁଡା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । କୋରାପୁଟରେ ତାପମାତ୍ରା ୬ ଡିଗ୍ରୀ ଜି.ଉଦୟଗିରି ୬.୬, ଝାରସୁଗୁଡା ୭.୨, ଦାରିଙ୍ଗବାଡି ୮, ବୌଦ୍ଧ ୯.୪, ଚିପିଲିମା ୧୦, ଅନୁଗୁଳ ୧୦, ରାୟଗଡ଼ା ୧୦ ଓ ନବରଙ୍ଗପୁରରେ ମଧ୍ୟ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି । କୋରାପୁଟରେ ତାପମାତ୍ରା ସ୍ୱାଭାବିକ ଠାରୁ ୫.୨ ଡିଗ୍ରୀ କମ୍ ଥିବା ବେଳେ ଝାରସୁଗୁଡ଼ାରେ ଏହା ୪.୫ ଡିଗ୍ରୀ ତଳେ ରହିଛି । ଗତ ଦୁଇଦିନ ହେବ କିଛି କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଶୀତ ଅପେକ୍ଷାକୃତ ବଢ଼ିଛି ।

ଗତ ୨୪ ଘଣ୍ଟାରେ କିଛି କିଛି ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହୋଇଥିବା ବେଳେ ଆଗାମୀ ଦୁଇଦିନ ଏହି ସ୍ଥିତି ଜାରି ରହିବ । କୋରାପୁଟ, କନ୍ଧମାଳ, ସୁନ୍ଦରଗଡ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ସୋନପୁର ଓ କୋରାପୁଟରେ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି ।

## ଦିଲ୍ଲୀରେ ପ୍ରଦୂଷଣ ଅସହ୍ୟ; ଗାଡ଼ି ଚଳାଚଳରେ କଟକଣା

■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବିଷାକ୍ତ ପ୍ରଦୂଷଣ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସବୁ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ୱାର୍କ ଫ୍ରମ୍ ହୋମ ଅର୍ଥାତ ଘରୁ କାର୍ଯ୍ୟ କରିବା ବାଧ୍ୟତାମୂଳକ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟ ପରିଚାଳନା ଭଳି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୩) ତୃତୀୟ ପର୍ଯ୍ୟାୟ ଦିଲ୍ଲୀରେ ୧୬ ଦିନ ପାଇଁ କାର୍ଯ୍ୟକାରୀ ▶ପୃଷ୍ଠା-୭

**ଘରୁ କାମ କରିବେ ୫୦% କର୍ମଚାରୀ**

**ପ୍ରଭାବିତ ଶ୍ରମିକଙ୍କୁ ୧୦ ହଜାର କ୍ଷତିପୂରଣ**



### ଦେଶରେ ୨୫ ସହରରେ ଗଡୁଛି ମେଟ୍ରୋ ରେଳ

# ଓଡ଼ିଶାରେ ମେଟ୍ରୋ ଭବିଷ୍ୟତ ଅନ୍ଧାର

■ ଭୁବନେଶ୍ୱର, ୧୭।୧୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ଧୀରେଧୀରେ ବଢ଼ିବାରେ ଲାଗିଛି । କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୫ଟି ସହରରେ ମେଟ୍ରୋ ରେଳ କାର୍ଯ୍ୟକ୍ଷମ ହେଲାଣି । ମାତ୍ର ଏହି ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲି ଯାଇଛି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଛନ୍ତି । ମେଟ୍ରୋ ସେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନୀତି ଆଦୌ ଜନ ହିତକର ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଆସନ୍ତା ୨୧ ତାରିଖରେ ମଧ୍ୟପ୍ରଦେଶରେ ଭୋପାଳ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ



ଯାଉଛି । ଏହି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ଯୋଗେ ଉଦଘାଟନ କରିବେ । କେବଳ ଭୋପାଳ ନୁହେଁ, ବର୍ତ୍ତମାନ ଦେଶର ଏକାଧିକ ରାଜ୍ୟରେ ମୋଟ୍ରୋ ପ୍ରକଳ୍ପ ଜାରି ରହିଛି । ଦକ୍ଷିଣ ଭାରତରେ ବର୍ତ୍ତମାନ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ ୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ

**୨୧ରେ ଭୋପାଳ ମେଟ୍ରୋ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ**

**ଦକ୍ଷିଣ ଭାରତରେ ନିର୍ମାଣ ଚାଲିଛି ୨୫୧ କିମି ମେଟ୍ରୋ ଲାଇନ**

କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଏହି ନୂତନ ରେଳ ଲାଇନ ଦକ୍ଷିଣ ଭାରତରେ ମେଟ୍ରୋ ରେଳ ସେବାକୁ ନୂଆ ଉଚ୍ଚତା ପ୍ରଦାନ କରିବ । ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟନ୍ୱୟନ ହେଉଥିବା ଜଣାପଡ଼ିଛି । ଏତଦବ୍ୟତୀତ ଆନ୍ଧ୍ର ପ୍ରଦେଶ ସରକାର ଭାଇଜାଗ, ବିଜୟୱାଡାରେ ନିଜସ୍ୱ ଉଦ୍ୟମରେ ମେଟ୍ରୋ ସେବା ଆରମ୍ଭ କରିବାକୁ ଯାଉଛନ୍ତି । ସମାନ ସମୟରେ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ରେଳ ପ୍ରତି ଉଦାସୀନତା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି । ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟରେ ଭୁବନେଶ୍ୱରଠାରୁ ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇ ସାରିଥିବା ବେଳେ କେଉଁ କାରଣରୁ ରାଜ୍ୟ ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ସେବାକୁ ନେଇ ଆଗକୁ ବଢୁନାହାନ୍ତି, ତାହାର ଉତ୍ତର କାହା ପାଖରେ ନାହିଁ । ସରକାରଙ୍କ ଯୁକ୍ତି ଅନୁଯାୟୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଏବଂ ସୁପାରିଶ ଆଧାରରେ ସରକାର ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ । ତେବେ ▶ପୃଷ୍ଠା-୭

## ବିଗୁଡୁଛି ବାଂଲାଦେଶ ସ୍ଥିତି; ଭାରତୀୟ ହାଇକମିସନକୁ ବିପଦ

■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ବାଂଲାଦେଶରେ ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ସାରା ଦେଶରେ ଏବେ ହିଂସା ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବାଂଲାଦେଶରେ କେତେକ ଚରମପନ୍ଥୀ ଭାରତ ବିରୋଧରେ ବିଷ ଉଗାରୁଛନ୍ତି । କେବେ ଭାରତକୁ ଭାଗ ଭାଗ କରିବାକୁ କହୁଛନ୍ତି ତ କେବେ ଢାକା ସ୍ଥିତ ଭାରତୀୟ ହାଇକମିସନ ଉପରେ ଆକ୍ରମଣ କରିବାକୁ ଧମକ ଦେଉଛନ୍ତି । ଭାରତ ସରକାର ଏହାକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ବାଂଲାଦେଶ ହାଇକମିସନରଙ୍କୁ ସମନ୍ କରିଛନ୍ତି । ଭାରତୀୟମାନଙ୍କ ନିରାପତ୍ତା ପ୍ରତି ଗୁରୁତ୍ୱ ଦେବାଲାଗି ତାଙ୍କୁ ଭାରତ ସରକାର ପରାମର୍ଶ ଦେଇଛନ୍ତି । ଏହାସହିତ ନିରାପତ୍ତା କାରଣରୁ ରାଜଧାନୀ ଢାକାସ୍ଥିତ ଭାରତୀୟ ଭିସା ଆବେଦନ କେନ୍ଦ୍ର (ଆଇଭିଏସି) କୁ ବନ୍ଦ କରି ଦିଆଯାଇଛି ।

ଆଜି କେତେକ ଚରମପନ୍ଥୀ ସଂଗଠନ ପକ୍ଷରୁ ଭାରତର ହାଇକମିସନ ଅଫିସ ଘେରାଉ କରାଯିବା ଲାଗି ଉଦ୍ୟମ ହୋଇଥିଲା । ସଂଗଠନର କର୍ମୀମାନେ ହାଇକମିସନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ସେମାନେ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ପୁଲିସ ଆଗକୁ ବଢ଼ିବାକୁ ଦେଇନଥିଲା । ସେମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ସହିତ ବିତାଡ଼ିତ

**ବାଂଲା ହାଇକମିସନରଙ୍କୁ ସମନ୍**

**ଢାକାରେ ଭାରତ ଭିସା କେନ୍ଦ୍ର ବନ୍ଦ**

ପ୍ରଧାନମନ୍ତ୍ରୀ ହସିନାଙ୍କୁ ତୁରନ୍ତ ଫେରାଇବା ଲାଗି ଦାବି କରିଥିଲେ । ବାଂଲାଦେଶ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ନେତା ହସନାତ ଅବଦୁଲ୍ଲା ଧମକ ଦେବାର ଗୋଟିଏ ଦିନ ପରେ ଗତକାଲି ଭାରତୀୟ ହାଇକମିସନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ▶ପୃଷ୍ଠା-୭

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

■ ପୁରୀ, ୧୭।୧୨ (ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି । ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି । ଏବେ ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ଏ ମୋବାଇଲରୁ ସେ ମୋବାଇଲକୁ ଘୂରି ବୁଲୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା କିମ୍ବା ନିୟମ ହେଲେ କିଛିଦିନ ଧରପଗଡ଼ ହୋଇଥାଏ । ଧୀରେ ଧୀରେ ତା' ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ । ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବା ବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ▶ପୃଷ୍ଠା-୭



**ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ**

## ସ୍କୁଲ୍ ସୂଚନା ଫଳକ ପଡ଼ି ଛାତ୍ର ମୃତ

■ କୋଟପାଡ଼, ୧୭।୧୨ (ସମିସ): କୋଟପାଡ଼ ଥାନା ଅନ୍ତର୍ଗତ ଡାମନାହାଣ୍ଡି ପଞ୍ଚାୟତ ସରକାରୀ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ଗାନ୍ଧୀନଗରଠାରେ ସୂଚନା ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନ୍ୟ ୨ ଜଣ ଛାତ୍ର ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ମୃତକ ଛାତ୍ର ହେଲେ ଗୁମୁଡ଼ା ପଞ୍ଚାୟତ ସୂଉନିଗୁଡ଼ା ଗ୍ରାମର ପ୍ରେମାନନ୍ଦ ଭତ୍ରା । ସେ ତୃତୀୟ ଶ୍ରେଣୀ ରେ ପାଠ ପଢୁଥିଲେ । ସୂଚନା ମୁତାବକ ଆଜି ସକାଳେ ପ୍ରେମାନନ୍ଦ ଓ ତାଙ୍କର ଦୁଇଜଣ ସାଙ୍ଗ ସ୍କୁଲ ଭିତରେ ଥିବା ଇଟା ତିଆରି ସୂଚନା ଫଳକକୁ ଲାଗି ବସି ଦାନ୍ତ ଘଷୁଥିଲେ । ହଠାତ୍ ସୂଚନା ଫଳକ ପ୍ରେମାନନ୍ଦଙ୍କ ଉପରେ ପଡ଼ିଥିଲା । ଫଳରେ ସେ ଫଳକ ତଳେ ଦବି ଯାଇଥିଲେ । ▶ପୃଷ୍ଠା-୭

**୨ ଗୁରୁତର; କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ**

## ମହିଳା ମହାବିଦ୍ୟାଳୟ ଅତିଥି ଅଧ୍ୟାପିକାଙ୍କୁ ହତ୍ୟା

■ କେନ୍ଦୁଝର, ୧୭।୧୨ (ସମିସ): କେନ୍ଦୁଝର ସହରରେ ବୁଧବାର ଜଣେ ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଟାଉନ ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତାଙ୍କର ପୁରୁଷ ବନ୍ଧୁ ରୁଦ୍ରନାରାୟଣ ମିଶ୍ରଙ୍କୁ ଗିରଫ କରିଛି । ଅଧ୍ୟାପିକା ଗତକାଲି ଛୁଟିରେ ଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ପରିବାର ପକ୍ଷରୁ ମୃତା ଅଧ୍ୟାପିକାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଟାଉନ ଥାନାରେ ଏତଲା ଦେଇଛନ୍ତି । ଟାଉନ ପୁଲିସ ଏକ ମାମଲାରେ ଓ ଡି ୦ ୯ - ଏମ୍ - ୩ ୧ ୩ ୨ ନମ୍ବର ବିଶିଷ୍ଟ ମାରୁତି ସ୍ୱିଫ୍ଟ ଡିଜାୟାର କାର୍‌କୁ ଜବତ କରିଛି । ଅଭିଯୁକ୍ତ ଜଣକ ଡାକ୍ତରଖାନାରେ ଅଧ୍ୟାପିକାଙ୍କ ମୃତଦେହ ଛାଡି ଉକ୍ତ କାର୍ ଯୋଗେ ଫେରାର୍ ହୋଇଯାଉଥିବା ସମୟରେ ପୁଲିସ ପିଛା କରି କେନ୍ଦୁଝର ସହରର ବିଜୁ ପଟ୍ଟନାୟକ ଛକ ନିକଟରୁ କାର୍‌ଟିକୁ ଜବତ କରିଥିବା ସୂଚନା ମିଳିଛି ।

କେନ୍ଦୁଝର ଟାଉନ ଥାନା ମାଇନିଂରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥିାଲେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ପ୍ରିୟଙ୍କା ଦାଶ (୨୫) । ସେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ତାଳପଦା ଗ୍ରାମର ଧିରେନ୍ଦ୍ର ପ୍ରସାଦ ଦାଶଙ୍କ ଝିଅ ଏବଂ ଦୁଇ ବର୍ଷ ▶ପୃଷ୍ଠା-୭

**ପୁରୁଷ ବନ୍ଧୁ ଗିରଫ, କାର୍ ଜବତ**

### ବନ ବିଭାଗରେ 'ଥର୍' କମ୍ପନ

# 'ମୋଡିଫିକେସନ୍'ର ତଦନ୍ତ ହେବ: ମନ୍ତ୍ରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ଜଙ୍ଗଲ ବିଭାଗ କିଣିଥିବା ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣା ଓ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାର ମୋଡ଼ିଫିକେସନ ଖର୍ଚ୍ଚକୁ ନେଇ ସୃଷ୍ଟି ହୋଇଛି କମ୍ପନ । କିଣାଯାଇଥିବା ଥର ଗାଡ଼ିଗୁଡ଼ିକର ସବୁଠାରୁ ଟପ୍ ମଡ଼େଲର ମୂଲ୍ୟ ୧୯ ଲକ୍ଷ ଟଙ୍କା ହୋଇଥିବାବେଳେ ୧୪ ଲକ୍ଷ ଟଙ୍କାର ଗାଡ଼ି କିଣି ଏଥିରେ ପୁଣି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପ୍ରସଙ୍ଗ ଲୋକମାନଙ୍କ ମଗଜରେ ପଶୁନାହିଁ । ଏମିତି କି ମୋଡ଼ିଫିକେସନ ହେଲା ଯେ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେଲା, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ପ୍ରକାଶ ପରେ ବିଭାଗରେ ହଇଚଇ ସୃଷ୍ଟି ହୋଇଛି ।

ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମୁହଁ ଖୋଲିଛନ୍ତି ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ବୁଧବାର ମନ୍ତ୍ରୀ କହିଛନ୍ତି ଯେ, ଗାଡ଼ିଗୁଡ଼ିକର ମୋଡିଫିକେସନର ଆବଶ୍ୟକତା ଥିବା ଦୃଷ୍ଟିରୁ ହେଇ ଥାଇପାରେ । କିନ୍ତୁ ଯଦି ଆବଶ୍ୟକତା ଠାରୁ ଅଧିକ ହୋଇଥାଏ, ଖର୍ଚ୍ଚ ଅଧିକ ହୋଇଥାଏ ତା ହେଲେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ । ଏହି ଗାଡ଼ିଗୁଡ଼ିକ ବର୍ତ୍ତମାନ ପିସିସିଏଫ୍‌ଙ୍କ ଅଧୀନରେ ରହିଛି । କ'ଣ ପାଇଁ ଅଧିକ ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ବିଭାଗୀୟ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ବନ ବିଭାଗରେ ଭାଳେଣି ପଡ଼ିଛି । କାରଣ ଏହି ଗାଡ଼ିଗୁଡ଼ିକ କିଣାଯିବା ଓ ଏହାର ଉଦ୍‌ଘାଟନ ହେବାକୁ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିବାଦ ଏବେ ଉଷ୍ମ ହୋଇଛି । ବଡ଼ କଥା ହେଉଛି ଯେ, ରାସ୍ତା ଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ▶ପୃଷ୍ଠା-୭




**୧୪ ଲକ୍ଷର ଗାଡ଼ିରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକରି ହୋଇଥିଲା ମୋଡିଫିକେସନ**


C. V. Raman Global University
ODISHA BHUBANESWAR INDIA

CGU ODISHA

ADMISSION OPEN

**Engineering & Technology**

B.TECH. IN :
- Computer Science (CSE, CS &IT, CS - AI & ML, CSE-Data Sc., IoT & Cyber Security, Robotics & AI, AI & Data Sc.)
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA

MARINE ENGINEERING
- B. Tech
- GP Rating
- STCW
- GME
- High Voltage
- CCMC

M TECH IN :
- Compuer Sc. & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Heat Power Engg.
- Electronics & Commun. Engg. (Signal Processing & Commun.)
- M.Sc in Computer Sc
- MCA

Ph.D. (DOCTORAL) PROGRAMS
- CSE
- Chemical Engg.
- Civil Engg.
- ECE
- Electrical Engg.
- Mechanical Engg

INTEGRATED PH.D. (iPHD) PROGRAMS

DIPLOMA ENGINEERING
- Comp. Sc. & Engg
- Civil Engg
- Electrical Engg
- Mechanical Engg
- Electronics & Telecom. Engg

**Physical & Mathematical Sc**
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

**Tourism and Hospitality**
- B.Sc in Hotel & Hospitality Admin.
- Bachelor of Hotel Management & Catering Technology
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

**Management & Law**
- BBA (Bachelor in Business Administration)
- MBA (Master in Business Administration )
- Ph.D. in Business Management


**Pharmacy**
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

**Forensic Sciences**
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics
  - Forensic DNA

**Agriculture and Allied Sc**
- B.Sc. in Agriculture
- M.Sc in - Zoology, Botany, Bio-tech

**Humanities and Social Sc.**
- M.A. in English
- Ph.D. in English

CGET 2026
(for UG,PG and Ph.D. programs)
Apply ONLINE
No Application Fee/No Exam Fee



Scan the code to APPLY Now

www.cgu-odisha.ac.in
admission@cgu-odisha.ac.in

CAMPUS :
C. V. Raman Global Unversity,
Bidyanagar, Janla, Bhubaneswar-752054, Odisha

0674-6636555
+91-9040021102
+91-9040021100/101/103

# କଥାକାର ଅଖିଳମୋହନ ପଟ୍ଟନାୟକ



ଆଜି ଆସିଥିଲେ


ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ଜଣେ କାଳଜୟୀ ଗାଳ୍ପିକ ଥିଲେ ଅଖିଳମୋହନ ପଟ୍ଟନାୟକ। ତାଙ୍କ ସୃଷ୍ଟିର ସମ୍ଭାର ମଣିଷ ହୃଦୟ ଓ ମସ୍ତିଷ୍କର ଅନ୍ତଃରହସ୍ୟକୁ ଖୋଜିବାରେ ସିଦ୍ଧହସ୍ତ। ତାଙ୍କର ସମସାମୟିକ ଲେଖକମାନେ ଗ୍ରାମ୍ୟ ପୃଷ୍ଠଭୂମି ଉପରେ ଲେଖୁଥିବାବେଳେ ତାଙ୍କର ସାହିତ୍ୟ ସର୍ଜନା ସହରୀ ଜୀବନ ଉପରେ ପର୍ଯ୍ୟବସିତ ଥିଲା। ଧନାଢ୍ୟ ପରିବେଶରେ ଲୁଚିଥିବା ଅବ୍ୟକ୍ତ ଯନ୍ତ୍ରଣା ଓ କ୍ଷତକୁ ସେ କଲମମୁନରେ ପରିସ୍ଫୁଟ କରିପାରିଥିଲେ। କଥାଶିଳ୍ପୀ ଅଖିଳମୋହନ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବାଙ୍କବିହାରୀ ପଟ୍ଟନାୟକ ଥିଲେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ। ସେ ୧୯୪୪ ମସିହାରେ ଖୋର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ଓ ୧୯୪୮ ମସିହାରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବି.ଏ. ପାସ୍ କରିଥିଲେ। ୧୯୫୨ ମସିହାରେ ସେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ଛାତ୍ରଜୀବନରୁ ସେ ବାମପନ୍ଥୀ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇଥିଲେ। ଏଥିପାଇଁ ସେ କଲେଜରୁ ବରଖାସ୍ତ ହେବା ସହ କାରାବରଣ କରିଥିଲେ। ଜେଲ୍‌ରେ ଥିବା ସମୟରେ ସେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କର କିଛି ଗପ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା। ଏକ ପତ୍ରିକାରେ ତାଙ୍କ ଲେଖା ବାହାରିବା ଜିଦ୍‌ରେ ସେ ଗପ ଲେଖିବା ଆରମ୍ଭ କରିଥିଲେ। ତାପରେ ସେ ଆଉ ପଛକୁ ଫେରି ନ ଥିଲେ। ଅଖିଳମୋହନ ପେସାରେ ଜଣେ ଓକିଲ ଥିଲେ। ତାଙ୍କ ସାହିତ୍ୟର ମୁଖ୍ୟ ଉପଜୀବ୍ୟ ଥିଲା ସହରୀ ଜୀବନ। ୧୯୪୮ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ସପନ' ଶଙ୍ଖ ପତ୍ରିକାରେ ପ୍ରକାଶ ପାଇଥିଲା। ୧୯୬୪ରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର'। ସେ ଲେଖିଥିବା ସଂପୂର୍ଣ୍ଣ ଭିନ୍ନ ଧରଣର ଗଳ୍ପଗୁଡ଼ିକ ଆଧୁନିକ ଗଳ୍ପ ଜଗତକୁ ଋଦ୍ଧିମନ୍ତ କରିଥିଲା। ୧୯୮୧ରେ ଗଳ୍ପ ସଂକଳନ 'ଓ ଅନ୍ଧଗଳି' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଗଳ୍ପ ସଂକଳନ 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ', ଭ୍ରମଣ ବୃତ୍ତାନ୍ତ 'ଅନ୍ୟ ଦେଶ', ଜୀବନୀ ସଂକଳନ 'ବାଘରାଣୀ ଖଇରୀ' ପ୍ରମୁଖ ତାଙ୍କର ଅନ୍ୟାନ୍ୟ ଲୋକପ୍ରିୟ ପୁସ୍ତକ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇସାରିଛି। ଏକଦା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା "ସମାବେଶ"ର ସମ୍ପାଦକ ଭାବରେ ସେ ବହୁ ନୂଆ ଲେଖକଙ୍କୁ ଆଗକୁ ଆଣିଥିଲେ। ପତ୍ରିକା ସମ୍ପାଦନାରେ ଅନେକ କ୍ରାନ୍ତିକାରୀ ପରିବର୍ତ୍ତନ ତାଙ୍କରି ନେତୃତ୍ୱରେ ଆସିଥିଲା। ୧୯୮୨ ନଭେମ୍ବର ୨୯ ତାରିଖରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା। ଅଖିଳ ମୋହନଙ୍କ ସ୍ମୃତିରେ ପ୍ରତିବର୍ଷ ତାଙ୍କ ଜନ୍ମଦିନ ୧୮ ଡିସେମ୍ବର ଦିନ "ଅଖିଳ ଉତ୍ସବ" ପାଳନ କରାଯାଏ।

## ଆଜିର ଇତିହାସ

- ୧୭୭୭-ଆମେରିକାରେ ପ୍ରଥମ ଥର 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ କରାଗଲା।
- ୧୯୫୬: ମିଳିତ ଜାତିସଂଘର ସଦସ୍ୟ ହେଲା ଜାପାନ।
- ୧୯୬୦: ଦିଲ୍ଲୀରେ ରାଷ୍ଟ୍ରୀୟ ସଂଗ୍ରହାଳୟର ଉଦ୍‌ଘାଟନ।
- ୨୦୦୫: କାନାଡାରେ ଗୃହଯୁଦ୍ଧ ଆରମ୍ଭ।
- ୨୦୧୪- ରକେଟ୍ ଜିଏସ୍ଏଲ୍‌ଭି ମାର୍କ-୩ ରକେଟ୍‌କୁ ମହାକାଶକୁ ପ୍ରକ୍ଷେପଣ କରାଗଲା।

# 'ପଠାନ୍ ୨'ରେ ଜୁନିୟର ଏନ୍‌ଟିଆର୍





ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ ଦୀର୍ଘ ଦିନ ଧରି ପରଦାରୁ ଗାଏବ ରହିବା ପରେ ୨୦୨୩ରେ 'ପଠାନ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିଥିଲେ। ଏହା ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଇତିମଧ୍ୟରେ 'ପଠାନ୍'ର ସିକ୍ୱେଲ ଆସିବ ବୋଲି ଘୋଷଣା କରାଯିବା ପରେ ଏହାକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଏହି ଫିଲ୍ମର ଷ୍ଟାରକାଷ୍ଟକୁ ନେଇ ଲଗାତାର ଖବର ଆସୁଛି। ଏଥିରେ ଶାହାରୁଖ୍‌ଙ୍କ ସହ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ ଲିଡ୍ ରୋଲରେ ନଜର ଆସିପାରନ୍ତି। ଆଦିତ୍ୟ ଚୋପ୍ରା ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସହ କଥାବାର୍ତ୍ତା ଚଳାଇଥିବା ଜଣାପଡ଼ିଛି। ପ୍ରଥମେ ଆଦିତ୍ୟ, ଜୁନିୟର୍ ଏନ୍‌ଟିଆର୍‌ଙ୍କୁ ନେଇ 'ଏଜେଣ୍ଟ ବିକ୍ରମ' ନାମକ ଫିଲ୍ମ କରିବାକୁ ଚାହୁଁଥିଲେ। 'ୱାର୍ ୨' ଫ୍ଲପ୍ ହେବା ପରେ ଏହି ଫିଲ୍ମକୁ ଆଦିତ୍ୟ ବନ୍ଦ କରି ଦେଇଛନ୍ତି। ଏହାପରେ ସେ 'ପଠାନ୍ ୨'ରେ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି ପାଇଁ ଯୋଜନା କରିଥିଲେ। ତେବେ ଏଥିରେ ଜୁନିୟର୍ ଏନ୍‌ଟିଆର୍, ଶାହାରୁଖଙ୍କ ଭଳି ଲିଡ୍ ରୋଲରେ ନଜର ଆସିବେ କି ଖଳନାୟକ ଭାବେ ଦେଖାଯିବେ ତାହା ସ୍ପଷ୍ଟ ହୋଇ ନାହିଁ। 'ଆଲ୍ଫା'ର ରିଲିଜ୍ ପରେ ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆରମ୍ଭ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ମହିଳାଙ୍କ ନିଆରା ନିଷ୍ପତ୍ତି ଶାନ୍ତିରେ ରହିବା ପାଇଁ ନିଜ ସହ ବିବାହ



ବଦଳୁଥିବା ସମୟାନୁସାରେ ବିବାହ ଧାରାରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଭାରତୀୟ ବିବାହଗୁଡ଼ିକରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ପଡୁଥିବାର ଦେଖାଗଲାଣି। ନିକଟରେ ମେକ୍ସିକୋର ଜଣେ ମହିଳା ନିଜ ସହ ବିବାହ କରି ସଭିଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। କିମ୍ ଆଡମ୍ସ ନାମ୍ନୀ ଏହି ୪୫ ବର୍ଷୀୟା ମହିଳା ଜଣକ ମେକ୍ସିକୋ ସମୁଦ୍ରତଟରେ ଧଳାରଙ୍ଗର ୱେଡିଂ ଗାଉନ୍ ପିନ୍ଧି ନିଜକୁ ବିବାହ କରିଥିଲେ। ବିଶେଷ କଥା ହେଉଛି, ଏହି ବିବାହ ବିନାବରରେ ଅନୁଷ୍ଠିତ ହୋଇଥିଲା। କିମ୍ ନିଜ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଜୀବନରେ ଅନେକ କଠିନ ପରିସ୍ଥିତିର ସମ୍ମୁଖୀନ ହେବାପରେ ସେ ଆତ୍ମସମ୍ମାନ ଓ ଶାନ୍ତି ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। କାଲିଫର୍ଣ୍ଣିଆର ମୂଳ ନିବାସୀ କିମ୍ ଏବେ ମେକ୍ସିକୋ ପ୍ୟୁର୍ଟୋ ବଲାର୍ଟାରେ ରହୁଛନ୍ତି। ତାଙ୍କ କହିବାନୁଯାୟୀ, ବିଗତ କିଛି ବର୍ଷ ତାଙ୍କ ଜୀବନର ଖୁବ୍ କଠିନ ସମୟ ଥିଲା। ଏହି ଖରାପ ପରିସ୍ଥିତି କେମିତି ସରିବ ସେ ତାକୁ ହିଁ ଅପେକ୍ଷା କରି ରହିଥିଲେ। ଅନେକ ବିଫଳ ସମ୍ପର୍କରୁ ବାହାରିବା ପରେ ସେ ତାଙ୍କର ୪୫ ତମ ଜନ୍ମଦିନ ୧ ନଭେମ୍ବରରେ ନିଜକୁ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ଦୁଃଖ କଷ୍ଟର ଦିନଗୁଡ଼ିକୁ ଭୁଲି ଏକ ନୂଆ ଆରମ୍ଭ କରିବାର ଅନୁଭୂତି ଉପଲବ୍ଧି କରିଥିଲେ। କିମ୍‌ଙ୍କର ବିବାହରେ ଆଦୌ ବିଶ୍ୱାସ ନ ଥିଲା। ତାଙ୍କ କହିବାନୁଯାୟୀ, ଅନେକ ଲୋକ ବୈବାହିକ ସମ୍ପର୍କକୁ ବିଗାଡ଼ିବାର ସେ ନିଜେ ଦେଖିଛନ୍ତି। ତାଙ୍କର ଅନେକ ସାଙ୍ଗଙ୍କର ମଧ୍ୟ ବିବାହ ବିଚ୍ଛେଦ ହୋଇସାରିଛି। ତେଣୁ ସେ କୁହନ୍ତି, ବିବାହ ଭଳି ଏକ ପ୍ରେମପୂର୍ଣ୍ଣ ସମ୍ପର୍କରେ ଆଇନ ବ୍ୟବସ୍ଥାର କି ଆବଶ୍ୟକତା ଅଛି। ତାଙ୍କର ଜଣେ ବନ୍ଧୁ କିମ୍‌ଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ସେ କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ନିଜେ ନିଜକୁ ବିବାହ କରିବା ଦ୍ୱାରା ଜଣେ ନିଜ ସର୍ତ୍ତ ଅନୁସାରେ ଜୀବନ ଜିଇଁ ପାରିବ ବୋଲି କିମ୍ କହିଛନ୍ତି।

# ମୁଣ୍ଡ ନୁଆଇଁ ଜଣାନ୍ତି ଅଭିବାଦନ



ଭାରତୀୟ ପରମ୍ପରାରେ ଲୋକେ ହାତ ମିଳାଇ ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଜାପାନରେ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଲୋକମାନେ ତଳକୁ ମୁଣ୍ଡ ନୁଆଁଇ ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଜାପାନୀ ସଂସ୍କୃତିରେ ଏହାକୁ 'ଓଜିଗୀ' କୁହାଯାଏ। ତେବେ ଜାପାନୀ ସଂସ୍କୃତିରେ ମୁଣ୍ଡ ନୁଆଇଁବା ବିନମ୍ରତାକୁ ଦର୍ଶାଏ। ମୁଣ୍ଡକୁ ଶରୀରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ଅଂଶ ଭାବେ ଜଣାଯାଏ। ମୁଣ୍ଡ ନଇଁବା ଅର୍ଥ ଜଣେ ଅନ୍ୟ ଜଣକୁ ସମ୍ମାନ ଦେଉଛନ୍ତି ତଥା ନିଜକୁ ସାମ୍ନାର ଲୋକଠାରୁ ଛୋଟ ବୋଲି ଦର୍ଶାଉଛନ୍ତି। ସେହିପରି କୌଣସି ସହକର୍ମୀଙ୍କୁ ଅଭିବାଦନ ଜଣାଇବା ହେଉ ବା ସାଙ୍ଗସାଥୀଙ୍କୁ ଧନ୍ୟବାଦ ଦେବା ମୁଣ୍ଡ ନୁଆଁଇବା ଏଠାରେ ଭଦ୍ରାମୀ ଓ ଶିଷ୍ଟାଚାରର ପ୍ରତୀକ ଭାବେ ଜଣାଯାଏ। ଜାପାନୀ ସଂସ୍କୃତିରେ ସାମାଜିକ ସଦ୍‌ଭାବକୁ ଖୁବ୍ ଗୁରୁତ୍ୱ ଦିଆଯାଏ। କେବଳ ସେତିକି ନୁହେଁ, କେଉଁ ବ୍ୟକ୍ତିଙ୍କ ସମ୍ମୁଖରେ କେତେ ତଳକୁ ନଇଁ ଅଭିବାଦନ ଜଣାଇବ, ସେ ନେଇ ମଧ୍ୟ ନିର୍ଦ୍ଦିଷ୍ଟ ନିୟମ ରହିଛି। ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କ ସମ୍ମୁଖରେ କିମ୍ବା କୌଣସି ଆନୁଷ୍ଠାନିକ ଅବସରରେ ସମ୍ପୂର୍ଣ୍ଣ ତଳକୁ ନଇଁ ଅଭିବାଦନ ଜଣାଯାଏ। ସାଙ୍ଗସାଥୀ ହୋଇଥିଲେ, ଅଳ୍ପ ମୁଣ୍ଡ ତଳକୁ କରି ଅଭିବାଦନ ଜଣାଯାଏ। ତେବେ ଜାପାନରେ ଏହି ପରମ୍ପରା ପଞ୍ଚମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଛି। ଏହାର ସମ୍ପର୍କ ବୌଦ୍ଧ ଧର୍ମ ସହ ରହିଛି। ସାଧାରଣତଃ ବୌଦ୍ଧଭିକ୍ଷୁମାନେ ବୁଦ୍ଧଙ୍କ ମୂର୍ତ୍ତି, ଶିକ୍ଷକ ଓ ଆଧ୍ୟାତ୍ମିକ ଶକ୍ତି ସମ୍ମୁଖରେ ମୁଣ୍ଡ ନୁଆଉଁଥିଲେ। ଏହାପରେ ଏହା ଜାପାନୀ ଲୋକଙ୍କର ଅଭିବାଦନଶୈଳୀର ଅଂଶ ପାଲଟିଗଲା।

# ଭାଇରାଲ ଟ୍ରେଣ୍ଡରୁ ଅଘଟଣ



ଆଜିକାଲି ବିବାହ ଓ ଜନ୍ମଦିନ ପାର୍ଟିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଲୋକେ ନୂଆ ନୂଆ ଟ୍ରେଣ୍ଡକୁ ଆପଣାଇଉଛନ୍ତି। ଏହି ଟ୍ରେଣ୍ଡ ସବୁବେଳେ ଯେ ସୁରକ୍ଷିତ, ସେମିତି ଭାବିବା ଭୁଲ। ବେଙ୍ଗାଲୁରୁରେ ତନ୍ୟା ଏବଂ କୁଶାଗ୍ରଙ୍କ ହଳଦି ସେରିମନିରେ ଭାଇରାଲ ଟ୍ରେଣ୍ଡରୁ ଏମିତି ଏକ ଅଘଟଣ ଘଟିଛି ଯେ, ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। କେବଳ ସେତିକି ନୁହେଁ, ଏହି ଘଟଣା ଅନ୍ୟମାନଙ୍କୁ ସଚେତନ ରହିବାର ଶିକ୍ଷା ପ୍ରଦାନ କରିଛି। ହଳଦି ରୀତିନୀତି ସମୟରେ ତନ୍ୟା ଏବଂ କୁଶାଗ୍ରଙ୍କ ଯେତେବେଳେ ପ୍ରବେଶ ହୋଇଛି ସେତିକିବେଳେ ହାଇଡ୍ରୋଜେନ୍ ବେଲୁନ୍ ବ୍ୟବହାର କରାଯାଇଥିଲା। ଏହା ଯୋଗୁଁ ଉଭୟ ବର-କନିଆ ଆହତ ହୋଇଛନ୍ତି। ଏହାର ଭିଡିଓ ଦୁହେଁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଲୋକଙ୍କ ନଜରକୁ ଆସିଛି। ସେମାନେ କହିଛନ୍ତ, କିଭଳି ଏକ ଟ୍ରେଣ୍ଡିଂ ଟ୍ରେଣ୍ଡ ସେମାନଙ୍କ ଜୀବନର ବିଶେଷ ଦିନକୁ ଭିନ୍ନ ଏକ ମୋଡ଼ରେ ପହଞ୍ଚାଇଛି। ଭିଡିଓରେ ଦେଖିବାକୁ ମିଳିଛି ତନ୍ୟା ଏବଂ କୁଶାଗ୍ର ହାଇଡ୍ରୋଜେନ୍ ବେଲୁନ ସହିତ ଏଣ୍ଟ୍ରି କରୁଥିଲେ। ଏତିକିବେଳେ ରଙ୍ଗ ଉଡ଼ାଉଥିବା ଗନ୍ ଉପରକୁ ଉଠିଲା ଏବଂ ଗରମ ଯୋଗୁଁ ବେଲୁନ୍ ଫାଟିଗଲା। ହଳଦି ଭଳି ଏକ ଖୁସିର ଉତ୍ସବରେ ଏମିତି ଏକ ଘଟଣା ଘଟିବ, ସେମାନେ କେବେ ଅନୁମାନ କରି ନ ଥିଲେ। ସେମାନଙ୍କର ଏଭଳି ଏଣ୍ଟ୍ରି ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା। ପ୍ରଥମେ ହାଇଡ୍ରୋଜେନ୍ ବେଲୁନ ଉଡ଼ିଥାନ୍ତା ଏବଂ ଏହା ପରେ କଲର ଗନ୍ ବ୍ୟବହାର କରାଯାଇଥାନ୍ତା। ହେଲେ କିଏ ଗନ୍‌କୁ ବେଲୁନ୍ ଉଡ଼ିବା ବେଳେ ବ୍ୟବହାର କରି ଦେଇଥିଲେ। ଫଳରେ ବିସ୍ଫୋରଣ ଘଟିଥିଲା। ଏହି ଘଟଣାଟି କେବଳ ଭୟଙ୍କର ନ ଥିଲା, ବରଂ ଥିଲା ଖୁବ୍ ଯନ୍ତ୍ରଣାଦାୟକ। ଏଥିରେ ତନ୍ୟାଙ୍କ ମୁହଁ ଏବଂ ପିଠି ଜଳି ଯାଇଥିଲା। ସେହିପରି ବର କୁଶାଗ୍ରଙ୍କ ହାତ ଏବଂ ପିଠି ପୋଡ଼ି ଯାଇଥିବାବେଳେ ଉଭୟଙ୍କର କେଶ ବି ଜଳି ଯାଇଛି। ଅବଶ୍ୟ ଏହି ଘଟଣା ପରେ ସେମାନଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ମିଳିଯିବାରୁ ବେଶି କିଛି କ୍ଷତି ହୋଇ ନାହିଁ। ଅନ୍ୟପଟେ ଏଭଳି ଏକ ଅଘଟଣ ଘଟିବା ସତ୍ତ୍ୱେ ତନ୍ୟା ଏବଂ କୁଶାଗ୍ର ବିବାହର ଅନ୍ୟ ରୀତି ଅଟକାଇ ନ ଥିଲେ। ସେମାନେ କହିଛନ୍ତି ସୋସିଆଲ ମିଡିଆ ଟ୍ରେଣ୍ଡ ପଛରେ ଦୌଡ଼ିବା ପୂର୍ବରୁ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ସେମାନଙ୍କର ଏହି ଘଟଣାରୁ ଲୋକଙ୍କୁ ବୁଝିବା ଦରକାର ଯେ, ଯେକୌଣସି ଉତ୍ସବ ପାଳନ ପୂର୍ବରୁ ପ୍ରଥମେ ନିଜ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ।

# ଇଲେକ୍ଟ୍ରିକ୍ କମ୍ବଳ

ଶୀତ ଦିନ ଆସିଲେ ଲୋଡ଼ା ପଡ଼େ କମ୍ବଳ। ଏବେ ଇଲେକ୍ଟ୍ରିକ୍ କମ୍ବଳର ଲୋକପ୍ରିୟତା ବୃଦ୍ଧି ପାଉଛି। ଏହା ତୁରନ୍ତ ଉଷୁମ ପ୍ରଦାନ କରିବା ସହ ହିଟର୍ ଭଳି ଘରର ଆର୍ଦ୍ରତା ବୃଦ୍ଧି କରୁ ନ ଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଇଲେକ୍ଟ୍ରିକ୍ କମ୍ବଳ ଭିତରେ ହିଟିଂ ୱେୟାର୍ ଲାଗିଥାଏ। ଏହାସହ ଏଥିରେ କମ୍ ଭୋଲଟେଜ୍‌ରେ ବିଜୁଳି ପ୍ରବାହିତ ହୁଏ। ଏହି ବିଜୁଳି ଉତ୍ତାପ ସୃଷ୍ଟି କରେ। ଫଳରେ କମ୍ବଳ କିଛି ମିନିଟ୍‌ରେ ଉଷୁମ ହୋଇଯାଏ। ତେବେ ଅଧିକାଂଶ ଇଲେକଟ୍ରିକ୍ କମ୍ବଳରେ ଥର୍ମୋଷ୍ଟେଟ୍ ଥାଏ। ତା'ସହ ତାପମାତ୍ରା ଯେଭଳି କମ୍ବଳର ବୃଦ୍ଧି ନ ପାଇବ ସେଥିରେ ତାପମାତ୍ରା ନିୟନ୍ତ୍ରକ ଥାଏ। ଅନ୍ୟପଟେ ଏହାକୁ ଠିକ୍ ଭାବେ ବ୍ୟବହାର କରିବା ଦ୍ୱାରା ଇଲେକ୍ଟ୍ରିକ୍ କମ୍ବଳରେ କରେଣ୍ଟ ଲାଗିବାର ଆଶଙ୍କା କମ୍ ଥାଏ। ତେବେ ଏଥିରେ ଯେ କରେଣ୍ଟ ଲାଗିବ ନାହିଁ ତାହା ଆଦୌ ମନା କରାଯାଇ ପାରିବ ନାହିଁ। ୱାଟିଂ ଖରାପ ହୋଇଥିଲେ, କମ୍ବଳ ଫାଟି ତାର ବାହାରକୁ ବାହାରି ଯାଇଥିଲେ, ଶସ୍ତା ବ୍ରାଣ୍ଡର ହୋଇଥିଲେ ତଥା କମ୍ବଳରେ ପାଣି ଲାଗିଥିଲେ ବିଦ୍ୟୁତ୍ ଝଟ୍‌କା ଲାଗିଥାଏ। ତେଣୁ ଏହାକୁ ବ୍ୟବହାର କରିବା ବେଳେ ଯଦି ଏହା ପୁରୁଣା ମଡେଲ ହୋଇଥାଏ କିମ୍ବା ଏହାର ୱେୟାରିଂ ଖରାପ ଥିଲେ ବିପଦ ଆଶଙ୍କା ଦେଖାଦିଏ। ଇଲେକ୍ଟ୍ରିକ୍ କମ୍ବଳରେ ବିଜୁଳି ଖର୍ଚ୍ଚ କମ୍ ହୋଇଥାଏ, ଶୀଘ୍ର ଗରମ ହୁଏ, ତାପମାତ୍ରାକୁ ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯାଇପାରେ ଏବଂ ଆରାମଦାୟକ ହୋଇଥାଏ। ସେହିପରି ଏହାକୁ ଦୀର୍ଘ ସମୟ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କ ହୋଇଯାଏ। ତା'ସହ ଆଲର୍ଜି ଥିବା ଲୋକେ ଏହାକୁ ବ୍ୟବହାର କରିବା ଅନୁଚିତ ଏବଂ ପିଲା ଓ ବୟସ୍କ ବ୍ୟବହାର କରୁଥିଲେ ସେମାନଙ୍କ ଉପରେ ଦୃଷ୍ଟି ରଖିବା ଉଚିତ।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ ହେବ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। କୌଣସି କଥାକୁ ନେଇ ମନ ଊଣା ହେବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। । ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। କାର୍ଯ୍ୟରେ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହୋଇପାରେ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

# ନବୀନଙ୍କୁ ଭେଟିଲେ ନୂଆପଡ଼ା ବିଜେଡି ନେତା

## ଉପନିର୍ବାଚନ ଓ ଚାଷୀଙ୍କ ସମସ୍ୟା ବିଷୟରେ କଲେ ଆଲୋଚନା



ଭୁବନେଶ୍ୱର,୧୭।୧୨(ସମିସ): ନୂଆପଡ଼ା ବିଜେଡିର ନେତାମାନେ ବୁଧବାର ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନିକଟରେ ଶେଷ ହୋଇଥିବା ନୂଆପଡା ଉପ ନିର୍ବାଚନ ଓ ଧାନ ମଣ୍ଡିରେ ଜିଲ୍ଲାର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସଦ୍ୟ ସମାପ୍ତ ନୂଆପଡା ଉପନିର୍ବାଚନରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କରେ ସେମାନେ ବିଜେଡି ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ନୂଆପଡା ଜିଲ୍ଲାରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ନୂଆପଡା ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ,ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଉପସଭାପତି ଭାନୁ ପ୍ରସାଦ ସିଂହ ମାଝୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ

## ଜନତା ଦେବେ ସୋନିଆ ଓ ରାହୁଲଙ୍କ ଅପମାନର ଦଣ୍ଡ: ଭକ୍ତ

ଭୁବନେଶ୍ୱର,୧୭ ।୧୨(ସମିସ): କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି। ମିଥ୍ୟା ମାମଲାରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ କେସରେ ଫସାଇ ଦୀର୍ଘବର୍ଷ ଧରି ହଇରାଣ ହରକତ କରାଯାଇଛି। ଏହି ମାମଲାରେ କୋର୍ଟଙ୍କ ଶୁଣାଣିକୁ ଆଧାର କରି କଂଗ୍ରେସ ଏହାକୁ ନିଜର ନୈତିକ ବିଜୟ ବୋଲି କହିଛି। ଏହା ସହିତ ବିଜେପିର ପ୍ରତିହିଂସା ପରାୟଣ ରାଜନୀତି ଦେଶ ଆଗରେ ଉଜାଗର ହୋଇଛି ବୋଲି ଦଳ କହିଛି। ଏହି ପରିପ୍ରେକ୍ଷୀରେ ଆଜି କଂଗ୍ରେସ ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରଉ ପାଇଁ ଉଦ୍ୟମ କରାଯାଇଛି। ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ କରି ଦଳର ନେତା ଓ କର୍ମକର୍ତ୍ତାମାନେ ଶୋଭାଯାତ୍ରା କଂଗ୍ରେସ ଭବନଠାରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ଘେରଉ କରିଛନ୍ତି।

ଅନ୍ୟପଟେ ଏହି ଘେରଉ ପୂର୍ବରୁ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ ଘରି ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ର ବିଜେପି



ସରକାର ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ସମ୍ବିଧାନକୁ ସୁରକ୍ଷା ଦେଉଥିବା ଦଳ କଂଗ୍ରେସ ଏବଂ ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ବ୍ୟକ୍ତିଗତ ବିଦ୍ୱେଷ ରଖି ବିଗତ ୧୨ ବର୍ଷ ଧରି ହଇରାଣ ଏବଂ ଅପମାନିତ କରି ଆସୁଥିଲେ। ଏହି ମିଥ୍ୟା ଦୁର୍ନୀତି ମାମଲାରେ ଇଡି ସହଯୋଗରେ ଦୀର୍ଘ ୭୫ ଘଣ୍ଟା ଜେରାକରି କଂଗ୍ରେସର ସର୍ବମାନ୍ୟ ନେତାଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଛନ୍ତି। ସମ୍ବିଧାନ ରଚନା କରିଥିବା କଂଗ୍ରେସ ସମସ୍ତ ସାମ୍ବିଧାନିକ ବ୍ୟବସ୍ଥାପକ ଓ ପ୍ରଶାସନିକ ଢାଞ୍ଚା ତିଆରି କରିଥିବା, ଏପରିକି ସୂଚନା ଅଧିକାର ଆଇନ ଆଣିଥିବା ସ୍ୱାଧୀନ ଚେତା କଂଗ୍ରେସର ତ୍ୟାଗ ଓ ବଳିଦାନ ସମକକ୍ଷ କେହି ନାହାନ୍ତି। କୌଣସି ଏଫ୍ଆଇଆର ବିନା କାହାରି ଅଭିଯୋଗରେ ସରକାର ଯେମିତି ତାହାର ସମସ୍ତ ସରକାରୀ କଳ ବ୍ୟବହାର କରି ଇଡି ମାଧ୍ୟମରେ ଜାତୀୟ ଓ ଆର୍ନ୍ତଜାତିକ ସ୍ତରରେ କଂଗ୍ରେସର ଛବିକୁ କଳୁଷିତ କରିବାର ଚେଷ୍ଟା କଲା, ତାହା ଦେଶପାଇଁ ଏକ ଅପମାନ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଏହି ଅପରାଧର ଅପରାଧୀ ବୋଲି ଭକ୍ତ କହିଛନ୍ତି। କୋର୍ଟଙ୍କ ଏହି ରାୟ ପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଦେଶ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ନ ହେଲେ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

ଏହି ଘେରଉ ବେଳେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୌସ ସାମିଲ ହୋଇଥିଲେ। ବିଧାୟିକା ଭାବେ କଟକବାସୀଙ୍କ ସେବା ଜାରି ରଖିବେ ବୋଲି କହିଛନ୍ତି।

- ଘେରଉରେ ସାମିଲ ହେଲେ ବିଧାୟିକା ସୋଫିଆ ଫିର୍ଦୌସ
- ସବୁ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ ବିକ୍ଷୋଭ ଆଜି

ଅନ୍ୟପଟେ ଏହି ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ୧୮ ତାରିଖ ଗୁରୁବାର ସମସ୍ତ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ କଂଗ୍ରେସ ପକ୍ଷରୁ ବିଜେପି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଦଳ ନିଷ୍ପତ୍ତି ନେଇଛି। ଆଜିର କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସିଦ୍ଧାର୍ଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ଅମୀୟ ପଟ୍ଟନାୟକ, ପ୍ରକାଶ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମପୁର-ଜୟପୁର ୬ ଲେନ୍ ରାସ୍ତା ପାଇଁ ୬ହଜାର କୋଟି: ମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର,୧୭।୧୨(ସମିସ): ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରି ୬ ହଜାର କୋଟି ଟଙ୍କା ବ୍ୟୟରେ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୀଳକଣ୍ଠନଗର ସରସ୍ୱତୀ ଶିଶୁ

- ନିର୍ମାଣ ହେବ ଗ୍ରେଟର୍ ବ୍ରହ୍ମପୁର ସିଟି, ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ
- ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ନିର୍ମାଣ ହେବ ଫୁଡ୍ ଷ୍ଟ୍ରିଟ୍

ବିଦ୍ୟାମନ୍ଦିରର ୪୨ତମ ବାର୍ଷିକୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଞ୍ଜାମ ଓ ବ୍ରହ୍ମପୁର ସହର ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ହୋଇଥିବା ବେଳେ ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୫୨କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଗଣଶିକ୍ଷା ବିଭାଗ ଛୁଟିରୁ ବାଦ୍ ପଡ଼ିଲା ଗୁରୁ ଦିବସ ଓ ଶିଶୁ ଦିବସ

# ପିଲାଙ୍କ ମନରୁ ମହାପୁରୁଷଙ୍କୁ ଦୂରେଇ ଦେବାର ଷଡ଼୍ଯନ୍ତ୍ର: ଶିକ୍ଷକ ସଂଘ

ଭୁବନେଶ୍ୱର, ୧୭ ।୧୨(ସମିସ): ଚଳିତ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ଓ ଶିଶୁଦିବସ ପାଳନକୁ ଛୁଟି ଦିବସରୁ ବାଦ୍ ଦିଆଯାଇଛି। ଏହି ଦୁଇଟି ଦିବସକୁ ପିଲାମାନେ ପାଳନ କରିବେ ନା ନାହିଁ, ସେନେଇ ମଧ୍ୟ ବିଜ୍ଞପ୍ତିରେ କୌଣସି ସ୍ୱଷ୍ଟତା ନାହିଁ। କାହିଁକି ଏହି ଦୁଇଟି ଦିବସକୁ ଛୁଟି ତାଲିକାରୁ ବାଦ୍ ଦିଆଗଲା, ସେ ସମ୍ପର୍କରେ ମଧ୍ୟ ବିଭାଗ ପକ୍ଷରୁ କୁଛି ସୂଚନା ଦିଆଯାଇ ନାହିଁ। ଫଳରେ ମହାପୁରୁଷଙ୍କୁ ପିଲାଙ୍କ ଠାରୁ ଦୂରେଇ ଦେବାକୁ ଏହା ଗଣଶିକ୍ଷା ବିଭାଗର ସୁଚିନ୍ତିତ ଷଡ଼୍ଯନ୍ତ୍ର ବୋଲି ଅଭିଯୋଗ ହୋଇଛି। ସେହିପରି ସରସ୍ୱତୀ ପୂଜାକୁ ମଧ୍ୟ ଛୁଟି ତାଲିକାରୁ ବାଦ୍ ଦିଆଯାଇଛି।

ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣାଙ୍କ ଜନ୍ମଦିନ ସେପ୍ଟେମ୍ବର ୫କୁ ବିଦ୍ୟାଳୟରେ ଗୁରୁଦିବସ ଭାବେ ପାଳନ କରାଯାଉଛି। ସେହିପରି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ନଭେମ୍ବର ୧୪ କୁ ଶିଶୁଦିବସ ଭାବେ ପାଳନ କରାଯାଉଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଉଭୟ ଦିନକୁ ପୂର୍ବରୁ ପାଳନଦିବସ ଉଲ୍ଲେଖ କରି ଛୁଟି ଦିବସ ଭାବେ ଘୋଷଣା କରୁଥିଲା। ସେହିଦିନ ପିଲାମାନେ ମହାପୁରୁଷଙ୍କ ବିଷୟରେ କହିବା ସହ ଅନେକ ତଥ୍ୟ ଓ ତାଙ୍କର ତ୍ୟାଗକୁ ଜାଣିପାରୁଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ପିଲାଙ୍କୁ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ କହିବା ସହ ଦେଶ ସ୍ୱାଧୀନତା ପାଇଁ ସଂଘର୍ଷ ସମ୍ପର୍କରେ ଅବଗତ କରୁଥିଲେ। ଫଳରେ ଡ. ରାଧାକ୍ରିଷ୍ଣନ୍ ଓ ନେହେରୁଙ୍କ ବିଷୟରେ ପିଲାମାନେ ଅଧିକ ଜାଣିବା ସହ ସ୍ୱାଧୀନତା ଆନ୍ଦୋଳନର ଇତିହାସକୁ ବୁଝିଥାନ୍ତି। ହେଲେ ଏହି ଦୁଇ ଦିନକୁ ଛୁଟି ତାଲିକାରୁ ବାଦ୍ ଦେବା ପରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ 'ପିଷ୍ଟା' ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଛୁଟି ତାଲିକାରୁ ବାଦ୍ ଦେଇ ଦୁଇ ସ୍ୱାଧୀନତା ସଂଗ୍ରାମୀ ତଥା ମହାପୁରୁଷଙ୍କ ନାମକୁ ଜନମାନସରୁ ଦୂରେଇ ଦେବାକୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଇତିହାସକୁ କଦର୍ଥ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଯାହା ଛାତ୍ରଛାତ୍ରୀଙ୍କୁ ବ୍ୟାପକ ଭାବେ କ୍ଷତି ପହଞ୍ଚାଇବ। ଏଣୁ ଛୁଟି ଦିବସରେ ଏହି ଦୁଇ ଦିବସକୁ ସାମିଲ କରି ପାଳନ ଦିବସ ଭାବେ ସ୍ଥାନିତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟପକ୍ଷରୁ ପ୍ରକାଶିତ ଛୁଟି ତାଲିକାରେ ରବିବାର ବ୍ୟତୀତ ଆଉ ୩୦ ଦିନକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ନେତାଜୀ ଜୟନ୍ତୀ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ, ଗଣେଶ ପୂଜା ଓ ଗାନ୍ଧୀ ଜୟନ୍ତୀକୁ ବିଦ୍ୟାଳୟରେ ପାଳନ କରାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ସୁଦାନରୁ ଫେରିଲେ ଓଡ଼ିଆ ଯୁବକ ଆଦର୍ଶ



- ଭାରତ ସରକାରଙ୍କ ଉଦ୍ୟମରେ ସ୍ୱଦେଶ ଆସିଲେ
- ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ କୃତଜ୍ଞତା

ଭୁବନେଶ୍ୱର/ଜଗତସିଂହପୁର, ୧୭।୧୨ (ସମିସ): ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁରର ଯୁବକ ଆଦର୍ଶ ବେହେରା ବୁଧବାର ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ କୋଟକଣା ଗ୍ରାମର ଆଦର୍ଶ ବେହେରା ସୁଦାନରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁ ପଣବନ୍ଦୀ ହୋଇ ରହିଯାଇଥିଲେ। ଏକ ଆତଙ୍କବାଦୀ ସଂଗଠନ ତାଙ୍କୁ ଏକ ଘରେ ବନ୍ଦୀ କରି ରଖିଥିଲା। ଆଦର୍ଶଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ତାଙ୍କ ପିତା କ୍ଷେତ୍ରବାସୀ ବେହେରା ଓ ମାତା ଆରତୀ ବେହେରା ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଏବଂ ଏସ୍ପିଙ୍କୁ ଭେଟି ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ହସ୍ତକ୍ଷେପ ଯୋଗୁଁ ତାଙ୍କୁ ସୁରକ୍ଷିତ ଉଦ୍ଧାର କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଗତକାଲି ରାତିରେ ଆବୁଧାବିରୁ ବିମାନ ଯୋଗେ ହାଇଦରାବାଦରେ ପହଞ୍ଚିଥିଲେ ଆଦର୍ଶ। ଆଜି ସକାଳେ ଭୁବନେଶ୍ୱରରେ ପହଞ୍ଚିବା ପରେ ପରିବାର ଲୋକେ ତାଙ୍କୁ ସେଠାରେ ଭେଟିଥିଲେ। ପରେ ଅପରାହ୍ନରେ ପରିବାର ସହିତ ଜଗତସିଂହପୁର ଫେରିଥିଲେ ଆଦର୍ଶ। ଘରକୁ ଯିବା ପୂର୍ବରୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍ପି ଅଙ୍କିତ କୁମାର ବର୍ମାଙ୍କ ଉପସ୍ଥିତିରେ କିପରି ଗୃହବନ୍ଦୀ ହେଲେ ଏବଂ ସେଠାରେ ଭୋଗିଥିବା ଅକଥନୀୟ ଦୁର୍ଦ୍ଦଶା ସଂପର୍କରେ କୋହଭରା କଣ୍ଠରେ ସୂଚନା ଦେଇଥିଲେ। ଦୀର୍ଘ ୩ ମାସ ଧରି ସେ ଭାତ ଖାଇ ନ ଥିବା ବେଳେ ସଠିକ୍ ସମୟରେ ଖାଇବାକୁ ମିଳୁ ନ ଥିଲା। ଏପରିକି ଦୂଷିତ ପାଣି ପିଇବା ପାଇଁ ଦିଆଯାଉଥିଲା ବୋଲି ଆଦର୍ଶ କହିଛନ୍ତି। ଆଦର୍ଶଙ୍କ ଫେରିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିବା ସହ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଅପରପକ୍ଷେ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମୁଁ ଓ ମୋ ପରିବାର ଋଣୀ ବୋଲି ଆଦର୍ଶ କହିଛନ୍ତି।

### ୨୦ ବର୍ଷ ପରେ ଦୁଷ୍କର୍ମ ଓ ହତ୍ୟା ଅଭିଯୁକ୍ତ ଦୋଷମୁକ୍ତ

# ଆଜୀବନ ଦଣ୍ଡାଦେଶ ହାଇକୋର୍ଟରେ ରଦ୍ଦ

କଟକ,୧୭।୧୨(ସମିସ): ଏକ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତକୁ ହାଇକୋର୍ଟ ଦୀର୍ଘ ୨୦ ବର୍ଷ ପରେ ଦୋଷମୁକ୍ତ କରିଛନ୍ତି। ଏହି ଘଟଣାରେ ରହିଥିବା ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀ ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡ ପ୍ରଦାନ କରି ଗତ ୨୦୦୫ ଜୁନ ୭ରେ ପୁରୀ ପ୍ରଥମ ଅତିରିକ୍ତ ଦୌରା ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ବରଜୁ ମାନିଆଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୁରୀ ସଦର ଥାନା ଅନ୍ତର୍ଗତ ପୋଡ଼ାତାରା ଗ୍ରାମର ଜଣେ ମହିଳା ଓ ତାଙ୍କ ଝିଅ ଗତ ୨୦୦୩ ମେ ୨୩ରେ ଗାଈ ଏବଂ ଛେଳି ଚରାଇବାକୁ ଯାଇଥିଲେ। ଅପରାହ୍ନ ସମୟରେ, ଦୁହେଁ ଘରକୁ ଫେରୁଥିବା ବେଳେ ଦୁଇଟି ଛେଳି ଆସି ନଥିବାରୁ ସେମାନଙ୍କୁ ଆଣିବାକୁ ଝିଅକୁ କହିଥିଲେ ମା'। ଝିଅ ଛେଳି ଖୋଜିବାକୁ ଯିବାରୁ ମା' ଘରକୁ ଏକା ଆସିଥିଲେ। ହେଲେ ଝିଅ ଫେରିବା ବହୁ ବିଳମ୍ବ ହେବାରୁ ସେ ଖୋଜିଖୋଜି ଯାଇ ଝିଅର କ୍ଷତାକ୍ତ ମୃତଦେହ ପଡିଥିବା ଦେଖିଥିଲେ। ପରେ ଆବେଦନକାରୀଙ୍କ ନାମରେ ପୁରୀ ସଦର ପୁଲିସ ଥାନାରେ ଏକ ଏତଲା ଦେଇଥିଲେ।

### ନର୍ଲା ନିର୍ବାଚନୀ ଅନିୟମିତତା ମାମଲା

# ଭକ୍ତଙ୍କ ସାକ୍ଷ୍ୟ ଗ୍ରହଣ ଶେଷ

କଟକ,୧୭ ।୧୨(ସମିସ): ଗତ ୨୦୨୪ ନର୍ଲା ବିଧାନସଭା ନିର୍ବାଚନ ଅନିୟମିତତା ଅଭିଯୋଗରେ ରୁଜୁ ମାମଲାରେ ଆଜି ଆବେଦନକାରୀ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ଶ୍ରୀ ଦାସ ହାଇକୋର୍ଟରେ ହାଜର ହୋଇଥିବା ବେଳେ ପ୍ରତିପକ୍ଷଙ୍କ ଆଇନଜୀବୀ ତାଙ୍କୁ ଜେରା କରିଥିଲେ। ପରବର୍ତ୍ତୀ ତାରିଖରେ ଆବେଦନକାରୀଙ୍କ ତରଫରୁ ପରବର୍ତ୍ତୀ ସାକ୍ଷୀ ହାଇକୋର୍ଟରେ ହାଜର ହେବା ପରେ ତାଙ୍କୁ ଜେରା କରାଯିବ ବୋଲି ଦର୍ଶାଯାଇଥିଲା। ଆସନ୍ତା ୨୦୨୬, ଜାନୁଆରୀ ୯କୁ ନିବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ସ୍ଥିର କରିଛନ୍ତି। ଶ୍ରୀ ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ସାଧାରଣ ନିର୍ବାଚନରେ ନର୍ଲା ଆସନରୁ ବିଧାୟିକା ଭାବେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନିର୍ବାଚିତ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ମିଥ୍ୟା ତଥ୍ୟ ସତ୍ୟପାଠରେ ଦାଖଲ କରିଥିବା ଅଭିଯୋଗ କରି ପରାଜିତ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ହାଇକୋର୍ଟରେ ନିର୍ବାଚନୀ ମକଦ୍ଦମା ଦାୟର କରିଥିଲେ। ଗତ ନଭେମ୍ବର ୨୭ରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା ବେଳେ ପ୍ରଥମ ସାକ୍ଷୀ ଭାବେ ଆବେଦନକାରୀଙ୍କ ସାକ୍ଷ୍ୟ ଗ୍ରହଣ ଆଜି ଶେଷ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ ଓ ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ଓଏସ୍ଏସ୍ଟିଇଟି ଅନ୍‌ଲାଇନ୍ ପଞ୍ଜୀକରଣ ୨୦କୁ ବୃଦ୍ଧି

କଟକ,୧୭ ।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି)-୨୦୨୫ ପାଇଁ ଚାଲିଥିବା ଅନଲାଇନ ପଞ୍ଜୀକରଣକୁ ଆବେଦନକାରୀଙ୍କ ଅନୁରୋଧକ୍ରମେ ଆସନ୍ତା ଡିସେମ୍ବର ୨୦ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗତ ଡିସେମ୍ବର ୬ରୁ ୨୪ ଘଣ୍ଟିଆ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇ ଡିସେମ୍ବର ୧୭ ତାରିଖ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଚାଲିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। ପ୍ରକାଶଥାଉକି, ଆସନ୍ତା ୨୦୨୬ ଜାନୁଆରୀ ୨୦ରେ ଓଏସଏସଟିଇଟି ଅନୁଷ୍ଠିତ ହେବ। ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଆସନ୍ତା ୨୦୨୬ଜାନୁଆରୀ ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ।

### ପିକ୍‌ନିକ୍ କରିବାକୁ ଆସି ବୁଡ଼ିଗଲେ

# ସମୁଦ୍ରରେ ଚାଲିଗଲା ଛାତ୍ରୀଙ୍କ ଜୀବନ

ପୁରୀ,୧୭।୧୨(ସମିସ): ସାଙ୍ଗସାଥୀଙ୍କ ସହ ଖୁସି ମନାଇବାକୁ ଆସିଥିଲେ। ହେଲେ କିଏ ଜାଣିଥିଲା ମୃତ୍ୟୁ ଛକି ବସିଛି ବୋଲି। ପିକ୍‌ନିକ କରିବାକୁ ଆସିଥିବା ଜଣେ ଛାତ୍ରୀଙ୍କର ସଲିଳ ସମାଧି ହୋଇଛି। ସମୁଦ୍ରରେ ଗାଧୋଇବା ବେଳେ ବୁଡ଼ିଯିବାରୁ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ଆଉ ତାଙ୍କୁ ଉଦ୍ଧା କରିବାକୁ ଯାଇ ଜଣେ ଶିକ୍ଷକ ଆହତ ହୋଇଛନ୍ତି। ଏଭଳି ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି ପୁରୀ-କୋଣାର୍କର ବେଳାଭୂମି ରାସ୍ତାର ବେଲେଶ୍ୱର ମହାଦେବ ମନ୍ଦିର ନିକଟ ବେଳାଭୂମିରେ। ମୃତ ଛାତ୍ରୀ ହେଉଛନ୍ତି କଟକ ବକ୍ସି ବଜାର ବଣିଆ ସାହିର ଶିକ୍ସାଶ୍ରୀ ସାହୁ। କଟକ ବାଦାମବାଡି ନିକଟସ୍ଥ ଏଆର୍ କ୍ରିଏସନ କୋଚିଂ ସେଣ୍ଟରର ଶତାଧିକ ଛାତ୍ରଛାତ୍ର ଓ ଶିକ୍ଷକ ବୁଧବାର ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବେଲେଶ୍ୱର ନିକଟ କୋକୋପାମ ଫାର୍ମ ହାଉସ୍‌ରେ ରହିଥିଲେ। ସେଠାରେ ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପାଠପଢାର ବ୍ୟସ୍ତତା ଭିତରୁ ବାହାରିଥିବା ପିଲାମାନେ ଖୁସି ମନାଇଥିଲେ। ପରେ ସେମାନେ ସମୁଦ୍ରରେ ସ୍ନାନ କରିବାକୁ ଚାହିଁଥିଲେ। ନିକଟସ୍ଥ ବେଲେଶ୍ୱର ବେଳାଭୂମି ସମୁଦ୍ରରେ ଗାଧୋଉଥିଲେ। ପିଲାମାନଙ୍କ ସହିତ ଶିକ୍ଷକ ଏବଂ ଲାଇଫଗାର୍ଡ ମଧ୍ୟ ରହିଥିଲେ। ହେଲେ ଶିକ୍ସାଶ୍ରୀ ରିପ୍ କରେଣ୍ଟରେ ପଡି ବୁଡ଼ି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଶିକ୍ଷକ ବିଶ୍ୱଜିତ୍ ସାହୁ ଚେଷ୍ଟା କରିଥିଲେ। ସେ ମଧ୍ୟ ଗୁରୁତର ହୋଇଛନ୍ତି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ଛାତ୍ରୀଙ୍କ ପରିବାରକୁ ଖବର ଦିଆଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଏହି ଦୁଃଖଦ ଘଟଣା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି।

**ଉଦ୍ଧାର କରିବାକୁ ଯାଇ ଶିକ୍ଷକ ଗୁରୁତର**

# ଆଉ ଓଡ଼ିଶା ଆସିବୁନି....

## ମହାରାଷ୍ଟ୍ର ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର

ଭୁବନେଶ୍ୱର,୧୧୭।୧୨(ସମିସ): ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ବାହାର ପର୍ଯ୍ୟଟକଙ୍କ ଓଡ଼ିଶା ଆଗମନ ପାଇଁ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବେଶ୍ ଆକର୍ଷଣୀୟ କରିବାକୁ ପଦକ୍ଷେପମାନ ନେଉଛନ୍ତି। 'ଅତିଥି ଦେବୋ ଭବଃ' ନ୍ୟାୟରେ ପର୍ଯ୍ୟଟକଙ୍କ ସତ୍କାର ବା ଚର୍ଚ୍ଚା କରାଯିବାକୁ ମାର୍ଗଦର୍ଶିକା ରହିଛି। ହେଲେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଧାର୍ମିକ ପୀଠରେ ପର୍ଯ୍ୟଟକମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଓଡ଼ିଶାକୁ ଭ୍ରମଣ ପାଇଁ ଆସିଥିବା ମହାରାଷ୍ଟ୍ରର ପର୍ଯ୍ୟଟକମାନେ ଦୁଃଖ ପ୍ରକାଶ କରିବା ସହ ଆଗାମୀ ଦିନରେ ଓଡ଼ିଶା ଆସିବାକୁ ମନ ବଳାଇବେ ନାହିଁ ବୋଲି କହିଛନ୍ତି।

ସୂଚନା ଅନୁସାରେ, ମହାରାଷ୍ଟ୍ର ବିକଳାଙ୍ଗ ମଞ୍ଚର ମୁଖ୍ୟ ଶାରଦା ଯାଦବଙ୍କ ସମେତ ୧୦ଜଣ ପରିବାର ସହ ଓଡ଼ିଶା ଭ୍ରମଣରେ ଆସିଥିଲେ। ପ୍ରଥମେ ସେ ପୁରୀ ଶ୍ରୀମନ୍ଦିରରେ ଜଗା ଦର୍ଶନ ସାରି ବୁଧବାର ସକାଳୁ ଏକ ଟାଭେରା ବୁକ୍ କରି କୋଣାର୍କ, ଧଉଳି, ନନ୍ଦନକାନନ ଏବଂ ଲିଙ୍ଗରାଜ ମନ୍ଦିର ଭ୍ରମଣ କରିବାର ଯୋଜନା ରଖିଥିଲେ। କୋଣାର୍କ ପରିଦର୍ଶନ କରି ଧଉଳି ଅଭିମୁଖେ ବାହାରିବା ରାସ୍ତାରେ ଓଡ଼ିଶାର ଅନ୍ୟ ପର୍ଯ୍ୟଟନସ୍ଥଳୀ ବିଷୟରେ

**ବ୍ୟାଗ୍ ଫିଙ୍ଗିଦେଲେ ଟାଭେରା ଡ୍ରାଇଭର୍**

ଉକ୍ତ ଟାଭେରା ଡ୍ରାଇଭରଙ୍କୁ ପଚାରିବାକୁ ସେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ନିର୍ଦ୍ଧାରିତ ସମୟରେ ପହଞ୍ଚାଇବାକୁ ପର୍ଯ୍ୟଟକମାନେ କହିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଡ୍ରାଇଭର ଜଣକ ରାସ୍ତାକଡ଼ରେ ଗାଡ଼ି ଅଟକାଇ ଓହ୍ଲାଇଯିବାକୁ ଧମକ ଦେଇଥିଲେ। ଏମିତିକି ଭୁବନେଶ୍ୱରରେ ପହଞ୍ଚିବା ପରେ ହୋଟେଲ ସମ୍ପର୍କରେ ପଚାରିବାରୁ ଡ୍ରାଇଭର ଜଣକ ଉତ୍ୟକ୍ତ ହୋଇ ସେମାନଙ୍କ ବ୍ୟାଗ୍ ଫିଙ୍ଗି ଦେଇଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ଏନେଇ ଶ୍ରୀମତୀ ଯାଦବ କହିଛନ୍ତି ଯେ, ଓଡ଼ିଶାରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦେଖିବାକୁ ଆମେ ଧାଇଁ ଆସିଥିଲୁ। ମୁଁ ନିଜେ ଜଣେ ଦିବ୍ୟାଙ୍ଗ। ମୋ ସହ ଆଉ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ସମେତ ମୋଟ୍ ୧୦ ଜଣ ଆସିଥିଲୁ। ଆମ ସହ ଜଣେ ମାତ୍ର ପୁରୁଷ ଲୋକ ଥିବାରୁ ଆମେ ଡ୍ରାଇଭରଙ୍କ ସହଯୋଗ ଚାହୁଁଥିଲୁ। ହେଲେ ସେ ସହଯୋଗ ବଦଳରେ ଆମକୁ ଗାଳିଗୁଲଜ କରିଥିଲେ; ଯାହା ଆମକୁ ବହୁତ କଷ୍ଟ ଦେଇଛି। ଆଗାମୀ ଦିନରେ ଓଡ଼ିଶା ଆସିବାକୁ ଭୟ ଲାଗୁଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ପର୍ଯ୍ୟଟକଙ୍କୁ କିଭଳି ବ୍ୟବହାର କରାଯିବ ସେଥିପାଇଁ ପର୍ଯ୍ୟଟନସ୍ଥଳୀରେ ରହୁଥିବା ଗାଇଡ୍ ଏବଂ ଗାଡ଼ି ଚାଳକଙ୍କୁ ଓଡ଼ିଶା ସରକାର ଶିଷ୍ଟାଚାର ଶିଖାଇବା ଉଚିତ୍। ଏଭଳି ଘଟଣା ପରବର୍ତ୍ତୀ ସମୟରେ ଯେପରି ନ ହେବ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଶ୍ରୀମତୀ ଯାଦବ କହିଛନ୍ତି

### ଚତୁର୍ଥ ପର୍ଯ୍ୟାୟ +୨ ନାମଲେଖା

# ବିଦ୍ୟାଳୟକୁ ଫେରିବେ ୧୬୪୬ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୭ ।୧୨(ସମିସ): +୨ ଶିକ୍ଷାରୁ ଦୂରେଇ ଯାଇଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ନାମଲେଖା ସୁଯୋଗ ଦେବା ପରେ ୧୬୬୪ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆଜି ମେଧାତାଲିକା ପ୍ରକାଶ ପାଇଥିବାବେଳେ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬୪୬ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି। ଅର୍ଥାତ୍ ଏହି ସମସ୍ତ ଛାତ୍ରଛାତ୍ରୀ ପୁଣିଥରେ ଶିକ୍ଷାକ୍ଷେତ୍ରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ କଳାରେ ସର୍ବାଧିକ ୧୨୧୨ ଜଣ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୪୫, ବାଣିଜ୍ୟରେ ୨୦, ସଂସ୍କୃତରେ ୨୪୨ ଓ ଧନ୍ଦାମୂଳକ ଶିକ୍ଷାରେ ୨୭ ଜଣ ଚୟନ ହୋଇଛନ୍ତି। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ଆସନ୍ତାକାଲି ଅର୍ଥାତ୍ ୧୮ ଓ ୧୯ ତାରିଖରେ ନାମଲେଖାଇବେ।

ୱେଟିଂ ତାଲିକାରେ ଥିବା ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜିକରଣ କରିବାକୁ ଥିବାବେଳେ ୨୨ ତାରିଖରେ ସେମାନଙ୍କ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ। ବିଦ୍ୟାଳୟରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପୁଣି ସୁଯୋଗ ଦେବା ପରେ ଏତେ ସଂଖ୍ୟାରେ ପିଲା ଆବେଦନ କରିଥିବାରୁ ଡ୍ରପଆଉଟ୍ ହାର କମିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସାମ୍ସ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ପାଇଁ ଶିକ୍ଷାନୁଷ୍ଠାନର ସିଟ୍ ଖାଲିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରୁ ନଥିବା ଅଭିଯୋଗ ହୋଇଛି। ଫଳରେ ନାମଲେଖା ବହୁ ବିଳମ୍ବ ହେବା ସହ ବହୁ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏଣୁ ନାମଲେଖା ପ୍ରକ୍ରିୟାକୁ ଅଧିକ ସରଳୀକରଣ ବା ବିକଳ୍ପ ବ୍ୟବସ୍ଥା କରିବାକୁ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି।

# ଆକ୍ରମଣ ଓ ଗୁଳିଚାଳନା ଘଟଣାରେ ୪ ଗିରଫ

ଅନୁଗୋଳ,୧୭ ।୧୨(ସମିସ):



ଅନୁଗୋଳ ସହର ଶିକ୍ଷକପଡ଼ାଠାରେ ସଂଘଟିତ ଆକ୍ରମଣ ଏବଂ ଗୁଳିଚାଳନା ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ସେମାନେ ହାପି ଓରଫ ମାନସ ରଞ୍ଜନ ମଲ୍ଲିକ (୨୬), ଲିପୁ ଓରଫ ଧର୍ମାନନ୍ଦ ମଲ୍ଲିକ (୨୮), ଦିଲୀପ ମଲିକ (୪୨) ଓ ଚେଣ୍ଟି ଓରଫ ଶୁଭମ ରାଉତ (୨୧) । ଅଭିଯୁକ୍ତମାନେ କଟକ ଖୁଣ୍ଟୁଣି, ବ୍ରହ୍ମପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏବଂ ଅନୁଗୋଳରେ ରହୁଥିଲେ । ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ମଧ୍ୟ ରହିଛି । ଶିକ୍ଷକପଡ଼ାର ରଞ୍ଜିତ ମିତ୍ର (୩୭)ଙ୍କ ଅଭିଯୋଗ କ୍ରମେ ଗତ ୧୦ ତାରିଖ ରାତିରେ ଏକ ଟ୍ୟୁରିଷ୍ଟ ବସ ଧୋଇବା ଦ୍ୱାରା ରାସ୍ତାରେ ପାଣି ବୋହିବାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଆକ୍ରମଣ କରିବା ସହ ବନ୍ଧୁକରୁ ଗୁଳି ଫୁଟାଇଥିଲେ । ଆକ୍ରମଣରେ ରଞ୍ଜିତଙ୍କ ଭାଇ ବିଶ୍ୱଜିତ ମିତ୍ର ଏବଂ ଭବାନୀ ଶଙ୍କର ପ୍ରଧାନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଅପରାଧ ଘଟାଇବା ପରେ ଅଭିଯୁକ୍ତମାନେ ନିଜକୁ ଲୁଚାଇବା ପାଇଁ ଭୁବନେଶ୍ୱର, ଢେଙ୍କାନାଳ, କଟକ ସମେତ ବିଭିନ୍ନ ସ୍ଥାନକୁ ଚାଲିଯାଇଥିଲେ । ଏପଟେ ପଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ଅନୁଗୋଳ ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରିଟି ପୁଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା । ଗୁଇନ୍ଦା ସୂଚନା ଏବଂ ନିରନ୍ତର ଡିଜିଟାଲ୍ ଏବଂ ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ମାମଲାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି । ପୁଲିସ ତଦନ୍ତକାରୀ ଦଳରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଇନ୍ସପେକ୍ଟର ଆୟେଶକାନ୍ତ ଜେନା, ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା ଏବଂ ସାଇବର ସେଲର କର୍ମଚାରୀ ସାମିଲ ଥିଲେ ବୋଲି ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ରମାକାନ୍ତ ମହାଲିକ ସୂଚନା ଦେଇଛନ୍ତି ।

## ବିକାଶ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ଛେଣ୍ଡିପଦା,୧୭ ।୧୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୁମ୍ଭାରସାହିରେ ବିକାଶ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପୁଅ ନିଶାନ୍ତ ପ୍ରଧାନ, ଝିଅ ନୈମିଶା ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ବଲପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଜେପି ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଆଇଟି ସେଲ ସଂଯୋଜକ ଅକ୍ଷୟପାଦ ବେହେରା, ଜଗଦୀଶ ସାହୁ, ଯୁଗଳ କିଶୋର ଦେହୁରୀ ପ୍ରମୁଖ ଯୋଗଦେଇ ଶତାଧିକ ଅସହାୟ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଏ ନେଇ ଅଞ୍ଚଳବାସୀ ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



## ଗଣେଶ ପୂଜା କମିଟିର କର୍ମକର୍ତ୍ତା ଚୟନ

**କିଶୋରନଗର,୧୭ ।୧୨(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗଣେଶ ପୂଜା କମିଟିର ବୈଠକ ଭାଗୀରଥିପୁରରେ ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ଶୁଭକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ୫୦ ସଦସ୍ୟ ଯୋଗଦେଇଥିଲେ । ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଗଣେଶ ବିଶ୍ୱାଳ, ଉପସଭାପତି ରାଜୀବ ପ୍ରଧାନ, ସମ୍ପାଦକ ନରେଶ ପ୍ରଧାନ ଓ ଉପସମ୍ପାଦକ ଭାବେ ଭଗବାନ ଜେନାଙ୍କୁ ଚୟନ କରାଯାଇଛି । ଏହି ଅବସରରେ ଗତବର୍ଷର ଆୟବ୍ୟୟ ହିସାବ କରଯାଇଥିଲା । କମିଟି ସଭ୍ୟ ବୃନ୍ଦାବନ ସାହୁ, ରାହାସ ସାହୁ, ସୁକାନ୍ତ ମହାପାତ୍ର, କୁଶ ବେହେରା, ଲବ ବେହେରା, ବାବୁଲା ଲହରା, କୁନାଲ ସାହୁ, ସୁବାସ ଜେନା, ମନ ରଣା, ଦୁଃଖିଶ୍ୟାମ ସାହୁ, ଦିବାକର ଦେହୁରୀ, ଅନାଦି ବାଘ, ସୋମନାଥ ପ୍ରଧାନ, ହିମାଂଶୁ ପ୍ରଧାନ, ରଞ୍ଜନ ସାହୁ, ଅଶୋକ ପ୍ରଧାନ, ରାଜୁ ଖାଁ, ଶ୍ରୀମନ୍ତ ବେହେରା, ସୌରଭ ମିଶ୍ର, ଚିତ୍ତରଞ୍ଜନ ସାହୁ, ସୁଧାକର ପ୍ରଧାନ, ରମେଶ ପ୍ରଧାନ, କୃଷ୍ଣ ସାହୁ, ଦୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଜେପି ପ୍ରତିନିଧି



ଅନୁଗୋଳ,୧୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଟାଇଁସି ପଞ୍ଚାୟତ କମାରସାହିର ବିଦ୍ୟାଧର ପେଣ୍ଟଇଙ୍କ ଘରେ ନିଆଁଲାଗି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଦୁଃଖ ପ୍ରକାଶ କରିବା ସହ ବିଜେପିର ଏକ ପ୍ରତିନିଧି ଦଳକୁ ବିଦ୍ୟାଧରଙ୍କ ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୁଧବାର ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ସାତକୋଶିଆ ମଣ୍ଡଳ ସଭାପତି ରାଧାକାନ୍ତ ପଲେଇ, ଯୁବମୋର୍ଚ୍ଚା ସଭାପତି ଅନନ୍ତ ବେହେରା, ଟାଇଁସି ପଞ୍ଚାୟତ ସଭାପତି ବିଦ୍ୟାଧର ସାହୁ ପ୍ରମୁଖ ବିଦ୍ୟାଧରଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତୁରନ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ପ୍ରଶାସନକୁ କହିଥିଲେ ।

## କବାଡ଼ି ପ୍ରତିଯୋଗିତା; ବଣ୍ଟାଁରପାଳ ଚାମ୍ପିଅନ

**କଣିହାଁ,୧୭ ।୧୨(ସମିସ):** ଜାତୀୟ କବାଡ଼ି ଖେଳାଳି ଧୀରେନ ପାଣିଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜିଗୋଳ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ବିଜିଗୋଳ ରାମ ମନ୍ଦିର ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ୍ କୁଲାଡ଼ ଓ ବଣ୍ଟାଁରପାଳ ବଜରଙ୍ଗୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଣ୍ଟାଁରପାଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏନଟିପିସି କଣିହାଁର ସିଜିଏମ ସତ୍ୟରାମ କ୍ରିଷ୍ଣା, କଣିହାଁ ଟ୍ରକ ମାଲିକ ସଂଘ ସଭାପତି ସୁନୀଲ ପ୍ରଧାନ, ସ୍ୱର୍ଗତ ଧୀରେନ ପାଣିଙ୍କ ସହଧର୍ମିଣୀ ପ୍ରୀତିଲତା ପାଣି ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ରେଫରି ଶୁଭେନ୍ଦୁ ଧୀର, ସୁଶାନ୍ତ କୁମାର ନାଥ, ପ୍ରତାପ କୁମାର ମହାନ୍ତି, ବୁଦ୍ଧଦେବ ପ୍ରଧାନ, ସୁଜିତ କୁମାର ଗଡ଼ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶ୍ରୀରାମ କ୍ଲବ ସଭାପତି ପ୍ରଭାକର ପାଣି, ସମ୍ପାଦକ ସନ୍ତୋଷ କୁମାର ପାଣି, ଉପସଭାପତି ବୁଦ୍ଧଦେବ ପ୍ରଧାନ, କୋଷାଧ୍ୟକ୍ଷ ଆଶୋକ ସାହୁ, କାର୍ଯ୍ୟକାରୀ ସଦସ୍ୟ ସୁଧୀର କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ନିରୁପମା ଷଡ଼ଙ୍ଗୀ ମଞ୍ଚ ସଂଯୋଜନା କରିଥିଲେ ।

## ଅନୁଗୋଳ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା



ଅନୁଗୋଳ,୧୭ ।୧୨(ସମିସ): ସ୍ଥାନୀୟ ଗାନ୍ଧିମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ଅନୁଗୋଳ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି । ଅନୁଗୋଳ ସଙ୍କୁଳ ଅନ୍ତର୍ଗତ ୭ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଶିଶୁ, ବାଲ, କିଶୋର, ତରୁଣ ବର୍ଗରେ ଦୌଡ଼, ଡିଆଁ, ବିଭିନ୍ନ ଥ୍ରୋ ପ୍ରତିଯୋଗିତା ହୋଇଥିଲା । ଅନୁଗୋଳ ଜିଲ୍ଲା ଶାରୀରିକ ପ୍ରମୁଖ ବିନୋଦ ଚନ୍ଦ୍ର ଦେହୁରୀ ଏହାକୁ ଉଦଘାଟନ କରି ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର୍ ଭଳି ବୋଲି କହିଥିଲେ । ଅନୁଗୋଳ ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା, ସଙ୍କୁଳ ସଂଯୋଜକ ଆଲୋକ ଭୋଇ, ଯୁକ୍ତଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ସମାଜସେବୀ ରାମକୃଷ୍ଣ ତ୍ରିପାଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କୃତୀ ଶିଶୁଙ୍କୁ ପୁରସ୍କୃତ କରିଥିଲେ । ସଙ୍କୁଳ ଶାରୀରିକ ପ୍ରମୁଖ କନ୍ଦର୍ପ ସାହୁ ତଥା ସଙ୍କୁଳ ପ୍ରଧାନଆଚାର୍ଯ୍ୟ ଓ ସ୍ଥାନୀୟ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ସହଯୋଗରେ କ୍ରୀଡ଼ା ପରିଚାଳିତ ହୋଇଥିଲା ।

## ଧାନଗଦା ଖାଇଗଲେ ହାତୀପଲ

**କିଶୋରନଗର,୧୭ ।୧୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ହଣ୍ଡପା ବନାଞ୍ଚଳ ଗାଁବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମ ଦଳିତସାହିର ନବୀନା ନାଏକଙ୍କ ଧାନଗଦାକୁ ମଙ୍ଗଳବାର ରାତିରେ ହାତୀପଲ ସମ୍ପୂର୍ଣ୍ଣ ଖାଇଦେଇଛନ୍ତି । ନବୀନ ସମସ୍ତ ଧାନ କାଟି ୨୦୦ରୁ ଉର୍ଦ୍ଧ୍ୱ ବିଡ଼ାବାନ୍ଧି ଗଦା ମାରି ରଖିଥିଲେ । ବୁଧବାର ମେସିନରେ ଅମଳ କରିବେ ବୋଲି ଯୋଜନା କରିଥିଲେ । ହେଲେ ହାତୀପଲ ରାତିଅଧରେ ଆସି ଧାନଗଦାକୁ ସମ୍ପୂର୍ଣ୍ଣ ଭାବେ ଖାଇଦେଇଛନ୍ତି । ଏ ସମ୍ପର୍କରେ ନବୀନା ହଣ୍ଡପା ବନାଞ୍ଚଳ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅନଲାଇନ ମାଧ୍ୟମରେ ଡିଏଫଓଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି ।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ; ତାଳବେଡ଼ା ଚାମ୍ପିଅନ




**କଣିହାଁ,୧୭ ।୧୨(ସମିସ):** କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଝୁଲାଖୁଣ୍ଟିଆ ଗ୍ରାମ ବଡ଼ଦାଣ୍ଡ ସାହି ଦ୍ୱାରା ଆୟୋଜିତ ମା’ ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଏଥିରେ ତାଳବେଡ଼ା ଦଳ ଚାମ୍ପିଅନ ଓ ଜୋରାଗାଡ଼ିଆ ରନର୍ସଅପ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ବିଜେପି ନେତା ପ୍ରହ୍ଲାଦ ସାମଲ, ଗ୍ରାମ ସଭାପତି ବିଜୟ କୁମାର ସାହୁ, ସମାଜସେବୀ ବିନୋଦ କୁମାର ଜେନା, ହେମନ୍ତ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଅର୍ଜୁନ ସାମଲ, ପ୍ରଶାନ୍ତ ପ୍ରଧାନ, ସୁନୀଲ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ସୁବାସ ବେହେରା ଧାରା ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିର୍ମଳ ନାୟକ ଓ ପ୍ରବୀଣ ସାମଲ ଖେଳ ପରିଚାଳନା କରିଥିଲେ ।

## ସାହିତ୍ୟିକା ଗାୟତ୍ରୀ ସିଂହଙ୍କୁ ‘ସାହିତ୍ୟ ସାରଥି ସମ୍ମାନ’



ଅନୁଗୋଳ,୧୭ ।୧୨(ସମିସ): ଭୁବନେଶ୍ୱର ପ୍ରଦର୍ଶନୀ ଓଡ଼ିଆରେ ରାଜ୍ୟସ୍ତରୀୟ ୭ମ ପୁସ୍ତକ ମହୋତ୍ସବ ଅବସରରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ଚେତନା ଆଧ୍ୟାତ୍ମିକ ସାହିତ୍ୟ ସଂସଦ ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆଠମଲ୍ଲିକର ବିଶିଷ୍ଟ ସାହିତ୍ୟିକା ଗାୟତ୍ରୀ ସିଂହଙ୍କୁ ରାଜ୍ୟସ୍ତରୀୟ “ସାହିତ୍ୟ ସାରଥି’ ସମ୍ମାନରେ ସମ୍ମାନିତ କରାଯାଇଛି । ଅନୁଷ୍ଠାନର ଅନୁଷ୍ଠାନର ଅଧ୍ୟକ୍ଷ ତଥା ଶ୍ରୀ ଜଗନ୍ନାଥ ଚେତନା ଗବେଷକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟଅତିଥି ସାଧୁ ବିଷ୍ଣୁ ଗିରି ମହାରାଜ, ମୁଖ୍ୟବକ୍ତା ବିରୁପାକ୍ଷ ରାୟ, ସମ୍ମାନିତ ଅତିଥି ଅନାମ ଚରଣ ମୁନି ମହାରାଜ, ବରିଷ୍ଠ କବି ସଚି ମିଶ୍ରଙ୍କ ଉପସ୍ଥିତିରେ ସିଂହଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଗାୟତ୍ରୀ ସିଂହ ସନ୍ଥକବି ଭୀମଭୋଇ ସାହିତ୍ୟ ପରିଷଦର ରାଜ୍ୟ ସଭାନେତ୍ରୀ ଥିବାବେଳେ ଓଡ଼ିଶାର ବହୁ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି ।

## ୪.୪ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ୨ ଗିରଫ

ଅନୁଗୋଳ,୧୭ ।୧୨(ସମିସ): ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଜିଲ୍ଲାର ଦୁଇଟି ସ୍ଥାନରେ ଚଢ଼ଉ କରି ୪ ଲକ୍ଷ ୪୦ ହଜାର ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ୨ ବେପାରୀଙ୍କୁ ଗିରଫ କରିଛନ୍ତି । ମଙ୍ଗଳବାର ଅପରାହ୍ନରେ ଅନୁଗୋଳ ଅବକାରୀ ଇନ୍ସପେକ୍ଟର ମାନସୀ ସାହୁ, ଓଆଇସି ଗାୟତ୍ରୀ ମାଝୀ, ଏସଆଇ ଯୋଗେଶ୍ୱର ଜେନା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଥିଲେ ଯେ ବଣ୍ଟାଁରପାଳ ଥାନା ଗୋତମରା ଗ୍ରାମର ଜଣେ ଯୁବକ ବ୍ରାଉନସୁଗର ବିକ୍ରି କରିବା ପାଇଁ ବଳରାମପ୍ରସାଦ ଲେଭୁଲ କ୍ରସିଂଠାରେ ଗ୍ରାହକ ଅପେକ୍ଷାରେ ଛିଡ଼ା ହେଇଛି । ଅଧିକାରୀମାନେ ସେଠାରେ ଅତର୍କିତ ଚଢ଼ଉ କରି ଦେବେନ୍ଦ୍ର ବିଶ୍ୱାଳଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୯ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ । ଏହାର ମୂଲ୍ୟ ୨ଲକ୍ଷ ୯୦ହଜାର ଟଙ୍କା ହେବ ବୋଲି କୁହାଯାଇଛି । ସେହିପରି ବୁଧବାର ସକାଳ ସାଢ଼େ ୯ଟାରେ ଅବକାରୀ ଅଧିକାରୀମାନେ ବଣ୍ଟାଁରପାଳ ଥାନା ଗିରାଙ୍ଗ ଛକରେ ଚଢ଼ଉ କରି ସାଲଗାଡ଼ିଆ ଗ୍ରାମର ଶଶିକାନ୍ତ ସାମଲଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୫ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ । ଏହାର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି ।

## ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ



**ଖମାର,୧୭ ।୧୨(ସମିସ):** ପାଲଲହଡ଼ା ବ୍ଲକ୍ ପରାଛାଟ ପଞ୍ଚାୟତ କଣ୍ଟିଆପଶିସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠରେ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ତଥାଦ ୭ମ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସଂଘର ପ୍ରତିଷ୍ଠାତା ବିଜୟ କୁମାର ନନ୍ଦ, ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଚିତ୍ତରଞ୍ଜନ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରଦୀପ୍ତ ପ୍ରଧାନ, ଆବାହକ ସଦାନନ୍ଦ ମହାନ୍ତି, ଉପସଭାପତି ବିଭୂତି ଭୂଷଣ ନାହାକ, ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଗଡ଼ନାୟକ ଯୋଗଦେଇଥିଲେ । ଦିବଂଗତ ଶିକ୍ଷକ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଭୂତି ଭୂଷଣ ନାହାକ ଧନ୍ୟବାଦ ଦେଇଥିଲେ । ଏଥିରେ ଖମାର ଜୋନର ୧୪ ବିଦ୍ୟାଳୟର ୧୩୭ ଶିକ୍ଷକ ଉପସ୍ଥିତ ଥିଲେ । ଶ୍ରେଷ୍ଠ ୩ ଛାତ୍ରଛାତ୍ରୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଦିବଂଗତ ଶିକ୍ଷକ ଓ କର୍ମଚାରୀଙ୍କ ପରିବାରକୁ ସଂଘ ପାଣ୍ଠିରୁ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ପାଲଲହଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ କେନ୍ଦୁଝର ଦଳ



ପାଲଲହଡ଼ା,୧୭ ।୧୨(ସମିସ): ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପୁଲ୍-ଏର ପ୍ରଥମ ସେମିଫାଇନାଲ ମ୍ୟାଚ ୟୁନିକ କ୍ଲବ କେନ୍ଦୁଝର ଓ ପ୍ରୋଗ୍ରେସିଭ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଝାରସୁଗୁଡ଼ା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୭୬ ରନ କରିଥିଲା । କେନ୍ଦୁଝର ଦଳ ୨୩.୪ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରି ବିଜୟୀ ହେବା ସହ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଗୁରୁବାର ପୁଲ୍-ବିର ପ୍ରଥମ ଲିଗ ମ୍ୟାଚ କବ୍ସ କ୍ଲବ ପାଲଲହଡ଼ା ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ।

## ଗୋତମରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ



**ବଣ୍ଟାଁରପାଳ,୧୭ ।୧୨(ସମିସ):** ବଣ୍ଟାଁରପାଳ ବ୍ଲକ ଗୋତମରା ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି । ପ୍ରଧାନଶିକ୍ଷକ ଅର୍ଜୁନ କୁମାର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋତମରା ସରପଞ୍ଚ ମଣ୍ଟୁ ବରାହ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ମାଝୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରଞ୍ଜିତ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ପୁରନ୍ଦର ବିଶ୍ୱାଳ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ । ସୁରେନ୍ଦ୍ର ପରିଡ଼ା, ତନ୍ମୟ ମଲ୍ଲିକ କ୍ରୀଡ଼ା ସଭା ପରିଚାଳନା ଓ ହେମନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଅନସୂୟା ଖଟୁଆ, ନମିତା ମିଶ୍ର, ସଂଘମିତ୍ରା ପ୍ରଧାନ, ମନୀଷା ପଡ଼ିଆରୀ ଓ ଶିକ୍ଷକ ଅଶୋକ ନାଥ ସହଯୋଗ କରିଥିଲେ । ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଆଡ଼େ ଗଲା ପୌରପରିଷଦ ଅଳିଆବୁହା ବ୍ୟାଟେରୀ ଗାଡ଼ି !

ତାଳଚେର,୧୭ ।୧୨(ସମିସ):



ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ଅନୁଦାନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ତାଳଚେର ସହରବାସୀଙ୍କ ସୁବିଧା ଲାଗି କ୍ରୟ କରାଯାଇଥିବା ବ୍ୟାଟେରୀଚାଳିତ ଯାତ୍ରୀ ଓ ଅଳିଆବୁହା ଗାଡ଼ି ଦୀର୍ଘଦିନ ହେବ କୁଆଡ଼େ ଉଭାନ ହୋଇଯାଇଛି । ଦୀର୍ଘଦିନ ଧରି ଉକ୍ତ ଗାଡ଼ିଗୁଡ଼ିକ ମଧ୍ୟରୁ କେତୋଟି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖ ଗ୍ୟାରେଜ ଘରେ ପଡ଼ି ରହିଥିଲା । ଅନ୍ୟଗୁଡ଼ିକ ରାଣୀପାର୍କ ବସଷ୍ଟାଣ୍ଡ ପାଶ୍ୱର୍ରେ ଥିବା ପୌରଗୃହରେ ଅଚଳ ଅବସ୍ଥାରେ ପଡ଼ି ରହିଥଲା । କିନ୍ତୁ ସେଗୁଡ଼ିକ ଏବେ ଆଉ ଦେଖିବାକୁ ମିଳୁନାହିଁ । ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜନେତା ଭାଷଣବାଜି କରୁଥିବା ବେଳେ ତାଳଚେରର ବିଭିନ୍ନ ସମସ୍ୟା କ୍ଷେତ୍ରରେ ନିରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ ।

ଜୈବଖତ ପ୍ରସ୍ତୁତି ପାଇଁ ୱାର୍ଡବାସୀଙ୍କ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଆବର୍ଜନା ସଂଗ୍ରହ ପାଇଁ ଏହି ଗାଡ଼ିଗୁଡ଼ିକ ବ୍ୟବହାର ହେଉଥିଲା । ଏଥିରେ ଚାଳକ ଭାବେ କିନ୍ନରମାନଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କୁ ରୋଜଗାର ପନ୍ଥା ମଧ୍ୟ ଯୋଗାଇ ଦିଆଯାଇଥିଲା । କିନ୍ତୁ ଏବେ ଏଗୁଡ଼ିକ ଗଲା କୁଆଡ଼େ, ଅଚଳାବସ୍ଥାରେ ପଡ଼ି ରହିଛି ନା ସରକାର ଏଗୁଡ଼ିକୁ ଚଳାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରାରମ୍ଭରେ ୨୧ଟି ୱାର୍ଡରେ ସକାଳ ସମୟରେ ଅଳିଆବୁହା କାର୍ଯ୍ୟରେ କିନ୍ନରମାନଙ୍କୁ ନିୟୋଜିତ କରାଯାଇଥିବାରୁ କିଛିକାଂଶରେ ବେରୋଜଗାର କିନ୍ନର ରୋଜଗାରକ୍ଷମ ହୋଇପାରିଥିଲେ । ତେଣୁ ସେହି କିନ୍ନରମାନେ ଏବେ କରୁଛନ୍ତି କ’ଣ ତାହା ମଧ୍ୟ ପ୍ରଶ୍ନବାଚୀ । ଏଠି ପ୍ରଶ୍ନ ଉଠେ, କେଉଁ ନୀତିନିୟମ ଆଧାରରେ କମ୍ପାନୀ ପକ୍ଷରୁ ପୌରପରିଷଦକୁ ଏହି ବ୍ୟାଟେରୀ ଚାଳିତ ଯାନ ଯୋଗାଇ ଦିଆଯାଇଥିଲା । କମ୍ପାନୀ ନା ପୌରପରିଷଦ ଏହି ଯାନଗୁଡ଼ିକୁ ମରାମତି କରିବା ଦିଗରେ କାହିଁକି ନିରବତା ଅବଲମ୍ବନ କରୁଛନ୍ତି ତାକୁ ନେଇ ସହରରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ମାର୍ଶାଘାଇ କଲେଜରେ ଅଭିଭାବକ-ଅଧ୍ୟାପକ ବୈଠକ



ମାର୍ଶାଘାଇ,୧୭ ।୧୨(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକ ଶ୍ରେଣୀର ଅଭିଭାବକ-ଅଧ୍ୟାପକ ବୈଠକ ଅନୁଷ୍ଠିତ ହୋଇଛି । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଦୀପକ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ, ବୌଦ୍ଧିକ, ଶୃଙ୍ଖଳା, ଚରିତ୍ର ଗଠନ, ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଅଭିଭାବକଙ୍କୁ ଅବଗତ କରାଇଥିଲେ । ଅଭିଭାବକଙ୍କ ମଧ୍ୟରୁ ପ୍ରମୋଦ କୁମାର ଦାସ, ମିନତି କୁମାରୀ ଲେଙ୍କା, ବଳରାମ ପଲାଇ ପ୍ରମୁଖ ଛାତ୍ରଛାତ୍ରୀଙ୍କ ବିବିଧ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ଅଧ୍ୟାପକ ଡ. ସତ୍ୟବ୍ରତ ମଲ୍ଲିକ, ବାନାମ୍ବର ବାରିକ, ଅଧ୍ୟାପିକା ଜନନୀମଣି ପାତ୍ର, ଲୁସିସ୍ମିତା ଜେନା, ଡ. ମଧୁସ୍ମିତା କର, ରୋହିନା ପରବିନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# କବି ପ୍ରମୋଦ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ରାଜନଗର,୧୭ ।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ, କବି ପ୍ରମୋଦ କୁମାର ସେଠୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟ ଓ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ର, ବରିଷ୍ଠ ନାଗରିକ କୃପାସିନ୍ଧୁ ସାମଲ, କବି ଅଭିରାମ ସାହୁ, ଭବାନୀ ପ୍ରସାଦ ମହାପାତ୍ର, ଶତ୍ରୁଘ୍ନ ତରାଇ, ଶିକ୍ଷାବିତ ସଞ୍ଜୟ କୁମାର ବାଗ, ତ୍ରୈଲୋଚନ ଦାସ, ପ୍ରଶାନ୍ତ କୁମାର ଜେନା, ବରଦାକାନ୍ତ ଜେନା, ବିଜୟ କୁମାର ଜେନା, ହେମନ୍ତ କୁମାର ବାରିକ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଯୁବନେତା ବୈବ୍ରତ ବିଶ୍ୱାଳ, ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତ କୁମାର ହାତୀ, ଜଗନ୍ନାଥ ଦାସ, ଅଲେଖ ଚନ୍ଦ୍ର ପରିଡ଼ା, ବ୍ରଜ ମିଶ୍ର, ଅଭିରାମ ଦାସ, ରଞ୍ଜନ କୁମାର ପ୍ରଧାନ, ଜଗବନ୍ଧୁ ଖଟୁଆ, ବିଜୟ କୁମାର ଗୁପ୍ତା, ଆଇନଜୀବୀ ଦେବଦତ୍ତ ସେଠୀ ପ୍ରମୁଖ ଯୋଗଦେଇ ପ୍ରମୋଦ ସାରଙ୍କ ସ୍ମୃତିଚାରଣ କରିଥିଲେ । ସାମ୍ବାଦିକ ସୂର୍ଯ୍ୟନାରାୟଣ ଲେଙ୍କା, ତାପସ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗର ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଶ୍ରେଣୀ କକ୍ଷରେ ପ୍ରଯୁକ୍ତି ବିଦ୍ୟାର ସମନ୍ୱିତ ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଅଧ୍ୟାପକ ଡ. ପ୍ରଭାକର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ଓ ବ୍ୟବହାର ଉପଯୋଗୀ ଜିନିଷଗୁଡ଼ିକର ଉଦ୍ଭାବନକୁ ବିଜ୍ଞାନ ଓ ଜ୍ଞାନକୌଶଳ ଦ୍ୱାରା ବ୍ୟବହାର ଓ କର୍ମ ଉପଯୋଗୀ କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇକ୍ୟୁଏସି ସଂଯୋଜକ ଶୁଭାଶିଷ ମିଶ୍ର ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ ।

# ଗାଡ଼ି ଧକ୍କାରେ ୫ ଷଣ୍ଢ ମୃତ, ୨ ଗୁରୁତର

● ବଜରଙ୍ଗ ଦଳ ପକ୍ଷରୁ ଜାତୀୟ ରାଜପଥରେ ପ୍ରତିବାଦ

ମହାକାଳପଡ଼ା,୧୭ ।୧୨(ସମିସ): ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ବାଲିସୁଆଁ ଛକ ନିକଟରେ ବୁଧବାର ଭୋର ସମୟରେ ଅଜଣା ଗାଡ଼ି ଧକ୍କାରେ ୫ଟି ଷଣ୍ଢଙ୍କ ମୃତ୍ୟୁ ହୋଇଛି । ୨ଟି ଷଣ୍ଢ ଗୁରୁତର ଆହତ ହୋଇଛନ୍ତି । ଏହି ଖବର ପ୍ରଚାର ହେବା ପରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ତଥା ସମାଜସେବୀ ସାଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ରାଜ୍ୟ ଆନିମଲ ହେଲ୍ପଲାଇନ ନମ୍ବର ୧୯ ୬୨ରେ ଫୋନ କରିବା ପରେ ମହାକାଳପଡ଼ା ବିଭିଓ ଡା. ମନୋଜ କୁମାର ଦାସ ଓ ପାଟୁଳିପଙ୍କ ପଶୁପାଳନ ପରିଦର୍ଶକ ମନୋଜ କୁମାର ଦାସ ପହଞ୍ଚି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନର ବେପରୁଆ ଟ୍ରାଫିକ ପରିଚାଳନା ଯୋଗୁଁ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଜନତା ରାସ୍ତାରୋକ କରିଥିଲେ । ଫଳରେ କିଛି ଘଣ୍ଟା ପାଇଁ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା । ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ ବୁଝାସୁଝା କରିବା ପରେ ବଜରଙ୍ଗଦଳ ସଦସ୍ୟଙ୍କ ପ୍ରଚେଷ୍ଟାରେ ମୃତ ଷଣ୍ଢଗୁଡ଼ିକୁ ପୋତାଯାଇଥିଲା । ଆହତ ଷଣ୍ଢଙ୍କୁ ପଟ୍ଟାମୁଣ୍ଡାଇ ଗୋଶାଳାକୁ ସ୍ଥାନାନ୍ତର କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରଶାସନ ଅଧିକ ଗୋଶାଳା ଖୋଲିବା ପାଇଁ ପଦକ୍ଷେପ ନେବାକୁ ବଜରଙ୍ଗଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ କର ଦାବି କରିଛନ୍ତି ।

# ୩ ଟ୍ରଲର ଜବତ; ୨୩ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୭ ।୧୨(ସମିସ):

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ୩ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୨୩ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରୁ ପାର୍ବତୀ ପତି, ଲକ୍ଷ୍ମୀ ନାରାୟଣ-୧୧ ଓ ଜଳଦେବୀ-୩ ନାମକ ୩ ଟ୍ରଲର ଜବତ କରିଥିଲେ । ଜବତ ଟ୍ରଲରଗୁଡ଼ିକରୁ ୭୭ କୁଇଣ୍ଟାଲ ୧୦ କେଜି ମାଛ, ୩ଟି ଜିପିଏସ, ୭ଟି ଭିଏଚଏଫ, ୨ଟି ଫିସ୍ ଫାଇଣ୍ଡର, ୨୫ଟି ଟ୍ରଲିଂ ନେଟ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ଅନନ୍ତ ମହାନ୍ତି, ସୁରେନ୍ଦ୍ର ସିଂ, ବିଚିତ୍ର ମଳିକ, ଭାଗବତ ଦାସ, ଅର୍ଜୁନ ମଳିକ, ରାଜେନ୍ଦ୍ର ଦାସ,













କାର୍ତ୍ତିକ ମୁର୍ମୁ, ସୁମନ ମାଝୀ, ଦିବିରା ମୁର୍ମୁ, ବାଦଲ ସେନାପତି, ଚକ୍ରଧର ବେହେରା, ଜଗବନ୍ଧୁ ମାଝୀ, ବାପୁନ ଜେନା, ଗୟାଧର ନାଥ, ରତିକାନ୍ତ ସିଂ, ଜଗନ୍ନାଥ ମଳିକ, ବୀରେନ୍ଦ୍ର ଗୋଛାୟତ, ଭୀମା ସର୍ଦ୍ଦାର, ସୁଶାନ୍ତ ମଣ୍ଡଳ, ଶଙ୍କର ସିଂ, ପୁଲେନ୍ଦୁ ମାଇତି, ବଳରାମ ଦଳାଇ, ରାଜେନ୍ଦ୍ର ବେରା । ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି ।

# ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ଉତ୍ସବ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସଭାପତି ଅଶୋକ ପରିଡ଼ା ମୁଖ୍ୟବକ୍ତା, କାଉନସିଲର ଲାସ୍ୟମୟୀ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ଜିଲ୍ଲା ଓଷ୍ଟା ଉପସଭାପତି ମଧୁଛନ୍ଦା ନାଥଶର୍ମା ଓ ସ୍କୁଲ ପରିଚାଳନା କମିଟି ସଭାପତି ଅନୁସୂୟା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ହେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମତପ୍ରକାଶ କରିଥିଲେ । ଓଷ୍ଟା ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ ସ୍ୱାଗତ ଭାଷଣ ଓ ଦିଲୀପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେଷ ଶ୍ରଦ୍ଧାଞ୍ଜଳି ନାଥଶର୍ମା ଧନ୍ୟବାଦ ଦେଇଥିଲେ । ଏଥିରେ ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ୧୮୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ବିଇଓ ଅଜିତ କୁମାର ବାରିକ ମୁଖ୍ୟବକ୍ତା, ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ପ୍ରାକ୍ତନ ସଭାପତି ଗୋକୁଳ ରାଉତ, ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଓଷ୍ଟା ସମ୍ପାଦକ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ଜିତେନ୍ଦ୍ର ଦଳାଇ ସ୍ୱାଗତ ଭାଷଣ ଓ ସସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଣତଜ୍ୟୋତି ସାମଲ ଧନ୍ୟବାଦ ଦେଇଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଇଟା ମାଫିଆଙ୍କୁ ସାବାଡ଼ କଲେ ତହସିଲଦାର

ଡେରାବିଶ,୧୭ ।୧୨(ସମିସ): ପରିବେଶ ପ୍ରଦୂଷଣ ରୋକିବା ପାଇଁ ସରକାର ମାଟି ପୋଡ଼ା ଇଟା ତିଆରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି । ହେଲେ ଏହାକୁ ଡେରାବିଶର ଇଟା ମାଫିଆମାନେ ଫୁ କରି ଦେଇଛନ୍ତି । ପ୍ରଶାସନ ଯେତେ ତାଗିଦ କଲେ ମଧ୍ୟ ସେମାନେ ଖାତିର କରୁନାହାନ୍ତି । ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବୁଧବାର ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ନାୟକ ଓ କାଉପଡ଼ା ରାଜସ୍ୱ ନିରୀକ୍ଷକ ତହସିଲ ଅଧୀନ ଥକେଇନେଉଳି ଗ୍ରାମରେ ହୋଇଥିବା ବିଭିନ୍ନ ଇଟାଭାଟିରେ ଚଢ଼ଉ କରି କଞ୍ଚା ଇଟାଗୁଡ଼ିକୁ ନଷ୍ଟ କରିବା ସହ ଭାଟିଗୁଡ଼ିକୁ ଭାଙ୍ଗି ଦେଇଥିଲେ । ତହସିଲଦାରଙ୍କ ଏହି ଅଚାନକ ଚଢ଼ଉ ଫଳରେ ଇଟା ମାଫିଆଙ୍କ ମଧ୍ୟରେ ଛନକା ପଶିଛି ।



# ଚଳଚ୍ଚିତ୍ର ପ୍ରଯୋଜକ ରବୀନ୍ଦ୍ର ସାହୁଙ୍କ ପରଲୋକ



କେନ୍ଦ୍ରାପଡ଼ା,୧୭ ।୧୨(ସମିସ): ବିଶିଷ୍ଟ ବ୍ୟବସାୟୀ, ଚଳଚ୍ଚିତ୍ର ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ୮୧ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ହୃଦଘାତରେ ପରଲୋକ ହୋଇଛି । ତାଙ୍କ ବିୟୋଗରେ କେନ୍ଦ୍ରପଡ଼ା ସହରରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର କେନ୍ଦ୍ରାପଡ଼ାସ୍ଥିତ ବାସଭବନରେ ପହଞ୍ଚିବା ପରେ ସହର ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଭୁବନେଶ୍ୱରସ୍ଥିତ ଡାକ୍ତରଖାନାରେ ସ୍ୱର୍ଗତ ସାହୁଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ସାହୁ ବଳଦେବଜୀୟୁ ପ୍ରଡକ୍ସନ୍ସ ବ୍ୟାନରରେ ୧୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରି ସଫଳ ହୋଇଥିଲେ । ସେ ରାଜନୀତିରେ ଯୋଗଦେଇ କେନ୍ଦ୍ରାପଡ଼ା ପୌର ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ସହରର ଉନ୍ନତିମୂଳକ କାର୍ଯ୍ୟ କରିଥିଲେ । କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏଥିସହ ଶ୍ରୀବଳଦେବଜୀୟୁ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଏବଂ ଭୂ-ଉନ୍ନୟନ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ବିଜେଡି ନେତା ରଞ୍ଜିତ ସାହୁ ମୁଖାଗ୍ନି ଦେଇଥିଲେ ।

■ ମାଟିତଳେ ପୋତି ହୋଇ ଘରମାଲିକଙ୍କ ମୃତ୍ୟୁ ଘଟଣା

# ପରିବାର ପକ୍ଷରୁ ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା,୧୭ ।୧୨(ସମିସ): ଅନ୍ଧବିଶ୍ୱାସ ଯୋଗୁଁ ପୁଣି ଏକ ପରିବାର ଉଜୁଡ଼ିଯାଇଛି । ଗୁପ୍ତଧନ ପାଇବା ଆଶାରେ ଖୋଳାଯାଇଥିବା ଗାତରେ ପଡ଼ି ଘର ମାଲିକଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ଏହି ଘଟଣା ଘଟିବା ପରେ ପୁଲିସ ପ୍ରଶାସନ ତତ୍ପର ହୋଇଉଠିଛି । ପାଳକଣାର ଜଗବନ୍ଧୁ ମହାରଣା ମଙ୍ଗଳବାର ରାତିରେ ଘର ଭିତରେ ପ୍ରାୟ ୧୦ ଫୁଟ ଗଭୀର ଗାତ ଖୋଳୁଥିବା ବେଳେ ହଠାତ୍ ମାଟି ଧସିଯିବାରୁ ସେ ଫସି ଯାଇଥିଲେ । ପ୍ରାୟ ଘଣ୍ଟାଏ କାଳ ୩ ଫୁଟ ମାଟି ତଳେ ଚାପି ହୋଇ ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ମାମଲାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୁଖ୍ୟ ଗୁଣିଆ ଫେରାର ହୋଇଯାଇଥିବା ବେଳେ ପୁଲିସ ତାଙ୍କର ଦୁଇ ସହଯୋଗୀଙ୍କୁ ଅଟକ ରଖି

**ମୁଖ୍ୟ ଗୁଣିଆ ଫେରାର, ୨ ସହଯୋଗୀ ଅଟକ**

ପଚରାଉଚରା କରୁଛି ।

ସୂଚନା ଅନୁସାରେ, କଟକ ଜିଲ୍ଲା ନେମାଳ ଅଞ୍ଚଳରୁ ଆସିଥିବା ଜଣେ ଗୁଣିଆ ଜଗବନ୍ଧୁଙ୍କ ଘର ଭିତରେ ସୁନାରୁପା, ମୋତିମାଣିକ୍ୟ ପୋତି ହୋଇ ରହିଥିବା କହି ଅନ୍ଧବିଶ୍ୱାସରେ ଫସାଇଥିଲେ । ଗତ ଏକ ମାସ ଧରି ଘର କବାଟ ବନ୍ଦ କରି ପୂଜାର୍ଚ୍ଚନା ଚାଲିଥିବା ସହ ଗୁଣିଆ ୫୦ ହଜାର ଟଙ୍କାରୁ ଅଧିକ ନେଇଥିବା ଜଣାପଡ଼ିଛି । ସଂକ୍ରାନ୍ତି ଦିନ ସନ୍ଧ୍ୟା ୫ଟାରେ ଗୁଣିଆ ଓ ତାଙ୍କ ଦୁଇ ସହଯୋଗୀ ଜଗବନ୍ଧୁଙ୍କୁ ଗାତ ଖୋଳିବାକୁ ନିର୍ଦ୍ଦେଶ ଦେଇଥିଲେ । ଘଟଣା ଘଟିବା ପରେ ମୁଖ୍ୟ ଗୁଣିଆ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ଗାଁ ଲୋକଙ୍କ ହାତରେ ତାଙ୍କ ଦୁଇ ସହଯୋଗୀ ଧରାପଡ଼ିଥିଲେ । ସେମାନଙ୍କୁ ପୁଲିସ ଜିମା ଦିଆଯାଇଛି । ପଡ଼ୋଶୀ ପଦ୍ମଚରଣ ସୂତାର ଓ ତିଳୋତ୍ତମା ସାହୁ କହିଛନ୍ତି, ଅନ୍ଧବିଶ୍ୱାସ ହିଁ ଏହି ଦୁର୍ଘଟଣାର ମୂଳ କାରଣ । ଜଗବନ୍ଧୁଙ୍କ ଭାଇ ଚନ୍ଦ୍ରଭାନୁ ମହାରଣାଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି । ବଢ଼େଇ କାମ କରି ପରିବାର ପ୍ରତିପୋଷଣ କରୁଥିବା ଜଗବନ୍ଧୁଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ଜଗବନ୍ଧୁଙ୍କୁ ଉଦ୍ଧାର କରିଥିବା ରଞ୍ଜନ ବାରିକ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ପ୍ରସାଦ ଜେନା ଗୁଣିଗାରେଡ଼ି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ସଚେତନତା ସୃଷ୍ଟି ପାଇଁ ପ୍ରଶାସନକୁ ଦାବି କରିଛନ୍ତି ।

# ଡ୍ରେନେଜ୍ କଟ୍ ପୁନରୁଦ୍ଧାର ନାମରେ କାଟିଲେ ବଡ଼ ବଡ଼ ତାଳଗଛ

● ବନ ବିଭାଗ ଓ ତହସିଲ ପ୍ରଶାସନ ଜବତ କଲେ ଜେସିବି ମେସିନ୍




ଡେରାବିଶ,୧୭ ।୧୨(ସମିସ): ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ପରି ଏବେ ଡ୍ରେନେଜ୍ କଟ୍ ସଫେଇ ଚାଲିଛି । ଜେସିବି ମେସିନ୍ ସହାୟତାରେ ଡ୍ରେନେଜ୍ କଟ୍ ଭିତର ଓ ବନ୍ଧର ସଫେଇ କରାଯାଇ ବନ୍ଧକୁ ସୁଦୃଢ଼ ଓ ଏହା ଭିତରର ଦଳ ଇତ୍ୟାଦି ସଫେଇ ଚାଲିଛି । ତେବେ ଆଜି ୧୯ନଂ ଡ୍ରେନେଜ୍ କଟ୍‌ର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ନିକଟରେ ସଫେଇ ଚାଲିଥିବା ବେଳେ ଜେସିବି ଚାଳକ ଡ୍ରେନେଜ କଟ୍ ବନ୍ଧରେ ରହିଥିବା ଶହଶହ ତାଳଗଛ କାଟିଦେଇଥିବା ଦେଖିବାକୁ ମିଳିଥିଲା । ବଜ୍ରପାତରୁ ସୁରକ୍ଷା ପାଇଁ ସରକାର ଏବେ ତାଳଗଛ ରୋପଣ କରିବା ସହ ପୁରୁଣା ତାଳଗଛ ନ କାଟିବା ପାଇଁ ପରାମର୍ଶ ଦେଇଛନ୍ତି । ହେଲେ ଠିକାଦାର ଜଣକ ଜାଣିଶୁଣି ଡ୍ରେନେଜକଟ୍ ବନ୍ଧରେ ଥିବା ବହୁ ବଡ଼ ବଡ଼ ତଳଗଛ କାଟି ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ । ଖବର ପାଇ ତହସିଲଦାର ସରୋଜକାନ୍ତ ନାୟକ ଓ ବନବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଳଗଛ ତାଡ଼ିଥିବା ଜେସିବିକୁ ଜବତ କରିଛନ୍ତି ।

# କ୍ଷୀରପ୍ରଭା ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମାଆ ତଥା ବିଧାୟକ ସୌଭିକ ବିଶ୍ୱାଳଙ୍କ ଜେଜେ ମାଆ କ୍ଷୀରପ୍ରଭା ବିଶ୍ୱାଳଙ୍କ ଚତୁର୍ଦ୍ଦଶାହ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପାଳଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ପେଣ୍ଠପାଳ ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ, ସମାଜସେବୀ ରାଜେଶ ପଣ୍ଡା, ଅସିତ କୁମାର ସାହୁ, ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ, ବରିଷ୍ଠ ନେତା କେଦାର ବିଶ୍ୱାଳ, ଟୁକୁ ରାୟ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ମିଟୁ ମନୋଜ ନାୟକ, କ୍ଷମାନିଧି ସାମଲ ପ୍ରମୁଖ ଯୋଗଦେଇ କ୍ଷୀରପ୍ରଭାଙ୍କ ସ୍ମୃତିଚାରଣ କରିଥିଲେ । ହେମନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଅଚାନକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ

● ରୋଗୀ ସେବା, ସଫେଇ ଓ ବ୍ୟବହାର ଉପରେ ଗୁରୁତ୍ୱ



କେନ୍ଦ୍ରାପଡ଼ା,୧୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କରିଥିଲେ । ଗସ୍ତ କାଳରେ ଜିଲ୍ଲାପାଳ ପ୍ରଥମେ ଓପିଡି ଓ ପଞ୍ଜୀକରଣ କାଉଣ୍ଟର ବୁଲି ସେଠାରେ ରୋଗୀଙ୍କୁ ମିଳୁଥିବା ସୁବିଧା, ଲମ୍ବା ଧାଡ଼ି ଓ ସେବା ପ୍ରଦାନ ପ୍ରଣାଳୀ ନିରୀକ୍ଷଣ କରିଥିଲେ । ପରେ ସେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ । ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଚିକିତ୍ସା, ଔଷଧ, ଖାଦ୍ୟ ଓ ସାଧାରଣ ବ୍ୟବହାର ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟାଗୁଡ଼ିକୁ ଗମ୍ଭୀରତାର ସହିତ ଶୁଣିଥିଲେ ଜିଲ୍ଲାପାଳ । ଏହି ଅବସରରେ ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀଙ୍କୁ ରୋଗୀଙ୍କ ସହିତ ଉତ୍ତମ ବ୍ୟବହାର କରିବା ସହିତ ଉତ୍ତମ ଚିକିତ୍ସା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଚିକିତ୍ସାଳୟ ପରିସର ଓ ଟୟଲେଟ ସଫେଇ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଆହାର କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କୁ ମିଳୁଥିବା ଖାଦ୍ୟର ଗୁଣମାନ ଓ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ । ଚିକିତ୍ସାଳୟର ଅନ୍ୟାନ୍ୟ ସମସ୍ୟା ଓ ଆବଶ୍ୟକତା ଉପରେ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

# ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ

 କେନ୍ଦ୍ରାପଡ଼ା,୧୭ ।୧୨(ସମିସ):



ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ସ୍ୱଦେଶ ମେଳାର ସଫଳ ଆୟୋଜନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଓରମାସର ଡେପୁଟି ସିଇଓ ନିରୋଧ ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ସିଡିଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ସ୍ୱଦେଶ ମେଳା ଓ ଜିଲ୍ଲା ମହୋତ୍ସବ ଆସନ୍ତା ଜାନୁଆରୀ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ । ବୈଠକରେ କାର୍ଯ୍ୟକ୍ରମର ସଫଳ ଆୟୋଜନ, ସୁରକ୍ଷା, ସ୍ୱଚ୍ଛତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ଷ୍ଟଲ୍ ବ୍ୟବସ୍ଥା, ପାର୍କିଂ ଓ ଦର୍ଶକ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରଖି ପ୍ରସ୍ତୁତିକୁ ଆହୁରି ଜୋରଦାର କରିବା ସହ କାର୍ଯ୍ୟକ୍ରମକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ

ଉତ୍ତମ ପୋଷଣ ହିଁ ଶିଶୁର ଜୀବନଧାରଣ ଓ ବିକାଶର ମୂଳଦୁଆ।
-ୟୁନିସେଫ୍

## ସୁନ୍ଦରଗଡ଼ର ମହକ

ସମୟ ଥିଲା ଦେଶର ଚାହିଦା ପୂରଣ ପାଇଁ ଅଧିକ ଅମଳକ୍ଷମ ବିହନ ଓ ରାସାୟନ ସାର ପ୍ରୟୋଗକୁ ପ୍ରାଧାନ୍ୟ ଦିଆଯାଉଥିଲା। ଏହାଫଳରେ ଖାଦ୍ୟଶସ୍ୟ କ୍ଷେତ୍ରରେ ଭାରତ ସ୍ୱାବଲମ୍ବୀ ହେବା ସହ ରପ୍ତାନି କରୁଛି। କିନ୍ତୁ ଦିନକୁ ଦିନ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଉଥିବାରୁ ପାରମ୍ପରିକ ପଦ୍ଧତିରେ ହେଉଥିବା ଜୈବିକ ଚାଷ ପ୍ରତି ଆକର୍ଷଣ ବଢ଼ିଛି। ତେଣୁ ଜୈବିକ ପଦ୍ଧତିରେ ହେଉଥିବା ଚାଷ ସଂପ୍ରତି ଏକ ବିପ୍ଳବର ରୂପ ନେଇଛି। ଆମେ ଏଠାରେ ସୁନ୍ଦରଗଡ଼ ପାରମ୍ପରିକ ପଦ୍ଧତିରେ ଦେଶୀ ଧାନ ଚାଷ କିଭଳି ଆଧୁନିକ ପ୍ରଣାଳୀର ଉତ୍ପାଦିତ ହେଉଥିବା ଅଧିକ ଅମଳକ୍ଷମ ଧାନ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଉଛି ତାହା ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ। ଏକର ପିଛା ଧାନ ଅମଳରେ ପାରମ୍ପରିକ ଚାଷ ପଛରେ ପଡ଼ିଯାଇଥିଲେ ମଧ୍ୟ ତାହାର ବର୍ଦ୍ଧିତ ଚାହିଦା ଓ ବଜାର ଦର ଚାଷୀଙ୍କୁ ବେଶ୍ ଲାଭ ପ୍ରଦାନ କରିଛି। ଫଳରେ ତିନିବର୍ଷ ଧରି ଅଧିକରୁ ଅଧିକ ଜମିରେ ଏପ୍ରକାର ଧାନ ଚାଷ ହେଉଛି ଏବଂ ବଜାରରେ ଖାଉଟିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କ୍ରମାଗତ ରାସାୟନିକ ସାର ପ୍ରୟୋଗ ଫଳରେ ଜମିର ଉର୍ବରତା ହ୍ରାସ ପାଉଥିବାରୁ ଚାଷୀଙ୍କ ମଧ୍ୟରେ ପାରମ୍ପରିକ ଚାଷ ପ୍ରତି ଆଗ୍ରହ ମଧ୍ୟ ବଢ଼ିଛି।

ପ୍ରାୟ ଦଶବର୍ଷ ତଳେ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଏହି ପାରମ୍ପରିକ ଚାଷ ପାଇଁ କିଛି ଦେଶୀ ଧାନ ବିହନ ସଂରକ୍ଷଣ ଏଦିଗରେ ସବୁଠାରୁ ବଡ଼ ଯୋଗଦାନ ଥିଲା। ତେବେ ଏହି ଜୈବିକ ଚାଷ ବିଶେଷ ଅଗ୍ରଗତି କରିପାରିନଥିଲା। ଗତ ତିନିବର୍ଷ ମଧ୍ୟରେ ଏହି ପଦ୍ଧତି ସଂପ୍ରସାରିତ ହେବା ସହ ଚାଷୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହୋଇଛି। ୨୦୨୫-୨୬ କୃଷିବର୍ଷରେ ଜିଲ୍ଲାର ୮,୩୦୦ ହେକ୍ଟର ଜମିରେ ପାରମ୍ପରିକ ପଦ୍ଧତିରେ ଦେଶୀଧାନ ଚାଷ ହୋଇଛି। ସବୁଠାରୁ ବଡ଼ କଥା ହେଲା, ଚାଷୀଙ୍କୁ ଲାଭପ୍ରଦ ମୂଲ୍ୟ ମିଳୁଛି ଏବଂ ବଜାରରେ ଚାହିଦା ବଢ଼ିଛି। ସରକାର ଅଧିକ ଅମଳକ୍ଷମ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ସଂଗ୍ରହ କରୁଥିବା ବେଳେ ଦେଶୀଧାନ ଅମଳ କରୁଥିବା ଚାଷୀଙ୍କୁ ୪୧୦୦ ଟଙ୍କା ମିଳୁଛି। ଅବଶ୍ୟ ହେକ୍ଟର ପିଛା ଧାନ ଅମଳରେ ପାର୍ଥକ୍ୟ ରହିଛି। ରାସାୟନିକ ସାର ପ୍ରୟୋଗ କରି ଚାଷୀ ଅଧିକ ଅମଳକ୍ଷମ ଧାନ ହେକ୍ଟର ପିଛା ୩୬ କ୍ୱିଣ୍ଟାଲ ଅମଳ କରିପାରୁଛି। ତେବେ ପାରମ୍ପରିକ ଚାଷରେ ଏହା ୨୪ ରୁ ୨୮ କ୍ୱିଣ୍ଟାଲ ମଧ୍ୟରେ ସୀମିତ ରହିଛି। ସେହିପରି ଟାଙ୍ଗରପାଲି ଓ ଲେଫ୍ରିପଡ଼ାରେ ୨୪ ରୁ ୨୫ କ୍ୱିଣ୍ଟାଲ ଧାନ ଉତ୍ପାଦିତ ହେଉଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ୮,୩୦୦ ହେକ୍ଟର ମଧ୍ୟରୁ ୭୦ ପ୍ରତିଶତ ଜମିରେ ଅଣ ବାସୁମତି ପାରମ୍ପରିକ ଧାନ ଚାଷ ହେଉଥିବା ବେଳେ ଅବଶିଷ୍ଟ ଜମିରେ ଦେଶୀ ଧାନ ଅମଳ ହେଉଛି, ଯାହାର ଚାହିଦା ସବୁଠାରୁ ଅଧିକ। ରପ୍ତାନି ସୁଯୋଗ ଦୃଷ୍ଟିରୁ ଚାଷୀ ଏ ବାବଦରେ ଅଧିକ ଉପାର୍ଜନ କରିବାକୁ ସମର୍ଥ ହୋଇଛି। ଅଣବାସୁମତି ଦେଶୀ ସୁବାସିତ ଚାଉଳ ମଧ୍ୟରେ ଗୀତାଞ୍ଜଳି, କେତକୀ ଗୋହା, ବାଦଶାହ ଓ ସୁଗନ୍ଧା ଅନ୍ୟତମ। ଆମର ନିତିଦିନିଆ ଚାଉଳ ମଧ୍ୟରେ 'କଳାଚମ୍ପା' ପ୍ରତି ସାଧାରଣ ଗ୍ରାହକଙ୍କ ଚାହିଦା ସବୁଠାରୁ ଅଧିକ।

ପାରମ୍ପରିକ ଧାନ ଚାଷ ପ୍ରତି ଚାଷୀଙ୍କୁ ଆକର୍ଷିତ କରିବା ସକାଶେ ହେକ୍ଟର ପିଛା ୫ ହଜାର ଟଙ୍କା ସହାୟତା, ୪୫ କେଜି ଦେଶୀ ଧାନ ବିହନ ଓ ଜୈବିକ ସାର ସହ ଓ ପିଡ଼ିଆ ବାବଦରେ ୭୦୦୦ ଟଙ୍କା ଦିଆଯାଉଥିଲା। ଏହି ସହାୟତା ରାଶି ହ୍ରାସ କରାଯାଇଥିଲେ ମଧ୍ୟ ଅଧିକରୁ ଅଧିକ ଜମିରେ ପାରମ୍ପରିକ ଦେଶୀ ଧାନ ଚାଷ ହେଉଥିବାରୁ ଏହି ବିହନ କୃଷି ବିପ୍ଳବ ଆଗକୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ସଂପ୍ରସାରିତ ହେବ ବୋଲି ଆଶା କରୁ। ●

## ଆତଙ୍କବାଦ – ମାନବବାଦ

ଅଷ୍ଟ୍ରେଲିଆର ସିଡିନୀ ବଣ୍ଡିବିଚ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କେନ୍ଦ୍ର କରି ପରସ୍ପର ବିରୋଧୀ ବିବାଦୀୟ ମନ୍ତବ୍ୟ ଆସିଥିବାରୁ ଏହାର ଉଦ୍ଦେଶ୍ୟ ଏବେ ମଧ୍ୟ ସ୍ପଷ୍ଟ ହୋଇନାହିଁ। ରବିବାର ଘଟିଥିବା ନାରକୀୟ ହିଂସାକାଣ୍ଡରେ ସଂପୃକ୍ତ ଗୋଟିଏ ଧର୍ମର ଦୁଇଟି ସ୍ୱରୂପ ଏପ୍ରକାର ମତାନ୍ତର ପାଇଁ ଖୋରାକ ଯୋଗାଇଛି। ହାନୁଖା ଉତ୍ସବରେ ଯୋଗଦେଇଥିବା ଇହୁଦୀଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଇସ୍ରାଇଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଇସଲାମ ବିରୋଧୀ ଆଭିମୁଖ୍ୟକୁ ବଳ ଯୋଗାଇଛି। ଏପରିକି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନ୍‌ସି ଗାଜାରେ ଚାଲିଥିବା ନରସଂହାର ବିରୋଧରେ କଠୋର ପ୍ରତିକ୍ରିୟା ଏବଂ ସ୍ୱତନ୍ତ୍ର ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସପକ୍ଷରେ ଦେଇଥିବା ମନ୍ତବ୍ୟକୁ ମଧ୍ୟ ସେ କଡ଼ା ସମାଲୋଚନା କରିଛନ୍ତି। ସମଗ୍ର ବିଶ୍ୱ ନେତୃବର୍ଗ ନେତାନ୍ୟାହୁଙ୍କ କାର୍ଯ୍ୟଶୈଳୀକୁ ତୀବ୍ର ବିରୋଧ କରୁଥିବା ବେଳେ ସିଡନୀ ଘଟଣାକ୍ରମକୁ ଆଳ କରି ସେ ଇସଲାମ ବିରୋଧୀ କାର୍ଯ୍ୟକଳାପ ସପକ୍ଷରେ ଜନମତ ସୃଷ୍ଟି ପାଇଁ ଆଗେଇ ଆସିଛନ୍ତି। କୂଟନୈତିକ ଚାପର ବଶବର୍ତ୍ତୀ ହୋଇ ସେ ଶାନ୍ତି ରାଜାନାମାକୁ ଗ୍ରହଣ କରିଥିଲେ ମଧ୍ୟ ନାନା ଆଳ ଦେଖାଇ ଛୋଟବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଦୁଇ ଆକ୍ରମଣକାରୀ ପିତା-ପୁତ୍ର, ସାଜିଦ ଓ ନବିଦ ଆକ୍ରାମ୍ ଆଇଏସ କର୍ମୀ କୁହାଯାଇଥିବା ବେଳେ ସେମାନେ ଯେ ଆଇଡିଏଫ କର୍ମୀ ନୁହନ୍ତି ଏକଥା କିଏ କହିବ? ନିଜ ସପକ୍ଷରେ ଜନମତ ସୃଷ୍ଟି ସକାଶେ ନେତାନ୍ୟାହୁଙ୍କ କୁଟିଳ ନୀତିର ଏହା ଅଂଶବିଶେଷ ହୋଇପାରେ।

ଇହୁଦୀଙ୍କ ପରମଶତ୍ରୁ ମୁସଲ୍‌ମାନମାନଙ୍କ ଜେହଦୀ ସଂଗଠନ ପକ୍ଷରୁ ଏହି ଆକ୍ରମଣ ହୋଇଥାଇପାରେ। କିନ୍ତୁ ସେମାନଙ୍କ ମଧ୍ୟରେ ମାନବବାଦୀ ଚିନ୍ତନ ଯେ ବଞ୍ଚିରହିଛି ତାହାର ପ୍ରମାଣ ହୋଇଛନ୍ତି ମହମ୍ମଦ-ଅଲ୍ଲୀ-ମହମ୍ମଦ। ଜୀବନକୁ ବିପନ୍ନ କରି ନିରସ୍ତ୍ର ମହମ୍ମଦ ଇହୁଦୀଙ୍କ ପ୍ରାଣରକ୍ଷା ପାଇଁ ବନ୍ଧୁକଧାରୀଙ୍କୁ କାବୁ କରିଛନ୍ତି। ଏଭଳି ଦୁଃସାହସିକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ପ୍ରବର୍ତ୍ତାଇଥିବା ଭାଇଙ୍କୁ ସେ କହିଥିଲେ ଯଦି ତାଙ୍କର କିଛି ହୋଇଯାଏ ତେବେ ପରିବାରର ସଦସ୍ୟଙ୍କୁ କହିବ ତାଙ୍କ କାନ୍ଧରେ ଗୁଳି ବାଜିଥିବାରୁ ସେ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଏହି ସାହସିକ ପଦକ୍ଷେପ ଯୋଗୁଁ ଶତାଧିକ ଇହୁଦୀ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସିଡନୀ ଆତଙ୍କବାଦୀ ଆକ୍ରମଣରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୦ ଜଣ ଆହତ ହୋଇଛନ୍ତି। ପୁଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ସାଜିଦର ମୃତ୍ୟୁଘଟିଛି ଓ ପୁତ୍ର ନବିଦ୍ ଗୁରୁତର ଆହତ ହୋଇଛି। ସେମାନଙ୍କ ଘରୁ ଆଇଏମ ପତାକା ଓ ବିସ୍ଫୋରକ ସାମଗ୍ରୀ ମିଳିଥିବା କୁହାଯାଉଛି। ପୂର୍ବରୁ ନବିଦଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ପରିସରକୁ ଆସିଥିଲା। ଏମାନେ ପାକିସ୍ତାନ ବଂଶୋଦ୍ଭବ ଓ ୧୯୯୮ ରୁ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଆସି ସାଜିଦ ସହିତ ପାରିବାରିକ ସମ୍ବନ୍ଧରେ ବାନ୍ଧି ହୋଇ ରହିଯାଇଛନ୍ତି। ଅନ୍ୟ ପକ୍ଷରେ ଜୀବନ ରକ୍ଷାକାରୀ ଅହମ୍ମଦ ସିରିୟା ବାସିନ୍ଦା। ବ୍ୟକ୍ତି ଓ ବ୍ୟକ୍ତି ଚରିତ୍ର କେବଳ ରାଷ୍ଟ୍ର ପରିଚୟରୁ ଚିହ୍ନଟ ହୁଏନି, ହୁଏ ତାଙ୍କ କାର୍ଯ୍ୟକଳାପରୁ, ତାହା ପ୍ରମାଣିତ ହୋଇଛି। ●

## ଖାଦ୍ୟ ଅପଚୟ: ସମସ୍ୟା ଓ ସମାଧାନ

ବିଦ୍ୟାଧର ମହାରଣା

ଏବେ ସବୁଆଡ଼େ ବାହାଘର ପରିବେଶ। ସବୁଠି କ୍ୟାଟରିଂ ଚର୍ଚ୍ଚା। କିଏ କେତେ ପ୍ରକାରର ମେନ୍ୟୁ କରିଛି ତାହାର ଏକ ତାଲିକା ଅତିଥିମାନଙ୍କୁ ଧରାଇ ଦିଆଯାଉଛି। ଷ୍ଟାର୍ଟର, ସାଲାଡ, ମେନ ମେନ୍ୟୁ, ଡେଜର୍ଟ, ମିଠା ଇତ୍ୟାଦି ବହୁ ଆଇଟମ ବନ୍ଦୋବସ୍ତ କରାଯାଉଛି। ଗୁପଚୁପ, ଚାଟ, ମିଠା ମକା ଛଣା, ଅଣ୍ଡା ଚପ୍, କଟଲେଟ, ଚିଙ୍ଗୁଡ଼ି ଚପ୍, ଚିକେନ ପକୋଡ଼ା, ପନିର ଟିକା, ମସରୁମ ଟିକା, ସ୍ପିଙ୍ଗ ରୋଲ, ବରା ଆଳୁଦମ, ସୁପ ଇତ୍ୟାଦି ଷ୍ଟାର୍ଟର ସହିତ କୋଲ୍ଡ ଡ୍ରିଙ୍କ୍ସ ପରେ ମେନ ମେନ୍ୟୁ। ଏହାପରେ ମିଠା। ଅତିଥି ମାନେ ଖାଇବାରେ ହେଳା କାହିଁକି କରିବେ? ଉପହାର ତ ଦିଆଯାଇଛି, ଖାଇବାନି କିଆଁ? କିନ୍ତୁ ଭୋଜି ଶେଷରେ କେତେ ଖାଦ୍ୟ ଅପଚୟ ହେଉଛି ତା'ର ହିସାବ କିଏ ରଖୁଛି? ଏହାର ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ କେତେକ ଭାବୁ ନାହାନ୍ତି। ଜଣେ ବୟସ୍କ ଦିନକୁ ୨୦-୩୦ ଗ୍ରାମ ତେଲ (୪-୬ ଚାମଚ) ଖାଇବା କଥା। କିନ୍ତୁ ତାହା ଭୋଜିରେ ୬୦-୧୦୦ ଗ୍ରାମ ହୋଇଯାଏ। ସ୍ୱନାମଧନ୍ୟ ଡାକ୍ତର ଅଶୋକ ଚନ୍ଦ୍ର ମହାପାତ୍ର କହନ୍ତି ବୟସ୍କ ଲୋକ ଗୋଟିଏ/ଦୁଇଟି ତରକାରୀ ଖାଇବା କଥା। ଅଧିକା ଖାଇଲେ ଲୁଣ ଓ ତେଲ ଅଧିକ ହୋଇ ଶରୀର ପାଇଁ କ୍ଷତିକାରକ। କିନ୍ତୁ ସେଥିପାଇଁ କାହାର ନିଘା ନାହିଁ।

ଭାରତରେ ଏପରି ସାମାଜିକ ଉତ୍ସବରେ ପ୍ରାୟ ୧୦-୨୦% ଓ ସ୍ଥଳବିଶେଷରେ ୩୦-୪୦% ଖାଦ୍ୟ ଅପଚୟ ହୁଏ, ଯାହାର ମୂଲ୍ୟ ବାର୍ଷିକ ୯୨୦୦୦ କୋଟି ଟଙ୍କା। ଅହମ୍ମଦାବାଦ ଏ କ୍ଷେତ୍ରରେ ଅପବାଦର ଶୀର୍ଷରେ ରହିଛି। ସେଠାରେ ସାଧାରଣ ବାହାଘର ଭୋଜିରେ ୧୫-୨୫% ଖାଦ୍ୟ ଅପଚୟ ହୁଏ, ଯାହା କେତେଶହ କିଲୋଗ୍ରାମ ଖାଦ୍ୟ ସହିତ ସମାନ। କେତେ ଖାଦ୍ୟ ନଷ୍ଟ ହେଉଛି ଓ କାହିଁକି ହେଉଛି ସେ ବିଷୟରେ କ୍ୱଚିତ ଆଲୋଚନା ହେଉଛି। ଭାରତରେ ବର୍ଷକୁ ପ୍ରାୟ ୧୦ ନିୟୁତ ବିବାହ ଉତ୍ସବ ଅନୁଷ୍ଠିତ ହୁଏ। ଏଥିରେ ଅଧିକାଂଶ କ୍ଷେତ୍ରରେ ଆବଶ୍ୟକତା ଅପେକ୍ଷା ଅଧିକ ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ବଫେ ବ୍ୟବସ୍ଥାରେ ଖାଦ୍ୟ ପରିବେଷଣ କରାଯାଏ। ଅଟକଳ ଅନୁସାରେ ବିବାହ ଭୋଜିଗୁଡ଼ିକରେ ପ୍ରାୟ ହାରାହାରି ୩୦% ଖାଦ୍ୟ ଅପଚୟ ହୋଇଥାଏ। ବହୁ ଲୋକ ଲୋଭରେ ହେଉ ବା ଇଚ୍ଛା ବିରୁଦ୍ଧରେ ଅଧିକ ଖାଇବା ପାଇଁ ବିଭିନ୍ନ ଆଇଟମ ପ୍ଲେଟ୍‌ରେ ଆଣନ୍ତି। କିନ୍ତୁ ଖାଇନପାରି ୱେଷ୍ଟବିନ୍‌ରେ ଫୋପାଡ଼ି ଦିଅନ୍ତି। ଏଥିରେ ବହୁ ଅର୍ଥ ଅପଚୟ ସହିତ ପରିବେଶୀୟ ସମସ୍ୟା ସୃଷ୍ଟି ହୁଏ।

ଏପରି ଖାଦ୍ୟ ଅପଚୟ ହେବାର ମୁଖ୍ୟକାରଣଗୁଡ଼ିକ ହେଲା ସାଂସ୍କୃତିକ ଚାପ, ଅତ୍ୟଧିକ ପ୍ରସ୍ତୁତି, ବଫେ ସିଷ୍ଟମ, ରୋଷେଇରେ ଅସୁବିଧା ଓ ଜନଗହଳି। ଗ୍ରାମାଞ୍ଚଳ ଭୋଜିରେ ବଳକା ଖାଦ୍ୟକୁ ସାଇ ପଡ଼ିଶା ମଧ୍ୟରେ ବାଣ୍ଟି ଦିଆଯାଏ। ଗରିବ ଲୋକ ଉପକୃତ ହୁଅନ୍ତି। କିନ୍ତୁ ସହରରେ ବଳକା ଖାଦ୍ୟ ବୁଲା କୁକୁର ଓ ଗାଈ ଖାଆନ୍ତି। ଆଜିକାଲି ଯୌତୁକ ଯେମିତି ବାହାଘର ଭୋଜି ସେମିତି। ଯୌତୁକ ପରି ବିବାହ ଖର୍ଚ୍ଚ ମଧ୍ୟ ଏବେ ବହୁଗୁଣ ବଢ଼ିଗଲାଣି। ଧୂମ୍‌ଧାମରେ ବାହାଘର ଭୋଜି ନ ହେଲେ ବରଯାତ୍ରୀ ଓ ନିମନ୍ତ୍ରିତ ଅତିଥି ଅସୁଖୀ। ତେଣୁ ଦାମିକା କ୍ୟାଟରିଂ ଦେବାକୁ ବାଧ୍ୟ। ଭୋଜିରେ ଯେତିକି ଲୋକଙ୍କୁ ନିୟନ୍ତ୍ରଣ କରାଯାଏ, ଏହାଠାରୁ କାଳେ ଅଧିକ ଆସିଯିବେ ଏବଂ ନିଅଣ୍ଟ ହେବ - ଏହି ଭୟରେ ଅଧିକ ରୋଷେଇ ହୁଏ। ମେନମେନ୍ୟୁକୁ ଆସିବା ପୂର୍ବରୁ ଷ୍ଟାର୍ଟର ଖାଇ ପେଟ ପୂରିଯାଏ। ପୁଣି ଡେଜର୍ଟ, ମିଠା ଓ ଆଇସ୍‌କ୍ରିମ ଅଛି। ଏଣୁ ମେନ ମେନ୍ୟୁ ଯାହା ପ୍ଲେଟ୍ ରେ ଅଣାଯାଏ ତାହାର ଅଧା ବଳିଯାଏ। ଆଉ କେତେକ କ୍ଷେତ୍ରରେ ମାଂସ ସିଝି ନଥାଏ, ବ୍ୟଞ୍ଜନ ଅଧିକ ରାଗ ହୋଇଥାଏ। ଯାହା ଫଳରେ ଏଗୁଡ଼ିକ ଫୋପଡ଼ା ଯାଏ।

ଏପରି ଖାଦ୍ୟ ଅପଚୟ ହେବା ଦ୍ୱାରା ଶସ୍ୟ ଉତ୍ପାଦନ ପାଇଁ ବ୍ୟୟ ହୋଇଥିବା ବିହନ, ସାର, ପାଣି ଓ ଶ୍ରମ ମଧ୍ୟ ଅପଚୟ ହୁଏ। ଶେଷରେ କୃଷି ଉପରେ ଅଧିକ ଚାପ ପଡ଼େ। ଅପରପକ୍ଷରେ ସବୁଜ ବାଷ୍ପ ନିର୍ଗତ ଯୋଗୁଁ ଏହା ଜଳବାୟୁ ପରିବର୍ତ୍ତନର ଏକ କାରଣ ମଧ୍ୟ ହୁଏ। ଅପଚୟ ହୋଇଥିବା ଖାଦ୍ୟ ଯୋଗୁଁ ୮-୧୦% ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗମନ ହୁଏ। ଏହା ଖାଦ୍ୟ ଯୋଗାଣ ଶୃଙ୍ଖଳାର ଅପାରଗତା ଦର୍ଶାଏ। ବିଶ୍ୱ କ୍ଷୁଧା ସୂଚକାଙ୍କ ଅନୁସାରେ ଭାରତର ସୂଚକାଙ୍କ ୨୫.୮ ଏବଂ ଏହାର ସ୍ଥାନ ୧୨୩ ଦେଶରେ ୧୦୨। ଆମ ଦେଶରେ ୩୫.୫% ଶିଶୁ ଅପପୁଷ୍ଟିର ଶିକାର ଏବଂ ୫୭% ମହିଳା ରକ୍ତହୀନତା ରୋଗରେ ପୀଡ଼ିତ। ଦେଶରେ ୨୦ କୋଟି ଲୋକ ଉପାସରେ ଶୋଇ ଯାଉଛନ୍ତି। ଏପରି ସ୍ଥଳେ ସାମାଜିକ ଉତ୍ସବରେ ଏପରି ଖାଦ୍ୟ ଅପଚୟ କେତେ ଯୁକ୍ତିଯୁକ୍ତ? ଏପରି ଖାଦ୍ୟ ଅପଚୟ ନିରାକରଣ ପାଇଁ ଖାଦ୍ୟ ପ୍ରସ୍ତୁତି ସଂସ୍ଥା, ନୀତି ପ୍ରଣେତା, ପରିଚାରକ ଓ ଅତିଥି ସଚେତନ ହେବା ଆବଶ୍ୟକ। ଖାଦ୍ୟ ଅପଚୟ ହ୍ରାସ ପରିବେଶ ସୁରକ୍ଷା ସହିତ ଦେଶରେ କ୍ଷୁଧା ନିବାରଣ ପାଇଁ ସହାୟକ ହୋଇପାରେ। ମୂଳ କଥା ହେଉଛି ଭୋଜିରେ ଅତିଥି ସଂଖ୍ୟା ଓ ଖାଦ୍ୟ ପ୍ରକାର ସଂଖ୍ୟା ସୀମିତ କଲେ ଅସୁବିଧା କ'ଣ?

ଏପରି ଏକ ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ପ୍ରଥମେ କୌଣସି ଭୋଜି ପାଇଁ ନିମନ୍ତ୍ରିତ ଅତିଥି ଅଟକଳ ସଠିକ ହେବା ଜରୁରୀ। କେତେଜଣଙ୍କୁ କାର୍ଡ ବଣ୍ଟା ଯାଇଛି, ବିବାହ ମଣ୍ଡପ ଦୂରତ୍ୱ, ନିଜ ଅଞ୍ଚଳରେ ହେଉଥିବା ବିବାହ ସଂଖ୍ୟା ଅନୁସାରେ ଆଶା କରାଯାଉଥିବା ଅତିଥି ସଂଖ୍ୟା ଅଭିଜ୍ଞ ବ୍ୟକ୍ତି ଆକଳନ କରି ପାରିବେ। ସେହି ଅନୁସାରେ ରୋଷେଇ କରିବା ସହିତ ଆବଶ୍ୟକ ହେଲେ ତୁରନ୍ତ କିଛି ରୋଷେଇ କରିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ। ସୁତରାଂ ଅତିଥିମାନଙ୍କ ଆଗମନକୁ ପର୍ଯ୍ୟବେକ୍ଷଣ କରିବାକୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବା ଆବଶ୍ୟକ। ଅଭିଜ୍ଞ କ୍ୟାଟରର ନିଯୁକ୍ତ କରିବା ଆବଶ୍ୟକ, ଯିଏ ବଳକାଖାଦ୍ୟକୁ କୌଣସି ବେସରକାରୀ ସଂଗଠନ କିମ୍ବା ଜରାଶ୍ରମକୁ ଦେଇପାରିବେ। ବିବାହ ବ୍ରତ ସମୟରେ ବଳକା ଖାଦ୍ୟକୁ ଖାଦ୍ୟ ବ୍ୟାଙ୍କ କିମ୍ବା ଆହାର କେନ୍ଦ୍ରରେ ମହଜୁଦ୍ କରି ରଖିଲେ ଗରିବ ଲୋକେ ଉପକୃତ ହେବେ।

ସରକାରୀ ସ୍ତରରେ ମଧ୍ୟ ଖାଦ୍ୟ ଅପଚୟ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ଆଇନ୍ ପ୍ରଚଳନ କରିବା ଆବଶ୍ୟକ। ନିକଟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ବାହାଘର ଉତ୍ସବରେ ମାତ୍ର ୬୦ ଜଣ ଅତିଥି ଥିଲେ। ଆମ ଦେଶର ବିତ୍ତ ମନ୍ତ୍ରୀ ନିର୍ମଳା ସୀତାରମଣ ନିଜ କନ୍ୟାର ବିବାହ ନିଜ ଘରେ ସମ୍ପନ୍ନ କରିଥିଲେ ଏବଂ ଏଥିରେ କୌଣସି ରାଜନୈତିକ ବ୍ୟକ୍ତି ଯୋଗ ଦେଇନଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ବାହାଘର ବରଯାତ୍ରୀ ସଂଖ୍ୟା ୨୫ରେ ସୀମିତ କରିବାକୁ ଆଦେଶ ଦେଇଥିଲେ। କିଛିଦିନ ପରେ ଏହାକୁ କେହି ମାନିଲେନି। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଜିଷ୍ଟ୍ରେସନ୍ ଅନ ସର୍ଭିସ୍ ଅଫ ମିଲସ ବାଇ କ୍ୟାଟରିଂ ଏଷ୍ଟାବ୍ଲିସମେଣ୍ଟ ଅର୍ଡର' ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୧୯୫୫ ଅନୁସାରେ ହୋଇଥିଲା। ତେବେ ଏହି ସରକାରୀ ନିର୍ଦ୍ଦେଶ ବିଶେଷ ଫଳପ୍ରଦ ହେଲାନାହିଁ। ଭାରତ ସରକାର ୨୦୦୬ ମସିହାରେ 'ଫୁଡ୍ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆଇନ୍'(ଏଫ୍‌ଏସ୍‌ଏସ୍‌ଏଆଇ) ପ୍ରଣୟନ କଲେ। ତଥାପି ତାହା ପ୍ରଭାବଶାଳୀ ହୋଇପାରୁନାହିଁ।

ବିଦେଶରେ ଖାଦ୍ୟ ଅପଚୟ ନିରାକରଣ ପାଇଁ କେତେକ ବ୍ୟବସ୍ଥା ଥିଲେ ମଧ୍ୟ ଭାରତରେ ଏଥିପାଇଁ କୌଣସି ଦୃଢ଼ କଟକଣା ନଥିବାରୁ ଏଭଳି ଖାଦ୍ୟ ଅପଚୟ ହେଉଛି। ଯଦିଓ ଦେଶରେ ଖାଦ୍ୟ ଅପଚୟ ନିରାକରଣ ପାଇଁ କୌଣସି ବଳିଷ୍ଠ ଆଇନ୍ ନାହିଁ, ତଥାପି କେତେକ ସହାୟକ ନିୟମର ସାହାଯ୍ୟ ନିଆଯାଇ ପାରିବ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ଅବଶିଷ୍ଟ ଖାଦ୍ୟ କମ୍ପୋଷ୍ଟ କରିବାକୁ ହେବ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଅନୁସାରେ ସରକାର ଖାଦ୍ୟ ନିରାପତ୍ତା ପାଇଁ ଖାଦ୍ୟ ଅପଚୟ ହ୍ରାସ କରିପାରିବେ। ଏଫ୍‌ଏସ୍‌ଏସ୍‌ଏଆଇ ଆଇନ୍ ଦ୍ୱାରା ନିରାପଦ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇ ପାରିବ। ସଂସଦରେ ତିନିଟି ଘରୋଇ ବିଲ୍ ଖାଦ୍ୟ ଅପଚୟ ହ୍ରାସ ପାଇଁ ୨୦୨୦/୨୨ରେ ଆଗତ କରାଯାଇଥିଲେ ମଧ୍ୟ ଏଗୁଡ଼ିକ ପାରିତ ହୋଇନାହିଁ। ସରକାର ଏହା ଉପରେ ଗଭୀର ଭାବରେ ଚିନ୍ତା କରିବାର ଆବଶ୍ୟକତା ଅନୁଭୂତ ହୁଏ। ଆମ ରାଜ୍ୟରେ ଖାଦ୍ୟ ସୁରକ୍ଷା ଆୟୋଗ ତାଙ୍କର ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ସରକାରୀସ୍ତରରେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ଏହା ଉପରେ ବିଚାର କରିବା ପ୍ରାସଙ୍ଗିକ ମନେହୁଏ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ଧନିରାମ ସୋରେନ

ଶିକ୍ଷା ଏପରି ଏକ ଅସ୍ତ୍ର, ଯାହା ସମାଜକୁ ପରିବର୍ତ୍ତନ କରିପାରେ। କିନ୍ତୁ ଆଜିକାର ଶିକ୍ଷା ପ୍ରଣାଳୀ ଓ ବ୍ୟବସ୍ଥା ଏପରି ସ୍ଥିତି ଧାରଣ କରିଛି ଯେ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ଶିକ୍ଷାରେ ନାନା ସମସ୍ୟା ତଥା ଅବ୍ୟବସ୍ଥାକୁ ନେଇ ପ୍ରତିଦିନ ଖବରକାଗଜ ମୁଖର ହୁଏ। କେଉଁଠି ପିଲାମାନେ ରାଜରାସ୍ତାରେ ବା ସ୍କୁଲ ଗେଟ ସମ୍ମୁଖରେ ବସି ଧାରଣା ପ୍ରଦର୍ଶନ କରୁଥିବାର ଦୃଶ୍ୟ ତ କେଉଁଠି ଅଧିକାରୀ ବା ମନ୍ତ୍ରୀଙ୍କୁ ଭେଟିବା ପାଇଁ ସ୍କୁଲ ଗେଟ ଡେଇଁ ଚାଲି ଚାଲି ଯାଉଥିବାର ଦୃଶ୍ୟ ଶିକ୍ଷାର ଚରମ ଅବ୍ୟବସ୍ଥାକୁ ସୂଚାଉଛି।

ଆମ ରାଜ୍ୟର ଶିକ୍ଷା ସମସ୍ୟାକୁ ଅନୁଶୀଳନ କଲେ ଜଣାଯାଏ ଯେ ଶିକ୍ଷକଙ୍କ ଅଭାବ, ଶ୍ରେଣୀ ଗୃହ ତଥା ଭିତ୍ତିଭୂମିର ଅଭାବ ରହିଛି। ଏହାଛଡ଼ା ପ୍ରାରମ୍ଭିକ ସ୍ତରରେ ଓଡ଼ିଆ ଇଂରାଜୀ ପଢ଼ା, ଲେଖା ଶିଖିବା ପାଇଁ ପାଠ୍ୟ ଖସଡ଼ାରେ ଯଥେଷ୍ଟ ଶିକ୍ଷଣ ନ ରହିବା, ଶିକ୍ଷାର ଗୁଣାତ୍ମକ ମାନ ବିଦ୍ୟାଳୟ ପିଲାଙ୍କଠାରେ କେତେ ପ୍ରତିଫଳିତ ହେଉଛି ତାହାର ତର୍ଜମା ନ ହେବା ଯୋଗୁଁ ଶିକ୍ଷାର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଫଳସ୍ୱରୂପ ପିଲାମାନେ ଉତ୍ତମ ଶିକ୍ଷା ପାଇ ପାରୁନାହାନ୍ତି। ଶିକ୍ଷାର ମାନ ଓ ମହତ୍ତ୍ୱକୁ ଉପଲବ୍ଧି କରି ପାରୁନାହାନ୍ତି। ପରିଣାମ ସ୍ୱରୂପ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ପାଠ ଛାଡୁଥିବା ପିଲାମାନେ ଦାଦନ ମୁହାଁ ହେବା, ବାଲ୍ୟ ବିବାହ କରିବା ଓ ଶିଶୁ ଶ୍ରମିକ ହେବା ଦେଖା ଯାଉଛି।

ଆଜିକା ସମୟରେ ପାଠ ପଢୁଥିବା ପିଲାମାନେ ଆସନ୍ତା କାଲି ଯେ ଅନେକ ସଂଖ୍ୟାରେ ବେକାର ହେବେ ଏହା ଜଳ ଜଳ ଦେଖାଯାଉଛି। ଶିକ୍ଷା ଦୁର୍ବଳ ହୋଇଗଲେ ସମାଜ ବି ଦୁର୍ବଳ ହୋଇଯିବ। ଏ ସବୁ ପରିସ୍ଥିତି ଜଣେ ବାସ୍ତବ ଦେଶଭକ୍ତ ଓ ସମାଜସେବୀ ପାଇଁ ଅତ୍ୟନ୍ତ ବ୍ୟଥା ଓ ନିରାଶର ବିଷୟ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଢ଼ି ତୋଳିବା ପାଇଁ ଶିକ୍ଷାକୁ ମଜବୁତ କରିବାକୁ ପଡ଼ିବ। ସମାଜରେ ସିଟି ବା ବିଏଡ ସାରି ବେକାର ହୋଇ ରହିଥିବା ଯୁବକଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ଦେଇ ଶିକ୍ଷକ ଅଭାବକୁ ପୂରଣ କରିବାକୁ ପଡ଼ିବ। ରାଜ୍ୟର ଶିକ୍ଷା ସୁଦୃଢ଼ ପାଇଁ ଯଥେଷ୍ଟ ବ୍ୟୟ ଅଟକଳ କରିବାକୁ ହେବ। ଏହାଦ୍ୱାରା ଶ୍ରେଣୀଗୃହ ସହ ବିଦ୍ୟାଳୟର ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯାଇପାରିବ।

ଶିକ୍ଷାର ଗୁଣାତ୍ମକ ମାନ ପ୍ରତ୍ୟେକ ସମୟରେ ଶ୍ରେଣୀଗୃହରେ ତର୍ଜମା କରିବା ସହ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଶିକ୍ଷାର ପ୍ରଚଳନକୁ ପ୍ରାଧାନ୍ୟ ଦେବାକୁ ହେବ। ପ୍ରତିପିଲା ଯେପରି ବେକାର ନ ହୋଇ ନିଜ ନିଜ ମେଧା ଶକ୍ତି ହିସାବରେ ବିକାଶ କରି ପାରିବେ ତା'ର ବ୍ୟବସ୍ଥା କରିବାକୁ ପଡ଼ିବ। ବିଦ୍ୟାଳୟରେ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳିଲେ ଏବଂ ଏହି ଶିକ୍ଷା ସମାଜରେ ପ୍ରତିଫଳନ ହେଲେ ସମାଜର ତଥା ରାଜ୍ୟର ବିକାଶରେ ସହାୟକ ହେବ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ସରକାର ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଶିକ୍ଷାର ସୁଦୃଢ଼ ଓ ସମୃଦ୍ଧକୁ ପ୍ରାଥମିକତା ଦିଅନ୍ତୁ। ●

ଘଟିଡୁବା(ମୟୂରଭଞ୍ଜ), ମୋ: ୭୯୭୮୩୪୬୯୧୧

## ସୁସ୍ଥ ଭବିଷ୍ୟତ ଓ ପ୍ରାକୃତିକ କୃଷି

ସୁରେଶ ଚନ୍ଦ୍ର ବିଷୋୟୀ

ରାସାୟନିକ ଚାଷ କମ ସମୟରେ ଉତ୍ପାଦନ ବଢ଼ାଇପାରେ। କିନ୍ତୁ ଏହା ଆମ ପରିବେଶ ଓ ମଣିଷ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ। ଏହା ମାଟିର ଉର୍ବରତାକୁ ଦୀର୍ଘକାଳ ପାଇଁ ନଷ୍ଟ କରିଦେଇଥାଏ, ଯାହା ଭବିଷ୍ୟତ ପିଢ଼ି ପାଇଁ ଖୁବ୍ ଅନିଷ୍ଟକର। କିନ୍ତୁ ଜୈବିକ ଓ ପ୍ରାକୃତିକ କୃଷି ମାଧ୍ୟମରେ ମାଟିର ଜୀବନ ଶକ୍ତି ଓ ଉର୍ବରତା ବଢ଼ିପାରେ, ଜଳ ସଂରକ୍ଷଣ ସମ୍ଭବ ହୁଏ ଏବଂ ପରିବେଶ ସହିତ ସମନ୍ୱୟ ବଜାୟ ରହେ। ଏହା କିନ୍ତୁ ସତ ଯେ ଯେଉଁ ମାଟିରେ ଦୀର୍ଘ ବର୍ଷ ଧରି ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ହୋଇଥାଏ, ସେଠାରେ ଜୈବିକ କୃଷି ପ୍ରାଥମିକ ସ୍ତରରେ ମାଟିର ଗୁଣ ପୁନଃ ସ୍ଥାପନ ପାଇଁ ଦୁଇ/ତିନି ବର୍ଷର ସମୟ ଆବଶ୍ୟକ କରେ। ଅନେକ କୃଷକ ନିଜ ଅଭିଜ୍ଞତା ଦ୍ୱାରା ଜୈବିକ କୃଷିରେ ସଫଳତା ଅର୍ଜନ କରିଛନ୍ତି।

ସରକାରୀ ଅନୁଦାନ ଏପର୍ଯ୍ୟନ୍ତ ରାସାୟନିକ ଚାଷ ଉପରେ କେନ୍ଦ୍ରିତ ରହିଛି। ତଥାପି ସରକାର ଜୈବିକ ଓ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଇ ନୂଆ ପଦକ୍ଷେପ ନେଉଛନ୍ତି। ସେଥିପାଇଁ ଜାତୀୟ ପ୍ରାକୃତିକ କୃଷି ମିଶନ୍ ଭଳି ଯୋଜନା ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶରେ ଗୋଷ୍ଠୀ ଦ୍ୱାରା ପରିଚାଳିତ ପ୍ରାକୃତିକ କୃଷି, ସିକିମର ଜୈବିକ ଚାଷ କାର୍ଯ୍ୟକ୍ରମ ଏବଂ ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରକଳ୍ପ ଯଥା ପରମ୍ପରାଗତ କୃଷି ବିକାଶ ଯୋଜନା ଓ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ହେଉଛି ଏହାର ଉଦାହରଣ।

ଓଡ଼ିଶାରେ ମଧ୍ୟ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ଏହାଦ୍ୱାରା ଅନେକ କୃଷକ ଜୈବିକ ଓ ପ୍ରାକୃତିକ ପ୍ରଣାଳୀରେ କୃଷି କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଅନେକ ସଫଳ ଉଦାହରଣ ଦେଖିବାକୁ ମିଳିଛି। ସେମାନେ ପ୍ରମାଣ କରିଦେଇଛନ୍ତି ଯେ, ଯଦି ଠିକ୍ ଭାବେ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଏ ଏବଂ ତାହାକୁ ଆଧାର କରି କୃଷକମାନେ ଚାଷ କରିବେ, ତେବେ ଜୈବିକ ଓ ପ୍ରାକୃତିକ କୃଷି ଦ୍ୱାରା ମଧ୍ୟ ଉତ୍ପାଦନ ବୃଦ୍ଧି ହୋଇପାରିବ। ଏହିଭଳି ଅନେକ ଉଦାହରଣ ରହିଛି। ଯଦି ଦୀର୍ଘମିଆଦୀ ଦୃଷ୍ଟିକୋଣ ରଖି ଏହି ବିଧିକୁ ଉନ୍ନତ କରାଯାଏ, ତେବେ ଏହା କେବଳ ପରିବେଶ ସୁରକ୍ଷା ନୁହେଁ, ବରଂ କୃଷକମାନଙ୍କ ସ୍ୱାବଲମ୍ବନ ଓ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ପାଇଁ ମଧ୍ୟ ଫଳପ୍ରଦ ହୋଇପାରିବ।

ଯଦି ଜୈବିକ ଓ ପ୍ରାକୃତିକ କୃଷିକୁ ଆଗାମୀ ଦିନରେ ନୀତିଗତ ସମର୍ଥନ ଦିଆଯାଏ, ତେବେ ତାହା ହିଁ ଲୋକଙ୍କ ଦ୍ୱାରା ଆଦୃତ ହେବ। ଏହା କୃଷକଙ୍କ ଅର୍ଥନୈତିକ ସ୍ୱାବଲମ୍ବନ, ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ପାଇଁ ଏକ ଦୀର୍ଘମିଆଦୀ ଏବଂ ସୁସ୍ଥ ବିକଳ୍ପ ଭାବରେ ପ୍ରମାଣିତ ହେବ। ଜଣେ କୃଷକ, ଜଣେ ଉପଭୋକ୍ତା ଓ ଜଣେ ଉତ୍ତମ ନାଗରିକ ଭାବରେ ଆମ ସମସ୍ତଙ୍କ ଦାୟିତ୍ୱ ଯେ, ଏହି ପରିବର୍ତ୍ତନକୁ ସ୍ୱୀକାର କରି ଏକ ସୁସ୍ଥ ଓ ସ୍ଥାୟୀ ଭବିଷ୍ୟତ ନିମନ୍ତେ ଆମେ ଦେଶ ନିର୍ମାଣରେ ସାହାଯ୍ୟ କରିବା। ●

ରୋହିବାଙ୍କ(ନୟାଗଡ଼)

## ଶେଷହୀନ ସଂଗ୍ରାମର ସାହିତ୍ୟ ସାଧକ: ହରେକୃଷ୍ଣ ମହତାବ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ସଂଗ୍ରାମରେ ପଡ଼ିଯିବ ପୂର୍ଣ୍ଣଚ୍ଛେଦ? ଅନେକଙ୍କ ନିକଟରେ ଏହି ମନୋଭାବ ମହାତ୍ମା ଗାନ୍ଧୀ ଲକ୍ଷ୍ୟ କରିପାରିଥିଲେ। ସେଥିପାଇଁ ସେ ଯଥେଷ୍ଟ ପୂର୍ବରୁ କହିଥିଲେ- ସ୍ୱାଧୀନତା ପ୍ରାପ୍ତି ପରେ ଦେଶ ଗଠନର କାର୍ଯ୍ୟ ପ୍ରକୃତରେ ଆରମ୍ଭ ହେବ। ଆହୁରି ମଧ୍ୟ ସେ ନିଜସ୍ୱ ଆତ୍ମାନୁଭୂତି ବ୍ୟକ୍ତ କଲେ ଯେ - ଗାଁରେ ହିଁ ପ୍ରକଟିତ ଭାରତର ଆତ୍ମା। ଗାନ୍ଧୀ-ଦୂତ ଡକ୍ଟର ହରେକୃଷ୍ଣ ମହତାବଙ୍କ ସାଧନାର ପଥକୁ ଏହି ପ୍ରେରଣାଗର୍ଭିତ ବାଣୀ ସୁନିୟନ୍ତ୍ରିତ ଓ ସମୃଦ୍ଧିଶାଳୀ କରି ରଖିଛି ତାଙ୍କ ଜୀବନର ଅନ୍ତିମ ପାବଛ ପର୍ଯ୍ୟନ୍ତ। ଏହି ସତ୍ୟ ହିଁ ଆବିଷ୍କୃତ ହୋଇଯାଏ ସ୍ୱତଃ ତାଙ୍କ ଜୀନାନୁଶୀଳନ ଓ ସାହିତ୍ୟାନୁଶୀଳନ ଦ୍ୱାରା।

'ପ୍ରଜାତନ୍ତ୍ର ପ୍ରଚାର ସମିତି' ମାଧ୍ୟମରେ ସମଗ୍ର ଓଡ଼ିଶାର ପୁନଃନିର୍ମାଣ ଧାରାକୁ ଅବ୍ୟାହତ ରଖିବା ପାଇଁ ସେ ନେଇ ସାରିଥିଲେ ଦୃଢ଼ ସଂକଳ୍ପ। 'ଝଙ୍କାର', 'ମୀନାବଜାର' ଆଦି ପତ୍ରିକା ପ୍ରକାଶନ, 'ବିଷୁବ ମିଳନ' ଆୟୋଜନ ଦ୍ୱାରା ରାଜ୍ୟର ସାରସ୍ୱତ ପରିମଣ୍ଡଳକୁ ପରିଶୁଦ୍ଧ, ପରିଚ୍ଛନ୍ନ, ପ୍ରେରଣାଦୀପ୍ତ ରଖିବା ପାଇଁ ସେ ସୃଷ୍ଟି କରିଥିଲେ ପାରସ୍ପରିକ ଆତ୍ମୀୟତା-ସମ୍ପ୍ରସାରଣଶୀଳ ଚେତନା। ଏସବୁ ଥିଲା ଅନନ୍ୟ ଓ ଅନ୍ତଃହୀନ ରାଷ୍ଟ୍ର ନିର୍ମାଣର ନିଦର୍ଶନ। ବ୍ୟସ୍ତତା ସତ୍ତ୍ୱେ ସେ ସାହିତ୍ୟ ସର୍ଜନାରୁ ଦୂରେଇ ଯାଇନାହାନ୍ତି। ଲେଖିଛନ୍ତି ଓଡ଼ିଶାର ଗୌରବମୟ ଇତିହାସ। ଆତ୍ମଜୀବନୀ 'ସାଧନାର ପଥେ' ରଚନା କରିଦେଇ ସେଇ ପଥର ଯେ ନଥାଏ ସମାପ୍ତି ଏହି ସଂକେତ ଛାଡ଼ି ଯାଇଛନ୍ତି। ଓଡ଼ିଆ କଥା ସାହିତ୍ୟ ପ୍ରତି ତାଙ୍କ ଅବଦାନ ସର୍ବସ୍ୱୀକୃତ। 'ପ୍ରତିଭା', 'ଅବ୍ୟାପାର', 'ଟାଉଟର' ଆଦି ରାଜନୈତିକ ଉପନ୍ୟାସ ରଚନା କରି ସାହିତ୍ୟ ଜଗତକୁ ବୈଚିତ୍ର୍ୟ ମଣ୍ଡିତ କରିବା ସହିତ ସୁସ୍ଥ ସମାଜ ଗଠନର ବାର୍ତ୍ତା ସେ ପ୍ରଦାନ କରିଛନ୍ତି। ଲେଖିଛନ୍ତି କବିତା, ଗଳ୍ପ, ନାଟକ, ସମାଲୋଚନା ଆଦି ଅନେକ।

ସବୁଠାରୁ ଯେଉଁ ରଚନା ତାଙ୍କର ଆଶାତୀତ ଲୋକପ୍ରିୟତା ଅର୍ଜନ କରିଥିଲା ତାହା ହେଉଛି ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ସ୍ତମ୍ଭରେ ପ୍ରକାଶିତ ତାଙ୍କର ବିପୁଳ ବିଚାର। ଗ୍ରାମାଞ୍ଚଳକୁ ନୂତନ ରୂପରେଖ ପ୍ରଦାନ କରିବା ନିମିତ୍ତ ଲୋକ-ଚେତନା ସୃଷ୍ଟି କରିବାରେ ଏହା ଯେଉଁ ପ୍ରଭାବଶାଳୀ ଭୂମିକା ନେଇଥିଲା, ତାହା ଆଜି କଳ୍ପନା କରିବା ସହଜ ନୁହେଁ। ପ୍ରତିଦିନ ହଜାର ହଜାର ପାଠକ ଅପେକ୍ଷା କରି ରହନ୍ତି ମହତାବଙ୍କ ଲେଖା ପଢ଼ିବା ସକାଶେ। ସେଥିରେ ଲେଖକ ଏପରି ଗଠନମୂଳକ ଚିନ୍ତାଧାରା ପ୍ରକାଶ କରିଥା'ନ୍ତି, ଯାହା ଗାଁ ଠାରୁ ସହର ପର୍ଯ୍ୟନ୍ତ ସର୍ବତ୍ର ହେଉଥିଲା ଚର୍ଚ୍ଚାର ବିଷୟ। ଏହାର ଭାଷା ଏତେ ସରଳ, ବୋଧଗମ୍ୟ, ଚିନ୍ତା ଉଦ୍ରେକକ୍ଷମ ଯେ ସବୁସ୍ତରର ପାଠକଙ୍କୁ ତାହା ମନେ ହେଉଥିଲା ସତେକି ଡକ୍ଟର ମହତାବ ସେମାନଙ୍କ ସହ ଅନ୍ତରଙ୍ଗ ଆଲୋଚନାରେ ନିମଗ୍ନ। ଲେଖାରୁ ଭାସି ଆସୁଥିଲା ଗାଁ ମାଟିର ବାସ୍ନା। ଆଖିରେ ଦେଖି ହେଉଥିଲା ଚାଷ ଜମିରେ ସୁନାର ଫସଲ। ମହାପୁରୁଷମାନଙ୍କ ଜୀବନଧାରାର ପବିତ୍ର ପ୍ରବାହ ଦୃଷ୍ଟିଗୋଚର ହୋଇ ଯାଉଥିଲା। 'ଗାଁ ମଜଲିସ'ର ତୃତୀୟ ଖଣ୍ଡ ସକାଶେ ହିଁ ଲାଭ କରିଥିଲେ ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର। ସମାଜ ସଂଗଠନ ସମ୍ପର୍କରେ ସରଳ ଭାଷାର ବର୍ଣ୍ଣନା ଯେ ହୋଇପାରେ ଉଚ୍ଚକୋଟୀର ସାହିତ୍ୟର ପରିଚାୟକ, ତାହା ପ୍ରମାଣିତ ହୋଇଗଲା ଏହାଦ୍ୱାରା।

ମହତାବ ଉପଲବ୍ଧି କରିଥିଲେ ଗଭୀର ଭାବରେ ଯେ ସଂଗ୍ରାମରେ, ସେବାରେ, ସମର୍ପିତ ଚେତନାରେ ପୂର୍ଣ୍ଣଚ୍ଛେଦ ନଥାଏ। ସେଥିପାଇଁ ସେ ବାସ୍ତବିକ ଅନ୍ତଃହୀନ ସଂଗ୍ରାମର ସାଧକ ଭାବରେ ରହିଥିବେ ନମସ୍ୟ ଚିରକାଳ ପାଇଁ। 'ବିପଦ ଓ ସାହସ' ଶୀର୍ଷକ ଲେଖାଟିରେ ସେ କହୁଛନ୍ତି, 'ଭଗବାନ ମଣିଷକୁ ଯେଉଁ ହାତଗୋଡ଼ ଦେଇଛନ୍ତି, ସେୟାକୁ ହଲାଇ ବଢ଼ି, ଭୂମିକମ୍ପ ଯେତେ ଯାହା ବିପଦ ଅଛି ସବୁକୁ ହସି ଉଡ଼ାଇ ଦେଇପାରେ। ଜାପାନ ରାଜ୍ୟରେ ବାରମ୍ବାର ବଢ଼ି ହୁଏ, ଭୂମିକମ୍ପ ହୁଏ, ସବୁ ଭାଙ୍ଗିଯାଏ - ପୁଣି ଗଢ଼ି ହୁଏ, ଏମିତି ଚାଲିଛି। ସେଥିପାଇଁ ଆମ ଦେଶରେ ଯେତେ ବିପଦ ଆପଦ ଆସୁ, ସବୁକୁ ଠେଲି ପେଲି ଯିବା ପାଇଁ ଲୋକ ସାହସ ବାନ୍ଧିବା ଉଚିତ। ଆମ ପୂର୍ବ ପୁରୁଷ ସେପରି ସାହସ ବାନ୍ଧିଥିଲେ ବୋଲି ତ ଆମେ ଅଛୁଁ। ପୁଣି ସେହିପରି ବା ତା'ଠାରୁ ବଳି ସାହସ ବାନ୍ଧିଲେ ତ ପଛକୁ ଆମ ପୁଅନାତି ମଣିଷ ହୋଇ ରହିବେ। ସାହାଯ୍ୟ ମିଳିଲେ ଭଲ, ମାତ୍ର ସାହାଯ୍ୟକୁ ଅପେକ୍ଷା କରି ରହିବା ଉଚିତ ନୁହେଁ। ନିଜ ସାହସରେ ନିଜେ ଚାଲିବାକୁ ମନ କଲେ ନିଜର ତ ମଙ୍ଗଳ ଅପରନ୍ତୁ ଦେଶର ମଙ୍ଗଳ।' ଏହା ତ ସାତଗୋଟି ବାକ୍ୟରେ ଦୃଷ୍ଟାନ୍ତଟିଏ ମାତ୍ର। ମହତାବଙ୍କ ପ୍ରତିଟି ଲେଖାରେ ଏହିପରି ପୁନରୁତ୍ଥାନର ବାଣୀଶକ୍ତି ସକ୍ରିୟ ଓ ଦୀପ୍ତିମନ୍ତ ରୂପରେ ବିଦ୍ୟମାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀରେ ପ୍ରଦୂଷଣ...

ହୋଇଥିଲା। ଏହି ସମୟ ଅବଧିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା ଓ ଏହା ଦିନ ମଜୁରିଆ ତଥା ଶ୍ରମିକମାନଙ୍କ ଜୀବିକାକୁ ପ୍ରଭାବିତ କରିଥିଲା। ଦିଲ୍ଲୀ ସରକାରଙ୍କ ସମସ୍ତ ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ନିର୍ମାଣ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ କ୍ଷତିପୂରଣ ଭାବେ ୧୦୦୦୦ ଟଙ୍କା ପଠାଯିବ ବୋଲି କୁହାଯାଇଛି। ଜିଆରଏପି-୪ ଯେପର୍ଯ୍ୟନ୍ତ ଜାରି ରହିବ ସେପର୍ଯ୍ୟନ୍ତ ଏହି ଉପାୟରେ ଶ୍ରମିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଜିଆରଏପିର ଚତୁର୍ଥ ପର୍ଯ୍ୟାୟ ଡିସେମ୍ବର ୧୮ ସକାଳ ୮ଟାରୁ ଦିଲ୍ଲୀ-ଏନ୍‌ସିଆରରେ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଅନ୍ୟ ରାଜ୍ୟରୁ ଆସୁଥିବା ଭାରୀ ଯାନଗୁଡିକୁ ଦିଲ୍ଲୀରେ ପ୍ରବେଶ କରିବାକୁ ବାରଣ କରାଯିବ। ଜିଆରଏପି-୪ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ଷଷ୍ଠରୁ ୯ମ ଶ୍ରେଣୀ କ୍ଲାସ ପାଇଁ ଏକ ହାଇବ୍ରିଡ ମୋଡ୍‌ରେ କ୍ଲାସ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା।

ସେହିଭଳି ଗାଡ଼ି ଚଳାଚଳ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଦିଲ୍ଲୀ ବାହାରେ ପଞ୍ଜୀକରଣ ହୋଇଥିବା ବି-୬ ଛଡ଼ା ଅନ୍ୟ କୌଣସି ବାହନକୁ ରାଜଧାନୀରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ। ଫଳରେ ଆସନ୍ତାକାଲି ଠାରୁ ନୋଏଡ଼ାରୁ ୪ ଲକ୍ଷ, ଗୁରୁଗ୍ରାମରୁ ୨ ଲକ୍ଷ ଏବଂ ଗାଜିଆବାଦରୁ ୫.୫ ଲକ୍ଷ ଗାଡ଼ି ଦିଲ୍ଲୀରେ ପଶିପାରିବେ ନାହିଁ। ୧୦ ବର୍ଷ ପୁରୁଣା ଡିଜେଲ ଗାଡ଼ି ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ବି ଚଳାଚଳ କରିପାରିବ ନାହିଁ। ଏଭଳି ଗାଡ଼ି ଚଳାଚଳ କଲେ ଜରିମନା ସହିତ ଗାଡ଼ିକୁ ଜବତକରାଯିବ।

ଉଲ୍ଲେଖଥାଉ କି, ଡିସେମ୍ବର ୧୫ରେ ଦିଲ୍ଲୀରେ ଚଳିତ ଶୀତଋତୁରେ ସବୁଠାରୁ ଖରାପ ବାୟୁ ଗୁଣବତ୍ତା (ଏକ୍ୟୁଆଇ) ଦେଖିବାକୁ ମିଳିଥିଲା ଓ ଏହା ୪୯୮ରେ ପହଞ୍ଚିଥିଲା। ଶନିବାରଠାରୁ ସୋମବାର ମଧ୍ୟରେ କୁହୁଡି ଓ ଧୂଆଁ କାରଣରୁ ଦିଲ୍ଲରେ ଏକପ୍ରକାର ଅନ୍ଧାର ଛାଇଯାଇଥିଲା। ଫଳରେ ୨୦୦ରୁ ଅଧିକ ବିମାନ ବାତିଲ ହେବା ସହ ସଡ଼କ ଦୁର୍ଘଟଣା ମଧ୍ୟ ଘଟିଥିଲା। କିନ୍ତୁ ୩ ଦିନରେ ପରେ ପ୍ରବଳ ପବନ ବହିବା ଓ କୁହୁଡି କମିବା କାରଣରୁ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ମଙ୍ଗଳବାର ଏକ୍ୟୁଆଇ ୩୫୪ ଥିବା ବେଳେ ବୁଧବାର ଏହା ହ୍ରାସ ପାଇ ୩୨୯ରେ ପହଞ୍ଚିଛି। ସେପଟେ ପ୍ରଦୂଷଣ କମ ନ ହେବା କାରଣରୁ ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ମଙ୍ଗଳବାର କ୍ଷମା ମାଗିଥିଲେ। ଗୁରୁବାରଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସିରସା କହିଛନ୍ତି।

### ଓଡ଼ିଶାରେ ମେଟ୍ରୋ...

ରାଜ୍ୟ ସରକାରଙ୍କୁ ଇତିମଧ୍ୟରେ ୧୮ ମାସ ବିତିଲାଣି। ସରକାର ଗଠନ କରିଥିବା ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ସ୍ଥିତି କଣ, ଏହା କେତେଥରବୈଠକ କରିଛି, ଏଯାବତ୍ କେଉଁ ନିଷ୍କର୍ସରେ ପହଞ୍ଚିଛି, ସେନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନାହିଁ। ଯାହାଫଳରେ ଭୁବନେଶ୍ୱରରେ ମେଟ୍ରୋ ସେବାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଲାଣି।

ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ଭୁବନେଶ୍ୱର-କଟକରେ ଲୋକସଂଖ୍ୟା ପ୍ରାୟ ୨୫ ଲକ୍ଷ ହୋଇଥିବା ବେଳେ ଏହି ଟୁଇନ ସିଟିରେ ମେଟ୍ରୋ ଚଳାଚଳ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯଦି ସରକାରଙ୍କ ପାଖରେ ଅର୍ଥର ଅଭାବ ଅଛି, ତାହେଲେ କେନ୍ଦ୍ର ସହ ମିଳିତ ସହଭାଗିତାରେ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇପାରନ୍ତେ। ପୂର୍ବ ସରକାର ନିଜସ୍ୱ ପାଣ୍ଠିରୁ ମେଟ୍ରୋ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୬ ହଜାର କୋଟି ବ୍ୟୟଅଟକଳ କରି ପ୍ରଥମ ବର୍ଷ ବଜେଟ୍‌ରେ ୧୦୦୦ କୋଟି ବରାଦ ବି କରିଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରକଳ୍ପ ଏବେ ସ୍ୱପ୍ନ ପାଲଟିଛି। ସାଧାରଣ ପରିବହନ ସେବା ପାଇଁ ରାଜ୍ୟ ସରକାର ଗୁଡ଼ିକ ଏବେ ମେଟ୍ରୋ ରେଳ ସେବାକୁ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟ ବିଜେପି ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଏପରିସ୍ଥଳେ ଯଦି ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱରରେ ସାଧାରଣ ମେଟ୍ରୋ ସେବା ଆରମ୍ଭ ହୋଇନପାରେ, ତାହେଲେ ଏହାଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା ଆଉ କିଛି ନାହିଁ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

### ବିଗୁଡ଼ୁଛି ବାଂଲାଦେଶ...

ଅବଦୁଲ୍ଲା ଭାରତର ଉତ୍ତରପୂର୍ବ ରାଜ୍ୟଗୁଡି (ସେଭେନ ସିଷ୍ଟର୍ସ)କୁ ଅଲଗା କରିବା ଓ ବିଚ୍ଛିନ୍ନତାବାଦୀଙ୍କୁ ଆଶ୍ରୟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ମଧ୍ୟ ଭାରତ ବାଂଲାଦେଶ ହାଇକମିସନର ରିଆଜ ହମିଦୁଲ୍ଲାଙ୍କ ନିକଟରେ ପ୍ରତିବାଦ ଜଣାଇଛି। ଆଜି ଭାରତର ବୈଦେଶିକ ବିଭାଗ ପକ୍ଷରୁ ତାଙ୍କୁ ସମନ୍ କରାଯାଇଥିଲା। ଉଲ୍ଲେଖଥାଉ କି, ଅବଦୁଲ୍ଲା ଗତ ସୋମବାର ରାଜଧାନୀ ଢାକାରେ ଏକ ରାଲିଙ୍କୁ ସଂବୋଧନ କରିବା ବେଳେ ଧମକ ଦେଇ କହିଥିଲେ ଯେ, ଯଦି ଭାରତ ବାଂଲାଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ଶରଣ ଦିଏ, ତେବେ ଭାରତଠାରୁ ଉତ୍ତରପୂର୍ବର ୭ଟି ରାଜ୍ୟକୁ ଅଲଗା କରିଦିଆଯିବ।

### ମହିଳା ମହାବିଦ୍ୟାଳୟ...

ହେଲା କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିଲେ। ଏହି ସମୟ ମଧ୍ୟରେ କେନ୍ଦୁଝରର ରୁଦ୍ରନାରାୟଣ ମିଶ୍ର ସହିତ ତାଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୧୦ଟା ୫୫ ମିନିଟରେ ୭୦୦୮୮୯୨୨୫୨ ମୋବାଇଲରୁ ଏକ ଫୋନ୍ କଲ୍ ଆସିଥିଲା। କୁହାଯାଇଥିଲା ଯେ 'ଆପଣଙ୍କର ଝିଅ ରୁମରୁ ଚାବି ଦେଇ ଯିବା ସମୟରେ ହଠାତ୍ ଟଳି ପଡ଼ିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ଡାକ୍ତର ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ'। ଫୋନ କରିଥିବା ବ୍ୟକ୍ତି ଜଣକ କେନ୍ଦୁଝର ପୁରୁଣା ସହରର ବୋଲି ଜଣାପଡ଼ିଛି। ପରିବାର ଲୋକ କେନ୍ଦୁଝର ମେଡିକାଲରେ ପହଞ୍ଚିବା ପରେ ଅଧ୍ୟାପିକାଙ୍କ ବେକରେ କ୍ଷତ ଚିହ୍ନ ଓ ଦାଗ ଦେଖାଯାଇଥିଲା। ଝିଆରୀଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ତାଙ୍କ ଦାଦା ଅଭିଯୋଗ କରିଛନ୍ତି। ଏଥିପାଇଁ ଶ୍ରୀ ମିଶ୍ରଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଶ୍ରୀମନ୍ଦିର ଗର୍ଭଗୃହ...

ହୋଇଛି। ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଯେ ବଡଦେଉଳର ସୁରକ୍ଷା ବ୍ୟବସ୍ଥା ଧର୍ମକୁ ଆଖିଠାର ତାହା ମୋବାଇଲ କଟକଣାକୁ ଦେଖିଲେ ଜଣାପଡୁଛି। କାରଣ ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଗର୍ଭଗୃହ ଫଟୋ। ଏକ ଇନଷ୍ଟାଗ୍ରାମ ଆଇଡିରେ ଆଶୀର୍ବାଦ ୯୪୫ରେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ ମହାପ୍ରଭୁଙ୍କ ଫଟୋ ଓ ଭିତର ବେଢାର ଫଟୋ ଅପ୍‌ଲୋଡ଼ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାରିଦ୍ୱାରରେ ମାଳ ମାଳ ସୁରକ୍ଷାକର୍ମୀ ଯାଞ୍ଚ କରୁଥିବାବେଳେ କିଭଳି ମୋବାଇଲ ମନ୍ଦିର ଭିତରକୁ ନେଲେ ସେ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ଭକ୍ତ। ଅନ୍ୟପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ସଂଶୋଧନ ସହିତ ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନିଙ୍ଗ ମେସିନ୍ ଲଗାଇବା ପାଇଁ ଦାବି ହୋଇଛି।

ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, 'ଶ୍ରୀମନ୍ଦିର ଗର୍ଭଗୃହର ଫଟୋ ଭାଇରାଲ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଛି। କେସ୍ ନମ୍ବର ୨୩୩ରେ ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ମାମଲା ରୁଜୁ ହୋଇଛି। ଗୋଟେ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ଼ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପ୍‌ଲୋଡ଼ କରିଛି, ଏହା ପଛର କ'ଣ ସତ୍ୟତା ରହିଛି ସବୁ ଯାଞ୍ଚ କରାଯିବ। ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଥାଉ କି, ଅତୀତରେ ଗର୍ଭଗୃହ ଫଟୋ ଭାଇରାଲ ହୋଇଥିବା ନଜରକୁ ଆସିଥିଲା। ୨୦୨୨ ନଭେମ୍ବରରେ ଆକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତି ନିଜ ଫେସବୁକ୍ ପେଜରେ ଗର୍ଭଗୃହ ଫଟୋ ଭାଇରାଲ କରିଥିଲେ। ସେ ଗର୍ଭଗୃହର ଫଟୋ ସହିତ ଦର୍ଶନ ପାଇଁ ଯାଉଥିବା ବେଳର ଭିଡିଓ ନିଜ ଫେସବୁକ୍ ପେଜ୍‌ରେ ଅପ୍‌ଲୋଡ କରିଥିଲେ। ପଶ୍ଚିମବଙ୍ଗ ନିବାସୀ ଆକାଶ ଜଣେ ୟୁ-ଟ୍ୟୁବର ବୋଲି ଜଣାପଡିଥିଲା। ସେହିପରି ପୂର୍ବରୁ ୨୦୧୭ ମସିହାରେ ପ୍ରଥମଥର ଗର୍ଭଗୃହ ଫଟୋ ଭାଇରାଲ୍ ହୋଇଥିଲା। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଯେଉଁଭଳି ହେବା କଥା ତାହା ହେଉନାହିଁ। ଫଳରେ ଭିତରକୁ ମୋବାଇଲ ଏପରି କି ନିକଟରେ ଏକାଧକଥର ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ଯିବାର ନଜରକୁ ଆସିଛି। କେବଳ ଭକ୍ତ ନୁହଁନ୍ତି ସୁରକ୍ଷା ଲାଗି ନିୟୋଜିତ ପୁଲିସ କର୍ମଚାରୀ, ସେବାୟତ ବି ମୋବାଇଲ ନେଇ ଭିତରକୁ ଯାଉଛନ୍ତି। ତେଣୁ ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଜାରି କଟକଣା କଡ଼ାକଡ଼ି ହେବା ଦରକାର ବୋଲି କୁହାଯାଉଛି।

### ସ୍କୁଲ୍ ସୂଚନା ଫଳକ...

ସ୍କୁଲ୍ କର୍ତ୍ତୃପକ୍ଷ ପ୍ରେମାନନ୍ଦଙ୍କ ସହିତ ୩ ଜଣଙ୍କୁ ତୁରନ୍ତ କୋଟପାଡ଼ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ପ୍ରେମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଛାତ୍ର ସାନ ଭତ୍ରାଙ୍କୁ ଅଧିକ ଚିକିତ୍ସା ପାଇଁ ଜୟପୁର ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆଉ ଜଣେ ଛାତ୍ର ଆହତ ହୋଇଥବା ଜଣାପଡ଼ିଛି। ଏହି ଖବର ପାଇ ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସେ ମୃତ ଛାତ୍ରର ବାପା ମନବୋଧ ଭତ୍ରା, ମାଆ ଭଗବତୀ ଭତ୍ରାଙ୍କୁ ଭେଟିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ଉଚିତ ନ୍ୟାୟ ଦେବା ପାଇଁ କୋଟପାଡ ମେଡିକାଲ ସମ୍ମୁଖ ରାଜପଥରେ ପ୍ରାୟ ସାତ ଘଣ୍ଟା ଧରି ମୃତକଙ୍କ ପରିବାର ବର୍ଗ ସହ ବସି ଧାରଣ ଦେଇଥିଲେ। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆଜିର ଏହି ଧାରଣାରେ କୋଟପାଡର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦୀଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଉପସ୍ଥିତ ଥିଲେ। ଜୟପୁର ଉପଜିଲ୍ଲାପାଳ ସେଠାରେ ପହଞ୍ଚି ମୃତ ଛାତ୍ରଙ୍କ ମାତା ପିତାଙ୍କୁ ଭେଟି ସରକାରଙ୍କ ତରଫରୁ ଉଚିତ୍ ନ୍ୟାୟ ଓ ଆର୍ଥିକ ଅନୁଦାନ ଦେବା ପାଇଁ ଆଶ୍ୱାସନା ଦେଇଥିଲେ। ତେଣୁ ସେମାନେ ଧାରଣାରୁ ଓହରିଥିଲେ। ଆଦିବାସୀ ଅଞ୍ଚଳ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଏହିପରି ଘଟଣା ବାରମ୍ବାର ଘଟିଥିବାରୁ ସରକାରଙ୍କ କାର୍ଯ୍ୟକୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ନିନ୍ଦା କରିଛନ୍ତି। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ଅନୁରୋଧ କରିଥିଲେ। ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ସେ କହିଛନ୍ତି।

### ମୋଡିଫିକେସନର ତଦନ୍ତ...

ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି ନିୟୋଜିତ ରହିଛି। ହେଲେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ଏଥିରେ କିପରି ବ୍ୟବହାର କରାଯାଇ ପାରିବ ତାହା ବୁଝି ହେଉନାହିଁ। ପୁଣି କାହା ପରାମର୍ଶରେ ଏହି ଗାଡ଼ିରେ ମୋଡ଼ିଫିକେସନ ବାବଦରେ ଏତେ ଟଙ୍କା ବ୍ୟୟ କରାଗଲା ଏବଂ ଏଥିପାଇଁ ପରିବହନ ବିଭାଗର ଅନୁମତି ମିଳିଛି କି ତାହା ବି ସନ୍ଦେହରେ। କେବଳ ଏହି ଗାଡ଼ି ନୁହେଁ, ପୂର୍ବରୁ ବିଭାଗ ପକ୍ଷରୁ ୮୯ଟି ଇସୁଜୁ ଓ ଯୋଦ୍ଧା ଗାଡ଼ି କିଣାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ବୋଲି ପ୍ରଶ୍ନ ଉଠିଛି। ଏହା ବ୍ୟତୀତ ରାଜ୍ୟ ପରିବହନ ବିଭାଗ ମଧ୍ୟ ଏହି ବିବାଦରେ ଛନ୍ଦି ହୋଇଛି। କାରଣ କାରଣ ଅନ୍ୟ ସାଧାରଣ ଲୋକେ ନିଜ ଗାଡ଼ିର ମୋଡିଫିକେସନ୍ କଲେ ପରିବହନ ବିଭାଗ ମାଡ଼ିବସୁଥିବା ବେଳେ ଏହି ବନ ବିଭାଗର ଏତେ ସଂଖ୍ୟକ ଗାଡ଼ି ମୋଡ଼ିଫିକସନ ପାଇଁ କେଉଁ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ସବୁଠୁ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ଯେ ବର୍ତ୍ତମାନ ଏହି ଥର ଗାଡ଼ିଗୁଡ଼ିକ ଜଙ୍ଗଲ ମଧ୍ୟରେ ଏହି ଗାଡ଼ିର ଉପାଦେୟତା ଖୁବ କମ୍ ଥିବାବେଳେ ବନ ବିଭାଗର ଅଧିକାରୀମାନେ ଏବେ ଏହି ଗାଡ଼ି ଧରି ବୁଲୁଛନ୍ତି।

## ଅପରେସନ୍ ଧରପଗଡ଼

# ୩୬ ବନ୍ଧୁକ ସହ ୨୭ ଅପରାଧୀ ଗିରଫ

କଟକ,୧୭।୧୨(ସମିସ): ରାଜ୍ୟରେ ବେଆଇନ ବନ୍ଧୁକ ଚୋରା ଚାଲାଣ, ମାରଣାସ୍ତ୍ର ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ କିଛି ଦିନ ଧରି "ଅପରେସନ୍ ଧରପଗଡ଼' ଅଭିଯାନରେ ବିଭିନ୍ନ ଜିଲ୍ଲା ପୁଲିସ ବେଆଇନ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଏହି ଅଭିଯାନରେ ଅଦ୍ୟାବଧି ସାରା ରାଜ୍ୟରେ ଚୋରା ବନ୍ଧୁକ ଚାଲାଣକାରୀଙ୍କ ବିରୋଧରେ ୨୭ଟି ମାମଲା ରୁଜୁ କରାଯାଇଛି। ଏଥିରେ ୩୬ଟି ବନ୍ଧୁକ, ୭୧ ଗୁଳି, ୬୨ ମାରଣାସ୍ତ୍ର ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୨୭ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ଏହାବ୍ୟତୀତ ନିଶାସକ୍ତ ଗାଡି ଚାଳକଙ୍କ ବିରୋଧରେ ମଧ୍ୟ ପୁଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଛି। ନିଶାସକ୍ତ ଗାଡି ଚାଳନା ପାଇଁ ୫୧୯ଟି ମାମଲା ରୁଜୁ କରିବା ସହ ୨୧୧ଟି ଯାନ ଜବତ କରିଛି ପୁଲିସ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶରେ କାର୍ଯ୍ୟକାରୀ ହୋଇଥିବା ଏହି "ଅପରେସନ୍ ଧରପଗଡ଼' ଅଭିଯାନରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି ସାମିଲ ହୋଇଥିଲେ।

# ଓଟିଇଟି ପରୀକ୍ଷା ଦେଲେ ୧.୬ ଲକ୍ଷରୁ ଅଧିକ

କଟକ,୧୭।୧୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ରାଜ୍ୟବ୍ୟାପୀ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି। ଏହି ପରୀକ୍ଷାରେ ସାରା ରାଜ୍ୟରୁ ମୋଟ ୧ ଲକ୍ଷ ୬୦ ହଜାର ୩୭୯ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଉଭୟ କାର୍ଯ୍ୟରତ ଏବଂ ଆଶାୟୀ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ଥିଲେ।

ସୂଚନା ଅନୁଯାୟୀ, ପ୍ରଥମ ପତ୍ର ପାଇଁ ୪୭ ହଜାର ୭୨୦ ଜଣ ଏବଂ ଦ୍ୱିତୀୟ ପତ୍ର ପାଇଁ ୧ ଲକ୍ଷ ୧୨ ହଜାର ୬୫୯ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ପରୀକ୍ଷା ପରିଚାଳନା ପାଇଁ ରାଜ୍ୟରେ ମୋଟ ୪୫୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷାରେ ସ୍ୱଚ୍ଛତା ବଜାୟରଖିବା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ସହ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। କଟକ ସହରର ବିଭିନ୍ନ କେନ୍ଦ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଦେଖିବାକୁ ମିଳିଥିଲା। ପରୀକ୍ଷାର୍ଥୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରରେ ପହଞ୍ଚିଥିଲେ ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ବିନା ସୁଚାରୁରୂପେ ପରୀକ୍ଷା ସମ୍ପନ୍ନ ହୋଇଥିଲା। ବୋର୍ଡ ପକ୍ଷରୁ ଏହି ପରୀକ୍ଷା ପରିଚାଳନାକୁ ନେଇ ସନ୍ତୋଷ ବ୍ୟକ୍ତ କରାଯାଇଛି।


**NAME CHANGE**

By virtue of an affidavit sworn before the Notary Public, Bhubaneswar, I, **Promod Das**, S/o Late Prahalad Das, resident of At- Naragoda, Po.- Tamando, Bhubaneswar, Khordha- 752054, do hereby declare that my name has been mentioned as Pramod Bhoi in some of my documents, whereas in other documents my name has been recorded as Promod Das. Similarly, my father's name has been mentioned as Prahallad Bhoi in some documents and as Prahalad Das in other documents. I further declare that **Pramod Bhoi** and **Promod Das** refer to one and the same person, that is myself; and Prahallad Bhoi and Prahalad Das refer to one and the same person, who is my father.

( Sd- Promod Das )

**AFFIDAVIT**

I,IFTHEKAR ALAM,S/o-SK Rasul Bakhas, resident of Vill - Uparbaruan,PO-Kabirpur,PS-Jajpur Sadar,Dist -Jajpur,Pin-755009, Odisha, declare by this affidavit No - 268, dated - 25.02.2025, that now onwards I shall be known as **IFTHEKHAR ALAM** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Koraput vide no.107 dtd.16.12.2025, I Sahadev Banda, S/o- Raghu Banda resident of Vill./Po.- Kularsing, Ps.- Padwa, Dist.- Koraput, Odisha, Pin- 764038 declare that, I have changed the name of my minor son **Taruna Kumar Gabading** to **Tarun Kumar Banda**. Henceforth he will be known as **Tarun Kumar Banda** for all purposes.

Sd/- Sahadev Banda

**AFFIDAVIT**

By virtue of an affidavit sworn before Executive Magistrate, Bahalda dated -17.12.2025 I Jamuna Tudu address At/P.o- Sanbhundu, P.S- Tiring, Dist - Mayurbhanj, PIN -757053 declare that I have changed my minor son's name from Basket Tudu to Baset Tudu. Henceforth he will be known as Baset Tudu for all purposes.

**Jamuna Tudu**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 1236 dated 15.12.2025 I, RAJANI BHATARA, S/o - Late Ghana Bhatara, Residences of - Bikrampur, Po - Bikrampur, Ps - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from AUSH BHATRA to SUDHANSHU BHATARA. Henceforth, he shall be known as SUDHANSHU BHATARA for all purposes.

**Sd/- Rajani Bhatara**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 1122 dated 15.12.2025 I, CHANDRA MAJHI, S/o - Mansae Majhi , Residences of - Talagodi, Po- Bejuguda, Ps- Khatiguda, Dist - Nabarangpur, Odisha, Pin - 764070, declare that I have changed the name of my Daughter from KULANTI MAJHI to KUNTALA MAJHI. Henceforth, she shall be known as KUNTALA MAJHI for all purposes.

**Sd/- Chandra Majhi**

**AFFIDAVIT**

By virtue of an affidavit (CF No. 102) sworn before The Executive Magistrate, Bhubaneswar, date: 16/12/2025. I, **Jayashree Dash**, W/o Madanmohan Shyamasundar Dash, resident of Plot No. 572, Gothapatna, Near Sai Pratik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher** to **Jayashree Dash.** Henceforth, I shall be known as **Jayashree Dash** (new name) for all purposes.

JAYASHREE DASH

**ORISSA CONSTRUCTION & T.E.C.S. LTD.**
**BHUBANESWAR-751024**

**NOTICE FOR GENERAL BODY MEETING**

The next General Body Meeting of Orissa Construction & T.E.C.S Ltd. will be held on 27.12.2025 at 11 A.M. (Saturday) in the Conference Hall of Pantha Nivas, Lewis Road, Bhubaneswar. All eligible 'A' Class members of the society are requested to remain present and participate in the proceedings by showing their identity of 'A' Class Membership. For further details including Agenda, Please Contact on E-mail:octecsociety@gmail.com.

By Order of President
**(K.M. Senapati)**
**Secretary**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.** O-1748

ee_rwbdk2@yahoo.co.in

*"e" Procurement Notice for Road Works*
*Identification Online Tender 21/RWD/BDK-II / 2025-26 Dtd.09-12-2025*

1. Name of the Work :- Road Works as per Annexure
2. Total Number of Works :-8 Nos
3. Approximate Estimated Cost :-Rs. 7.20 lakhs -42.37 lakhs
4. Class of Contractor :-As Per Annexure
5. Period of Completion :-As Per Annexure
6. Type of Tender :-Single Cover
7. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ExecutiveEngineer,R.W. Division-II, Bhadrak | 21 | 20.12.2025 At 4.00 P.M. | 30.12.2025 up to 5.00 P.M | 30.12.2025 up to 3.00 P.M | 31.12.2025 at 12.00 PM |

8. **Further details can be seen from the e-procurement portal "https:// www.tendersorissa.gov.in"**
9. Any other changes / Corrigendum may be seen only in websitewww.tendersorissa.gov.in

N.B-.Date of transparent lottery to be conducted on dt.16.01.2026 at11.30A.M. in the office of the Superintending Engineer ,Rural Works Division-II,Bhadrak.

**Superintending Engineer**
**R.W. Division-II, Bhadrak**

OIPR-25090/11/0039/2526

O-1781 eerwbnjr@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANAJNGAR**
NATIONAL COMPETITIVE BIDDING THROUGH e-Procurement
**Identification No. Online Tender / 21 / RWDBNJ/2025-2026**
**Ltr. No. 6084 / Date 09.12.2025**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/21/ 2025-2026 | Building Work | 13 Nos. | 50.35 lakh to 85.68 Lakhs | "B" & "A" Class as applicable | 09 (Nine) Calendar months |

| Procurement Officer | Bid Identification No | Availability of tender online for bidding From | Availability of tender online for bidding To |
|---|---|---|---|
| Superintending Engineer, R.W.Division, Bhanjanagar | Online Tender/21/ RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 upto 5.00 P.M. |

Further details can be seen from the website: - www.tendersodisha.gov.in

**Executive Engineer**
**R.W.Division, Bhanjanagar**

OIPR-25174/11/0058/2526

OFFICE OF THE PRINCIPAL
**NATIONAL HIGHER SECONDARY SCHOOL, NUAPADA**
AT/PO/DIST- NUAPADA (ODISHA)- 766105
Email: principalncn@gmail.com

Letter No. 1031/NCN Date 16.12.2025

**SHORT QUOTATION CALL NOTICE FOR PROCUREMENT OF MAJOR / MINOR TOOLS & EQUIPEMENTS FOR SETTING UP THE VOCATIONAL LABS AT SCHOOL LEVEL UNDER WB-STARS FUNDS FOR THE EAR 2024-25**

Sealed Quotations are invited from the registered Traders /Suppliers having valid GST registration number and PAN for supplying of different Equipment/Materials/Items/Tools required for the Trade (1) Agriculture (Micro Irrigation Technician) and (2) Food processing (Craft Baker) for National Higher Secondary School, Nuapada. under WB-STARS (Vocational Education) Grant for the year 2024-25. Interested Traders /Suppliers may submit their sealed quotations at Office of the Principal,National HSS, Nuapada on or before date 29/12/2025 up to 11.30 AM unfailingly. The sealed quotations shall be opened on date. 31/12/2025 at 10.30 am, at the same H.S.S, in the presence of school level purchase committee of the H.S.School and the concerned suppliers (If available). The school authority reserves the right to accept or reject any or all the quotation/s without assigning any reason thereof. The lists of the required Major Tools for both the Trades/Sectors are attached here with for your reference. The Terms & Conditions are as follows: -

**Terms & Conditions**

1. The intended supplier will have to submit valid GST Registration Certificate; valid PAN, IT returns statement and past relevant experience certificate should be accompanied with the sealed quotation.
2. Rates including GST with other taxes for packing and delivery of the required Tools with good condition up to school point within 10 days from the issue of work order.
3. The intended supplier must submit a list of all required Major Tools with quoted rate against each along with the sealed quotation.
4. If any material/s found broken or non-functional, the same will be replaced by the concerned supplier within 07 days without any extra payment and queries.
5. After supplying of all required equipments & submission of GST bills to the principal, A Post Delivery Inspection will be made by SCHOOL LEVEL PURCHASE COMMITTEE of the concerned school and the final payment shall be paid to the supplier/s.

**Signature of the Principal**
**National H.S.S. Nuapada**

**DISTRICT WELFARE OFFICE, SAMBALPUR**
**E-mail: dwo-sambalpur@od.gov.in** W-25

**Order No. 4442 /SSD Date: 15.12.2025**

**SHORT TENDER CALL NOTICE**

**SEALED TENDERS** are invited from eligible SERVICE PROVIDING AGENCIES to provide MANPOWER existing **13 nos of DEO-cum-Office Assistant (LAC)** as per the terms & conditions provided in the website **http://sambalpur.odisha.gov.in** of **Sambalpur** District up to **5.00 PM of 24.12.2025**. The bids shall be received through **Courier/Regd. Post/ Speed Post** only during the office hours and will be **opened on 31.12.2025 at 11.00 AM** in the presence of the bidders or their authorized agents in the **Conference Hall of Collectorate, Sambalpur**

The interested agencies should clearly mention on the top of envelope as **"Tender for Selection of Outsourcing Agency to provide MANPOWER"**. The Agencies who have applied are requested to remain present in the venue for tender opening on the date of opening. The detailed Terms & Conditions and list of documents to be submitted is available in our website **http://sambalpur.odisha.gov.in** .

The Authority reserves the right for cancellation / modification of the Tender without assigning any reason thereof.

**By order of Collector, Sambalpur**
**District Welfare Officer, Sambalpur**

OIPR-19326/11/0001/2526

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଗଜପତି**

ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ ମାଣ୍ଡିଆ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ପାଇଁ ଜଣାଇଦିଆଯାଉଅଛି ଯେ ଚଳିତ ଖରିଫ୍ ୨୦୨୫-୨୬ ବର୍ଷ ପାଇଁ ୫ ଗୋଟି କୃଷକ ଉତ୍ପାଦନ ସଂଘ (FPO) ଏବଂ ୪ ଗୋଟି ମହିଳା ସ୍ୱୟଂ ସହାୟକ ମହାସଂଘ (WSHG Federation) ଦ୍ୱାରା ୬ ଗୋଟି ବ୍ଲକ୍ ଯଥା ଗୁମ୍ମା, କାଶୀନଗର, ରାୟଗଡ଼, ନୂଆଗଡ, ରା-ଉଦୟଗିରି ଏବଂ ମୋହନା ବ୍ଲକ୍ ରେ ମୋଟ୍ ୨୧ ଗୋଟି କ୍ରୟ କେନ୍ଦ୍ରରେ ଆସନ୍ତା ୧ ଜାନୁଆରୀ ୨୦୨୬ ଠାରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମାଣ୍ଡିଆ କ୍ରୟ କରାଯିବ। ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ମାଣ୍ଡିଆକୁ ଭଲଭାବରେ ସଫାକରି FAQ ମାନର ମାଣ୍ଡିଆ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ।

**ମାଣ୍ଡିଆ ମାନ ନିର୍ଦ୍ଧାରଣ (FAQ)**

| କ୍ର ନଂ | ମିଶ୍ରିତ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧ | ବାହ୍ୟ ପଦାର୍ଥ ଯଥା: ମାଟି, ଗୋଡ଼ି, ଧୂଳିବାଲି ଇତ୍ୟାଦି | ୧% |
| ୨ | ଅନ୍ୟାନ୍ୟ ଖାଦ୍ୟଶସ୍ୟ | ୧% |
| ୩ | କ୍ଷତିଗ୍ରସ୍ତ/ ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୪ | ଆଂଶିକ ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୫ | ଆର୍ଦ୍ରତା | ୧୨% |

**ମାଣ୍ଡିଆର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ:- ୪୮୮୬.୦୦( ପ୍ରତି କ୍ୱିଣ୍ଟାଲ),**
**MPAS ପୋର୍ଟାଲରେ ପଞ୍ଜିକରଣ ପାଇଁ ସମୟ ସୀମା:- ୨୦ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ**

ସ୍ୱା/- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ CAD-2722
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 24412 /ଭୁ.ଉ.କ.,ଭୁବନେଶ୍ୱର ତା 11.12.2025 ରିଖ
AVH-II-D-25/09

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୨, ମୌଜା-ପୋଖରୀପୁଟ, ଭୁବନେଶ୍ୱର ଅନ୍ତର୍ଗତ **HIG** ଗୃହ ନଂ**-37(B/22)** କୁ **ବରେନ୍ଦ୍ର କୃଷ୍ଣ ଧଳ, ପିତା-ସ୍ୱର୍ଗତ ସୁରେନ୍ଦ୍ର ନାଥ ଧଳ, ଗ୍ରାମ-ଚର୍ଚ୍ଚିକା, ପୋଷ୍ଟ/ଥାନା-ବାଙ୍କି, ଜିଲ୍ଲା-କଟକ, ଓଡିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ **ବରେନ୍ଦ୍ର କୃଷ୍ଣ ଧଳ** ଗତ ତା-୦୯.୦୮.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (**Death certificate No. 30757** dated **06.10.2016**). ଆବଣ୍ଟନଗ୍ରାହୀ **ବରେନ୍ଦ୍ର କୃଷ୍ଣ ଧଳଙ୍କ** ସ୍ତ୍ରୀ–ସ୍ନେହଲତା ଧଳ ଗତ ତା-୦୬.୦୧.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (**Death certificate No. 2884** dated **30.01.2016**)

**Legal heir certificate Misc.Case No. E-LHC/2025/103984 dated 17.06.2025** ଅନୁଯାୟୀ ବରେନ୍ଦ୍ର କୃଷ୍ଣ ଧଳଙ୍କର ଉତ୍ତରାଧିକାରୀ (୧) ସଙ୍ଘମିତ୍ରା ଚକ୍ରବର୍ତ୍ତି (ବିବାହିତା କନ୍ୟା), (୨)ଲୋପାମୁଦ୍ରା ଧଳ(ବିବାହିତା କନ୍ୟା) ଓ (୩) ଶିଦ୍ଧାର୍ଥ କୁମାର ଧଳ (ପୁତ୍ର) ଅଟନ୍ତି।

ଇତି ମଧ୍ୟରେ **(୧) ସଙ୍ଘମିତ୍ରା ଚକ୍ରବର୍ତ୍ତି ଓ (୨) ଲୋପାମୁଦ୍ରା ଧଳ** ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Document No.11131706243 dated 08.08.2017) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ **ଶିଦ୍ଧାର୍ଥ କୁମାର ଧଳଙ୍କୁ** ହସ୍ତାନ୍ତର କରିଅଛନ୍ତି। ସୁତରାଂ **ଶିଦ୍ଧାର୍ଥ କୁମାର ଧଳଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0422/2526

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

# ବସୁନ୍ଧରା ଯୋଜନାରେ ତ୍ରୁଟିପୂର୍ଣ୍ଣ ତଦନ୍ତ



ନାଉଗାଁ,୧୭।୧୨(ସମିସ): ବସୁନ୍ଧରା ଯୋଜନାରେ ତ୍ରୁଟିପୂର୍ଣ୍ଣ ତଦନ୍ତ କରାଯାଇ ଥିବା ଅଭିଯୋଗ ହୋଇଛି। ଏ ନେଇ ନାଉଗାଁ ତହସିଲଦାରଙ୍କୁ ଆଜି ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲା ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ। ସୂଚନା ମୁତାବକ ଗତ ଆଠ ମାସ ପୂର୍ବେ ବସୁନ୍ଧରା ଯୋଜନା ନିମନ୍ତେ ଆବେଦନ କରିଥିବା ହିତାଧିକାରୀମାନଙ୍କର ଯାଞ୍ଚ କରିବା ନିମନ୍ତେ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇ ଥିଲା। ସେମାନେ ତଞ୍ଚକତା କରି ସମସ୍ତ ହିତାଧିକାରୀଙ୍କର ବାର୍ଷିକୀ ଆୟ ଏକ ଲକ୍ଷ ୨୦ ହଜାର ଟଙ୍କା କରି ଦେଇଥିଲେ। ଯାହାକି ସେମାନଙ୍କର ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ନ ହେବାର ଏକ ମୁଖ୍ୟ କାରଣ ବୋଲି ଜଣାଯାଇଛି। ମୁଖ୍ୟତଃ ନାଉଗାଁ ବ୍ଲକର ଖଇରା ହୁଲି ଅଞ୍ଚଳରେ ମଧ୍ୟ ୮ ଜଣ ଯୋଗ୍ୟ ହିତାଧିକାରୀ ପରିବାର ଥିଲେ ମଧ୍ୟ ସେମାନଙ୍କୁ ଏହି ବସୁନ୍ଧରା ଯୋଜନାରେ ଯୋଗ୍ୟ ହିତାଧିକାରୀ ହୋଇ ନଥିବା ଦର୍ଶାଯାଇଛି। ତେବେ ଏହାକୁ ତୁରନ୍ତ ସଂଶୋଧନ କରାଯାଇ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଯଦି ସାମିଲ କରାନଯାଏ ତେବେ ଦଳିତ ବିକାଶ ପରିଷଦ ପକ୍ଷରୁ ତହସିଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।



ନିଜ ଘରକୁ ଫେରିବା ପରେ ପରିବାର ସହିତ ସୁଦାନରେ ପଣବନ୍ଦୀ ଥିବା ଯୁବକ ଆଦର୍ଶ ବେହେରା

# ସମୁଦ୍ରରେ ପ୍ରଦୂଷଣ ରୋକିବାକୁ ଅଭ୍ୟାସ

ପାରାଦୀପ, ୧୭।୧୨(ସମିସ)



ସମୁଦ୍ରରେ ଜାହାଜ ଯୋଗେ ଅଶୋଧିତ ତୈଳ ପରିବହନ ବୃଦ୍ଧି ପାଇଛି। ଯାହା ସମୁଦ୍ରରେ ଥିବା ଜଳଜୀବମାନଙ୍କ ପାଇଁ ବିପଦର ଆଶଙ୍କା ସୃଷ୍ଟି କରିଛି। ଯଦି କୌଣସି ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୁଏ କିମ୍ବା ତୈଳ ଜାହାଜରୁ ତୈଳ ନିର୍ଗତ ହୁଏ, ଏହାର ମୁକାବିଲା ପାଇଁ ଆମେ କେତେ ସମର୍ଥ। ଏହାର ଏକ ଡେମୋ ବା

- ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ଅପରେସନ
- କୋଷ୍ଟଗାର୍ଡର ୫ ଟି ଜାହାଜ ପ୍ରସ୍ତୁତି ଅଭ୍ୟାସରେ ସାମିଲ

ମକ୍‌ଡ୍ରିଲ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କିଭଳି ସମୁଦ୍ରର ପ୍ରଦୂଷଣ ରୋକିବା ସହିତ ଜଳଜୀବ ମାନଙ୍କୁ ସୁରକ୍ଷା ଦେବାରେ ଭାରତୀୟ ତଟରକ୍ଷୀ ବାହିନୀ କାର୍ଯ୍ୟ କରୁଛି ତାହା ଆଜି ଡେମୋ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା।

ଅଥଳ ସମୁଦ୍ରରେ ଘନ ଘନ ପଇଁତରା ମାରୁଥିଲା କୋଷ୍ଟଗାର୍ଡ ଜାହାଜ, ଚାରିଆଡ଼େ ବାଜିଲା ସାଇନ୍। ବୋଟ୍ ଯୋଗେ କୋଷ୍ଟଗାର୍ଡର ଯବାନ ମାନେ ଜାହାଜକୁ ଘେରି ରହି ଅପରେସନ ଚଳାଇଥିଲେ। ଏହା କୌଣସି ଆତଙ୍କବାଦୀଙ୍କ ଅନୁପ୍ରବେଶ ନଥିଲା, ଏହା ହେଉଛି ସମୁଦ୍ରରେ ଆସୁଥିବା ଜାହାଜରୁ ତୈଳ ଲିକେଜ୍ କିମ୍ବା ତୈଳ ଜାହାଜ ଦୁର୍ଘଟଣା ସମୟରେ କିଭଳି ଭାବେ ସମୁଦ୍ରର ଜଳଜୀବ ମାନଙ୍କୁ ସୁରକ୍ଷିତ ରଖାଯିବା ତା ସହିତ ସମୁଦ୍ରକୁ ପ୍ରଦୂଷଣ ମୁକ୍ତ ରଖାଯିବ ତାହାର କଳା କୌଶଳ ପ୍ରଦର୍ଶିତ ହୋଇଥିଲା। ଭାରତୀୟ ତଟ ସୁରକ୍ଷା କର୍ମୀ ସମୁଦ୍ରରେ ଏକ ବାଣିଜ୍ୟ ଜାହାଜରୁ ତୈଳ ବିସ୍ତାରର ହେବାପରେ କିଭଳି କାର୍ଯ୍ୟ କରାଯାଏ ତାହାର ଦୃଶ୍ୟ ପ୍ରଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ତଟ ସୁରକ୍ଷା ବାହିନୀର ଆଇଏନଏସ ବିଜୟା, ଆଇଏନଏସ ଭରତ୍, ଆଇଏନ୍‌ଏସ୍ ଅମୋଘ୍, ଆଇଏନ୍‌ଏସ୍ ଅଦମ୍ୟ, ଆଇଏନଏସ କମଳା ଦେବୀ, ଆଇଏନ୍‌ଏସ୍ ଅମରିତ କୌର, ଆଇଏନ୍‌ଏସ୍ ସି-୪୨୬ ଜାହାଜ ସାମିଲ ହେବା ସହିତ ପାରାଦୀପ ବନ୍ଦରର ଟଗ୍ ବୋଟ୍, ଆଇଓସିଏଲର ଟଗ୍ ବୋଟ୍ ସାମିଲ ହୋଇଥିଲେ।

ଗଭୀର ସମୁଦ୍ରରୁ ଅପରେସନ କାର୍ଯ୍ୟ ସାରି ସମ୍ପୂର୍ଣ୍ଣ ଟିମ୍ ଫେରିବା ପରେ ବିଜୁ ମଇଦାନରେ ପାରାଦୀପ ବନ୍ଦର, ପାରାଦୀପ ମ୍ୟୁନିସିପାଲଟି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ମତ୍ସ୍ୟ ବିଭାଗ, ବନବିଭାଗ, କଷ୍ଟମ୍ସ ବିଭାଗ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମୁଦ୍ରରେ ତୈଳ ଲିକେଜ୍ ସମୟରେ ସାଧାରଣ ଲୋକେ କିପରି ସହଯୋଗ କରିବେ ଏବଂ ଜଳଜୀବମାନଙ୍କୁ କିପରି ସୁରକ୍ଷିତ ରଖାଯିବ, ଏହା ଉପରେ ଆୟୋଜିତ କର୍ମଶାଳା ମଧ୍ୟ ସାଧାରଣ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି କାର୍ଯ୍ୟକ୍ରମରେ ଆଇଜି କୋଷ୍ଟଗାର୍ଡ ଇକବାଲ ସିଂ ଚୌହାନ, ସିନିୟର୍ ପାଇଲଟ ପାରାଦୀପ ବନ୍ଦର କ୍ୟାପଟେନ ସଞ୍ଜ୍ୟମ୍ ଦାସ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ପାରାଦୀପ ଲାଫିଙ୍ଗ୍ କ୍ଲବରେ ବନ୍ଧୁମିଳନ

# ପ୍ରାକ୍ତନ ସେନା ଅଧିକାରୀ ସମ୍ବର୍ଦ୍ଧିତ



ପାରାଦୀପ, ୧୭।୧୨ (ସମିସ) : ପାରାଦୀପ ଲାଫିଙ୍ଗ କ୍ଲବ ପକ୍ଷରୁ ଏକ ପାରିବାରିକ ବନ୍ଧୁମିଳନ ଉତ୍ସବ ଆଜି ଚଉମୁହାଁଣି ସ୍ଥିତ ଜଳସମ୍ପଦ ବିଭାଗ ଅତିଥି ଭବନ ପରିସରରେ ଆୟୋଜିତ ହୋଇଯାଇଛି। କ୍ଲବର ଅଧ୍ୟକ୍ଷ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଆକର୍ଷଣ ତଥା ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ସୁବ୍ରତ କୁମାର ମିଶ୍ର ଓ ତାଙ୍କ ପତ୍ନୀ ମୀରା ମିଶ୍ର ଯୋଗ ଦେଇଥିଲେ। କ୍ଲବର ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦ ଆକ୍ରମଣର ମୁକାବିଲା କରି ସଫଳତାର ସହିତ ଆତଙ୍କବାଦୀମାନଙ୍କୁ ନିପାତ କରିଥିବା ସମ୍ପର୍କରେ ଅତିଥି ତତ୍କାଳୀନ ସିଆର୍‌ପିଏଫ ଆଇଜି ଶ୍ରୀଯୁକ୍ତ ମିଶ୍ର ମୁମ୍ବାଇ ଆତଙ୍କବାଦର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଲାଫିଙ୍ଗ କ୍ଲବ ପକ୍ଷରୁ ମିଶ୍ର ଦମ୍ପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ଓ ଗଗନ ବିହାରୀ ସାହୁ, ପ୍ରାକ୍ତନ ସାଂସଦ ଡାକ୍ତର କୁଳମଣି ସାମଲ, କ୍ୟାପେଟେନ ପ୍ରେମାନନ୍ଦ ରାଉତ, ସୁରଜ ବେହେରା, ଅକ୍ଷୟ ଚନ୍ଦ୍ର ସୁତାର, ଅନାମ ଚରଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ବିଗତ ବର୍ଷ ଲାଫିଙ୍ଗ କ୍ଲବ ପକ୍ଷରୁ ଲଗାଯାଇଥିବା ତାଳ ଗଛର ଯତ୍ନ ନେବା ଏବଂ ଅଧିକ ପରିମାଣରେ ବୃକ୍ଷ ରୋପଣ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କୋଷାଧ୍ୟକ୍ଷ ଗୌତମ କୁମାର ନାୟକ, ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, ନଗେନ୍ଦ୍ର ନାଥ ସ୍ୱାଇଁ, ଆଡ୍‌ଭୋକେଟ ରାଜେନ୍ଦ୍ର ପରିଡା, ଜଗନ୍ନାଥ ଶତପଥୀ, କେଶବ ଚନ୍ଦ୍ର ସ୍ୱାଇଁ, ଆଶୁତୋଷ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶେଷରେ କ୍ଲବର ଉପସଭାପତି ଇଂଜିନିୟର କାଳୀପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶତାୟୁ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଜଗତସିଂହପୁର,୧୭।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଏରଙ୍ଗ ଗ୍ରାମର ଶତାୟୁ ଶିକ୍ଷକ ସଦାଶିବ ପତିଙ୍କ



ଦ୍ୱାଦଶାହ ଦିବସରେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ, ନବକାକାଳୀ ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, ଶିକ୍ଷକ ନେତା ବିଜୟ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ବସ୍ତିଆ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସନ୍ତୋଷ ସ୍ୱାଇଁ, ସୁକାନ୍ତ ରାଉଳ, ଭାବଗ୍ରାହୀ ପ୍ରଧାନ, ଘନଶ୍ୟାମ କାନୁନଗୋ, ବଂଶୀଧର ଆଚାର୍ଯ୍ୟ, ସୂଚିତ୍ରା ମହାରଣା, ହାଡ଼ିବନ୍ଧୁ ସାହୁ, ନାରାୟଣ ମୁଦୁଲି, ଶରତ ଚନ୍ଦ୍ର ପାତ୍ର, ସୁକାନ୍ତ ରାୟ, ମାଗୁଣି ପାଢ଼ୀ, ସତ୍ୟବାଦୀ ଦାସ, ଗୌରାଙ୍ଗ ଦାସ ସୌମ୍ୟରଞ୍ଜନ ରାୟ, ନଟବର ବାରିକ, ରାମଚନ୍ଦ୍ର ଆଚାର୍ଯ୍ୟ, ନୀଳକଣ୍ଠ ମିଶ୍ର, ଜ୍ଞାନ ପୃଷ୍ଟି, ଦୁର୍ଯ୍ୟୋଧନ ମହାରଣା, ବିଚିତ୍ରାନନ୍ଦ ମିଶ୍ର, ଲିପକ ସାହୁ, ସଞ୍ଜୟ ନନ୍ଦଙ୍କ ସମେତ ସଦାଶିବ ସାରଙ୍କ ପୁତ୍ର ବିଜୟ, ଅଜୟ, ଦୁର୍ଜୟ ସୁଜୟ, ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପାତ୍ତକାଳୀନ ଗୋଷ୍ଠୀର ବୈଠକ



ପାରାଦୀପ,୧୭।୧୨(ସମିସ): ପାରାଦୀପ ଶିଳ୍ପାଞ୍ଚଳରେ ଆଜି ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ଏକ ଆପାତ୍ତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ମସିହା ପରେ ଏହି ବୈଠକ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି। ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚନ୍ଦ୍ରଶେଖର ବେହେରା, ସଦସ୍ୟ ସଚିବ, ଏଲସିଜି ଓ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, ପାରାଦୀପଙ୍କ ଦ୍ୱାରା ସମନ୍ୱୟ କରାଯାଇଥିଲା। ଉକ୍ତ ବୈଠକରେ ମନୋଜ କୁମାର ପଣ୍ଡା, ଉପନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, କଟକ ଡିଭିଜନ, ଅଭିଷେକ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌରପାଳିକା ଏବଂ ବିଜୁ ମେମୋରିଆଲ୍ ହସ୍ପିଟାଲର ଡାକ୍ତର, କୁଜଙ୍ଗ ଅଗ୍ନିଶମ କେନ୍ଦ୍ରର ଷ୍ଟେସନ୍ ଅଫିସର, ୯ଟି ଏମଏଏଚ୍ କାରଖାନାର ପ୍ରତିନିଧିମାନେ ଏବଂ ୭ଟି (୨ସିବି) କାରଖାନାର ପ୍ରତିନିଧିମାନଙ୍କ ସହ ଅନ୍ୟାନ୍ୟ ସ୍ଥାନୀୟ ଅପାତ୍ତକାଳୀନ ଏଲ୍‌ସିଜି ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସଂକଟ ଗୋଷ୍ଠୀର ଉଦ୍ଦେଶ୍ୟ ଓ ଭୂମିକା ସମ୍ପର୍କରେ ଏକ ପ୍ରସ୍ତୁତୀକରଣ କରାଯାଇଥିଲା। ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ସମସ୍ତ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀର ସଦସ୍ୟମାନଙ୍କୁ ସଭାରେ ଆଲୋଚିତ ବିଷୟଗୁଡ଼ିକ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଅପାତ୍ତକାଳୀନ ପ୍ରସ୍ତୁତି ଓ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇଫକୋ ମୁଖ୍ୟ ସୁରକ୍ଷା ଅଧିକାରୀ ଆର୍‌କେ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ତେନ୍ତୁଳିଆରୁ କାଠ ଗଡ଼ ଜବତ

ଜଗତସିଂହପୁର,୧୭।୧୨(ସମିସ): ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ୩ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ ବିଭାଗର ଫରେଷ୍ଟ ଉଇଙ୍ଗ। ଏହି ଚଢ଼ଉ ବେଳେ ୨୭ ୬.୫୨ ସିଏଫ୍‌ଟିର କାଠଗଡ଼ ଜବତ କରାଯାଇଛି। ଯାହାର ମୂଲ୍ୟ ୭ ଲକ୍ଷ ୭୦ ହଜାର ୮ ୫୭ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। କୌଣସି ସୂତ୍ରରୁ ଖବର ପାଇଁ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ଏ ସଂକ୍ରାନ୍ତରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସୂଚନା ମିଳିଛି।



# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ଜଗତସିଂହପୁର,୧୭।୧୨(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ୯ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଡା. ରଘୁନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଯୋଗଦେଇଥିଲେ। ମଞ୍ଚର ଉପ ସଭାପତି ପ୍ରେମାନନ୍ଦ ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା ସହିତ ନାଗରିକ ମଞ୍ଚ ଗଠନ ଓ ଏହାର କାର୍ଯ୍ୟବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ବାର୍ଷିକ ବିବରଣୀ ପାଠ କରିବା ପରେ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୨୩ ଜଣ ନୂତନ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ ସହିତ ୧୧ ଜଣ ସଦସ୍ୟଙ୍କୁ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ପଢ଼ିଆରୀ, ବିଜୟ ରଥ, ସୁଧାକର ମହାପାତ୍ର, ତିଲୋତ୍ତମା ଦାଶ, ଗୌରୀ ନାୟକ, ବିଜୟ ବିଶ୍ୱାଳ, ହୃଦାନନ୍ଦ ମହାନ୍ତି, ଅବଧୂତ ନାୟକ, ବିଷ୍ଣୁ ଚରଣ ତ୍ରିପାଠୀ, ଝରେନ୍ଦ୍ର ନାୟକ, ସୁକାନ୍ତ ରାୟ, ବିମ୍ବାଧର ସ୍ୱାଇଁ ଏବଂ ଦ୍ୱାରିକାନାଥ ପଣ୍ଡା ପ୍ରମୁଖ ଶତାଧିକ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ।

# କ୍ରିୟାଯୋଗ ଆଶ୍ରମରେ ଫଳଚାରା ରୋପଣ

ଜଗତସିଂହପୁର,୧୭।୧୨(ସମିସ): ପବିତ୍ର ଧନୁସଂକ୍ରାନ୍ତି ଅବସରରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ କ୍ରିୟାଯୋଗ ଆଶ୍ରମ ପରିସରରେ ବିଭିନ୍ନ ପ୍ରକାର ଫଳଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଢ଼ଙ୍ଗ ଉଚ୍ଚ ବିଦ୍ୟାଳୟର ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତିଙ୍କ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଶଦଭାବେ ସୂଚନା ପ୍ରଦାନ କରିଥିଲେ। ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ, ରାଢଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମହାନ୍ତି, ନିମାଇଁ ଚରଣ ରାଉତ, ବିଦ୍ୟାଳୟର ଇକୋ କ୍ଲବର ଛାତ୍ରଛାତ୍ରୀ ଏବଂ ଉପସ୍ଥିତ



ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ବାବା ଶ୍ରଦ୍ଧାନନ୍ଦ ଗିରି ଉଦ୍‌ଘାଟନ କରିବା ସହିତ ବୃକ୍ଷରାଜିର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ବ୍ୟତୀତ ଚାରା ରୋପଣର ଜ୍ଞାନକୌଶଳ ଓ ଏହାର ଉପଯୁକ୍ତ ଯତ୍ନ ନେବା ସମ୍ପର୍କରେ ଶ୍ରଦ୍ଧାଳୁମାନଙ୍କ ସହଯୋଗରେ ଫଳଚାରା ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଥିଲା। କଲମୀ ଆମ୍ବ, ପଣସ, ସପେଟା, ଜାମୁଡୋଳ, ଲିଚୁ, ପିଜୁଳି ଆଦି ଚାରାମାନ ରୋପଣ କରାଯାଇ ଉପସ୍ଥିତ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ତାହାର ଉପଯୁକ୍ତ ସୁରକ୍ଷା ନେବା ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଥିଲା।

# ପଙ୍କପାଳକୁ ସିଏଚ୍‌ସି ମାନ୍ୟତା ଦେବାକୁ ଦାବି

କୁଜଙ୍ଗ,୧୭।୧୨(ସମିସ)




କୁଜଙ୍ଗ ବ୍ଲକର ପଙ୍କପାଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ଲକର ୨- ସିଏଚ୍‌ସି ମାନ୍ୟତା ଦେବାକୁ ଦାବି ହୋଇଛି। ରୋଗୀ ବୃଦ୍ଧିକୁ ଲକ୍ଷ୍ୟ କରି ଏହି ଡାକ୍ତରଖାନାର ଉନ୍ନତୀକରଣ କରିବା ଜରୁରୀ ହୋଇପଡ଼ିଛି।

ଜଗତସିଂହପୁର ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ କୁଜଙ୍ଗ ବ୍ଲକ ଆୟତନ ଦୃଷ୍ଟିରୁ ଏକ ବଡ଼ ବ୍ଲକ ହୋଇଥିବା ବେଳେ ଏବେ ମୌଳିକ ସ୍ୱାସ୍ଥ୍ୟସେବା ପାଇଁ ବ୍ଲକରେ ୨ୟ ସିଏଚ୍‌ସି ରୂପେ ପଙ୍କପାଳକୁ ମାନ୍ୟତ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି। ସ୍ଥାନର ଅବସ୍ଥିତ ଦୃଷ୍ଟିରୁ ଏହା ଉଭୟ ମଣିଜଙ୍ଗା ଓ କୁଜଙ୍ଗର ମଝି ସ୍ଥାନରେ ଏବଂ କଟକ ପାରାଦୀପ ରାସ୍ତାର ପାଶ୍ୱର୍ରେ ରହିଛି। ପରିସର ବୃଦ୍ଧି ପାଇଁ ଯଥେଷ୍ଟ ସ୍ଥାନ ଥିବାରୁ ଏହାର ଉନ୍ନତୀକରଣ ସହଜ ଓ ସରଳ ଭାବେ ହୋଇପାରିବ। ଏହି ଡାକ୍ତରଖାନା ଉପରେ ପଙ୍କପାଳ, ପୋତାନନ୍ଦ, ଜିଲ୍ଲାନାସୀ, ମହୁସାହି, ଅଗପାଳ, ବାଲିକଣା, ପାଟପୁର ଆଦି ବହୁ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଏହାର ପରିସର ସୌନ୍ଦର୍ଯ୍ୟକରଣ ସହ ରୋଗୀ ସେବା ବ୍ୟବସ୍ଥାରେ ଉନ୍ନତି ହୋଇପାରିଛି। ରୋଗୀଙ୍କ ପଞ୍ଜୀକରଣ ତାଲିକା ମଧ୍ୟ ବେଶ ଲମ୍ବା। ଏବେ କଟକ ପାରାଦୀପ ରାସ୍ତାରେ ବାରମ୍ବାର ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟି ଦେଇ ଏହି ଡାକ୍ତରଖାନାରେ ଟ୍ରମା କେୟାର ବ୍ୟବସ୍ଥା ସହ ଏହାକୁ ସିଲଚ୍‌ସି ମାନ୍ୟତା ଦେବା ଜରୁରୀ ହୋଇପଡ଼ିଛି। ଏ ନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଶନି ମହାନ୍ତି, ପୂର୍ବତନ ସରପଞ୍ଚ ସବିତା ମହାପାତ୍ର, ମୀନାକ୍ଷୀ ବାସ, ମିହିର ବେହେରା, ପଙ୍କପାଳ ବଣିକ ସଂଘର ସଭାପତି ଫକୀର ଦାସ, ପୂର୍ବତନ ସରପଞ୍ଚ ପଦ୍ମନାଭ ସାହୁ, ଶିକ୍ଷାବିତ୍ ଚୌଧୁରୀ ପଦ୍ମନାଭ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରଙ୍ଗମଞ୍ଚର ନୂତନ କର୍ମକର୍ତ୍ତା ଚୟନ

ଜଗତସିଂହପୁର,୧୭।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସମଙ୍ଗ ଠାରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରଙ୍ଗମଞ୍ଚର ଏକ ଜରୁରୀ ବୈଠକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ସଭା ଗୃହରେ ବରିଷ୍ଠ ଗୀତିକାର ତଥା ଶିକ୍ଷାବିତ ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ରଙ୍ଗମଞ୍ଚର କର୍ମକର୍ତ୍ତା ଚୟନ କରାଯାଇଥିଲା। ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରଙ୍ଗମଞ୍ଚର ସଭାପତି ଭାବେ ସରୋଜ କୁମାର ଦ୍ୱିବେଦୀ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ରାଉତରାୟ, ସହସଂପାଦକ ତପନ କୁମାର ନାୟକ, ଯୁଗ୍ମ ସମ୍ପାଦକ ମନୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ତରୁଣ କୁମାର ରାଉତରାୟ, ଆଇନ୍ ପରାମର୍ଶଦାତା ଜ୍ଞାନରଞ୍ଜନ ମହାନ୍ତିଙ୍କୁ ଚୟନ କରାଯାଇଛି। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ସରୋଜ କୁମାର ମହାପାତ୍ର, ଉପଦେଷ୍ଟା ଭାବେ ତପନ କୁମାର ରାଉତରାୟ, ସୁନିଲକାନ୍ତ ରାଉତରାୟ, ତୁଷାର ରଞ୍ଜନ ସାସମଲ, ଦିଲ୍ଲୀପ କୁମାର ବିଶ୍ୱାଳ, ଦୀପ୍ତି ରଞ୍ଜନ ରାଉତ, ସମୀର କୁମାର ପଟ୍ଟନାୟକ, ଅଶୋକ କୁମାର ଜେନା, ସଚ୍ଚିକାନ୍ତ ଜେନା, ବିଜୟ କୁମାର ବସ୍ତିଆ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଦୀପ୍ତ କୁମାର ବିଶ୍ୱାଳ,ଆଲୋକ ମଲ୍ଲିକ୍, ରଶ୍ମିକାନ୍ତ ଜେନା, ନରେନ୍ଦ୍ର କୁମାର ରାଉତ, ଦିଲ୍ଲିପ ରାଉତରାୟ, କବିର ପରିଡ଼ା, ପ୍ରଣବ ମହାପାତ୍ର, ଅମୂଲ୍ୟ ଜେନା, ସମରେନ୍ ରାଉତରାୟ, ଦେବନ୍ଦ୍ର ରାଉତରାୟ, ଦିପ୍ତୀରଞ୍ଜନ ବେହେରା, ସତ୍ୟବ୍ରତ ପରିଜା ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

# ନିଗମାନନ୍ଦ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ



ତିର୍ତ୍ତୋଲ,୧୭।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେସର ପଞ୍ଚାୟତ ବଡ଼ଜିଙ୍ଗଲ ଗ୍ରାମ ସ୍ଥିତ ନିଗମାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରରେ ସପ୍ତଦଶ ବାର୍ଷିକ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ ହୋଇଛି। ଏହି ଉତ୍ସବକୁ ପ୍ରଧାନଆଚାର୍ଯ୍ୟା ପ୍ରତିମା ବେହେରା, ପରିଚାଳନା କମିଟି ସହ ସମ୍ପାଦକ ଅଜୟ ସାହୁ ଓ କୋଷାଧ୍ୟକ୍ଷ ଅରକ୍ଷିତ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦୦ ମି ଦୌଡ, ଉଚ୍ଚଡିଆଁ, ଲମ୍ବ ଡିଆଁ, ମ୍ୟୁଜିକ ଚେୟାର, ଖୋ ଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ସସ୍ମିତା ଦାସ, ଶେଫାଳୀ ଦାସ, ସିମ୍ରନ ଦାସ, ସୁଭଦ୍ରା ମଲ୍ଲିକ, ପ୍ରିୟଙ୍କା ଓଝା, ସଙ୍ଗୀତା ମହାପାତ୍ର, ହର ପ୍ରିୟା ମହାନ୍ତି, ଅଭିପସା ମହାପାତ୍ର, ଭାଗ୍ୟଶ୍ରୀ ମିଶ୍ର, କଲ୍ୟାଣୀ ବେହେରା, ସୁଜାତା ଘଡ଼େଇ ଓ ଗୁରୁଜୀ ତୋଫାନ ମଲ୍ଲିକ, ଶିକ୍ଷା କର୍ମଚାରୀ କବିତା ବେହେରା ଆରତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାରେ କଦଳୀ ଚାଷୀଙ୍କୁ ଉପେକ୍ଷା

# ୨ବର୍ଷ ଧରି ମିଳୁନି ଚାରା, ଚାଷୀ ହତାଶ

ଢେଙ୍କାନାଳ,୧୭ ।୧୨(ସମିସ)




ଢେଙ୍କାନାଳ ଜିଲ୍ଲାରେ କଦଳୀ ଚାଷୀଙ୍କୁ ଉପେକ୍ଷା କରାଯାଉଛି। କଦଳୀ ଚାଷ କରି ଭଲ ରୋଜଗାର କରିବାକୁ ଚାଷୀ ଆଶାବାଦୀ ଥିବାବେଳେ ଗତ ୨ବର୍ଷ ହେବ ସେମାନଙ୍କୁ ଚାରା ମିଳୁ ନ ଥିବା ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ୨୦୨୪ ପରଠାରୁ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ କଦଳୀ ଚାରା ଯୋଗାଇ ଦିଆଯାଉନାହିଁ। ଫଳରେ ଜିଲ୍ଲାର ହଜାର ହଜାର କଦଳୀ ଚାଷୀ ହତାଶ ହୋଇପଡ଼ିଛନ୍ତି। ଏପରିକି ଗତ ବର୍ଷରୁ ଯେଉଁ ଚାଷୀମାନେ ଉଦ୍ୟାନ ବିଭାଗ ପକ୍ଷରୁ କଦଳୀ ଚାରା ପାଇବା ଆଶାରେ ନିଜର ଜମିରେ କଦଳୀ ଚାରା ପୋତିବା ପାଇଁ ଗାତ ଖୋଳି ସେଥିରେ ଖତ ସାର ଦେଇ ରଖିଥିଲେ ତାହା ସମ୍ପୂର୍ଣ୍ଣ ମାଟିରେ ମିଶି ଧୋଇହୋଇ ଯାଇଥିବା ଦେଖିବାକୁ ମିଳିଛି। ରାଜ୍ୟରେ କଦଳୀ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଅନେକ ପ୍ରୋତ୍ସାହନ ଯୋଗାଇ ଦେବା ବ୍ୟବସ୍ଥା ଥିବାବେଳେ ତାହା ପ୍ରକୃତରେ ବିଭାଗୀୟ ଅଧିକାରୀ ପୂରଣ କରିବାରେ ବିଫଳ ହୋଇଛନ୍ତି। ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀମାନେ ସରକାରଙ୍କଠାରୁ ଲକ୍ଷାଧିକ ଟଙ୍କା ଦରମା ପାଉଥିବା ବେଳେ ଯେଉଁ କାର୍ଯ୍ୟ ପାଇଁ ସେମାନେ ନିଯୁକ୍ତି ପାଇଛନ୍ତି ତାହା ସମ୍ପାଦନ କରିବାକୁ ଚେଷ୍ଟା କରୁନାହାନ୍ତି। ଫଳରେ କଦଳୀ ଚାଷୀ ହତାଶ ହୋଇ ବସିଛନ୍ତି। ବାରମ୍ବାର ଅଧିକାରୀମାନଙ୍କୁ ଗୁହାରି କରୁଥିଲେ ସୁଦ୍ଧା ସରକାର ଏପର୍ଯ୍ୟନ୍ତ କଦଳୀ ଚାରା ଯୋଗାଇଦେଇ ନାହାନ୍ତି କହି ଚାଷୀଙ୍କୁ ହତୋତ୍ସାହ କରୁଛନ୍ତି। ଗତ ମାର୍ଚ୍ଚ, ଏପ୍ରିଲ ମାସରେ ଚାରା ପାଇଁ ଆବେଦନ କରିଥିବା ଚାଷୀ ବର୍ତ୍ତମାନ ସୁଦ୍ଧା ଚାରା ପାଇ ନ ଥିବା ଜଣାପଡ଼ିଛି। ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁଁ ଜିଲ୍ଲାରେ ଚାଷୀଙ୍କ ପାଇଁ ଆସୁଥିବା ସରକାରୀ ସୁବିଧା ସୁଯୋଗ ଠିକ ସମୟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ଆସିଛି। ରାଜ୍ୟ ସରକାର ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିବା ବେଳେ ଅଧିକାରୀମାନେ ଏହାର ଦୁରୁପଯୋଗ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଉଚିତ ସମୟରେ ଚାଷୀଙ୍କୁ ବିହନ ନ ଦେବା ଫଳରେ ଅଧିକାଂଶ ଚାଷୀ ପ୍ରତିବର୍ଷ ଆଳୁ ଏବଂ ଡାଲି ଜାତୀୟ ବିହନ ନେଇ ଘରେ ଖାଇବା ପାଇଁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

## ବ୍ଲକସ୍ତରୀୟ ଏଲ୍‌ଆର୍‌ଆଇ ଭୂ-ସମ୍ବଳ ସୂଚୀ ଯାତ୍ରା

କଙ୍କଡ଼ାହାଡ଼,୧୭ ।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଭେଜିଆ ଗ୍ରାମରେ ଜଳ ବିଭାଜିକା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଏଲଆରଆଇ ଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇ ଏଲଆରଆଇ ଯାତ୍ରା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ପ୍ରତି ଗ୍ରାମକୁ ଯାଇ ଲୋକଙ୍କୁ ଭୂସମ୍ପଦ ଉପରେ ସଚେତନ କରିବ। ପରେ ଜଳ ବିଭାଜିକା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପ୍ରଧାନ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ହେଲେ ଦେଶ ଓ ରାଜ୍ୟ ବିକଶିତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରିୱାର୍ଡ ପକ୍ଷରୁ ଭୂମି ପ୍ରକାର, ଭୂମିର ବ୍ୟବହାର, ମୃତ୍ତିକା ପରୀକ୍ଷା କାର୍ଡ, ମୃତ୍ତିକାର ବିଭିନ୍ନ ଭୌତିକ ଓ ରାସାୟନିକ ଗୁଣ ପରୀକ୍ଷା କରାଯାଇ କେଉଁ ମାଟିରେ କେଉଁ ଫସଲ ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ସାଟେଲାଇଟ ମାଧ୍ୟମରେ ରିୱାର୍ଡ ଅଞ୍ଚଳରେ ଜମିର ଏଲଆରଆଇ କାର୍ଡ ପ୍ରସ୍ତୁତ କରାଯାଇଛି। ଏହା ଏକପ୍ରକାର ମୃତ୍ତିକାର ସ୍ୱାସ୍ଥ୍ୟକାର୍ଡ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ଜିଲ୍ଲାପରିଷଦ ସଦସ୍ୟ ନବକିଶୋର ସାହୁ, ପଡ଼ାତୀରା ସରପଞ୍ଚ କରୁଣାକର ସାହୁ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ଘାଗରାମୁଣ୍ଡା ସମିତି ସଭ୍ୟା ପଦ୍ମିନୀ ବେହେରା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନା ନାୟକ, ମହାବିରୋଡ ମଣ୍ଡଳ ସଭାପତି ଜିତେନ୍ଦ୍ର କର, ଜଳ ବିଭାଜିକା ଓଭରସିୟର ଦୁଃଶାସନ ନାୟକ, ମଳୟକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଚଳର ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

● ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ

## ଆଇଜିଆଇଟି ଛାତ୍ରଙ୍କ କୃତିତ୍ୱ

ପରଜଙ୍ଗ,୧୭ ।୧୨(ସମିସ): ଢେଙ୍କାନାଳ ସଂସ୍କୃତି ବିଭାଗ କାର୍ଯ୍ୟାଳୟରେ ଅବସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର୍‌ରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଛି। ବିଭିନ୍ନ ବ୍ଲକରୁ ବଛା ବଛା ଯୁବ ପ୍ରତିଭା ଏଥିରେ ବିଭିନ୍ନ ବିଭାଗରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ହିମାଂଶୁ ଶେଖର ଦାଶ ଏବଂ ସ୍ୱାଗତିକା ନାୟକ ମଧ୍ୟ ଦଳ ସହ ଯାଇଥିଲେ। ଛାତ୍ରମାନଙ୍କ ମଧ୍ୟରୁ କମ୍ପ୍ୟୁଟର ବିଜ୍ଞାନର ୫ ଏମସିଏ ଛାତ୍ରଛାତ୍ରୀ




ଅଂଶଗ୍ରହଣ କରିଥିଲେ। ପରଜଙ୍ଗ ବ୍ଲକରେ ଥିବା ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନର ୧୩ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରଫେସର ଡ. ଶ୍ରୀନିବାସ ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ବିଜ୍ଞାନ ମେଳା ଏବଂ କାହାଣୀ ଲେଖା ଭଳି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ଏକ ଗୋଷ୍ଠୀ ୧ ହଜାର ୫ ଶହ ଟଙ୍କା ସହ ତୃତୀୟ ପୁରସ୍କାର ପାଇଥିଲେ। ଏହା ସହ ବୈଦ୍ୟୁତିକ ଇଞ୍ଜିନିୟରିଂର ଜଣେ ଛାତ୍ରୀ ଗଳ୍ପ ଲେଖାରେ ପ୍ରଥମ ପୁରସ୍କାର ସ୍ୱରୂପ ୩୦୦୦ ଟଙ୍କା ପାଇଛନ୍ତି।

## କିଶୋରୀ ବାଳିକା ସଚେତନତା କାର୍ଯ୍ୟକ୍ରମ




ହିନ୍ଦୋଳ,୧୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରିଜିଓନାଲ କଲେଜରେ ଆସ୍ପାୟର୍ କ୍ୱେଷ୍ଟ ପ୍ରୋଜେକ୍ଟ ଦ୍ୱାରା କଲେଜସ୍ତରୀୟ କିଶୋରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନାଚାର୍ଯ୍ୟ ପ୍ରଫେସର ରଞ୍ଜିତ କୁମାର ଅମାନ୍ତ ଓ ଅଧ୍ୟାପିକା ଶୁଭଲକ୍ଷ୍ମୀ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତିଥିମାନେ କିଶୋରୀମାନଙ୍କୁ ସଚେତନ, ସଶକ୍ତ ଓ ଦାୟିତ୍ୱବାନ ନାଗରିକ ହେବା ପାଇଁ ପ୍ରେରଣା ଦେଇଥିଲେ। କିଶୋରାବସ୍ଥାର ଅର୍ଥ ଓ ପରିବର୍ତ୍ତନ, ବାଲ୍ୟବିବାହ ନିରୋଧ ଆଇନ, କନ୍ୟା ଶିଶୁର ଅଧିକାର, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଏବଂ ସାଇବର ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଆଇସିଡିଏସ କୋଅର୍ଡିନେଟର ପ୍ରଣୟ କୁମାର ସାହୁ ବାଲ୍ୟବିବାହର କୁପରିଣାମ, ଅନଲାଇନ ସୁରକ୍ଷା, ବାଳିକା ସ୍ୱାସ୍ଥ୍ୟ ଆଦି ବିଷୟକୁ ବିଭିନ୍ନ କ୍ରିୟାକଳାପ ତଥା ଭିଡିଓ ସୋ' ମାଧ୍ୟମରେ ଅବଗତ କରିଥିଲେ। ବ୍ଲକ କୋଅର୍ଡିନେଟର ଦୀପ୍ତେଶ୍ୱର ପେରାଇ ଓ ଶିକ୍ଷା ସଂଯୋଜକ ଅରୁଣ ସାର୍ ଶିଶୁ ବିବାହ ନିବାରଣ ଆଇନ ସମ୍ପର୍କରେ ସୂଚନା ଦେଇ ସାମାଜିକ ଦାୟିତ୍ୱ ଉପରେ ଜୋର ଦେଇଥିଲେ। ଶେଷରେ ସମସ୍ତ କିଶୋରୀ ବାଲ୍ୟବିବାହମୁକ୍ତ ସମାଜ ଗଢ଼ିବା ପାଇଁ ଶପଥ ନେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଗଁଦିଆ,୧୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପୋରୁହଖୋଜ ପଞ୍ଚାୟତ ବଣିଆପଡ଼ା ଗ୍ରାମର ବରିଷ୍ଠ ନାଗରିକ ଅକ୍ଷୟ କୁମାର ରାଉତ (୯୧)ଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ଉପଦେଷ୍ଟା ଶିକ୍ଷାବିତ୍ ଦଣ୍ଡଧର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ଭୂତିଆ ଓ କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ ଯୋଗଦେଇଥିଲେ। ମଞ୍ଚର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ସଭାପତି ବିଜୟ କୁମାର ସାମନ୍ତଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ, ଉପସଭାପତି ମଣ୍ଡଳୀ ତଥା ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ରହି ରାଉତଙ୍କ ଦୀର୍ଘ ଜୀବନ କାମନା କରିଛନ୍ତି।

## ସହରବାସୀଙ୍କୁ ନାକେଦମ କଲେଣି ମଶା

ଭୁବନ,୧୭ ।୧୨(ସମିସ): ଚାରିଆଡ଼େ ମଶା ଭଣଭଣ। କି ଦିନ କି ରାତି, ଲୋକ ତ୍ରାହିତ୍ରାହି ଡାକିଲେଣି। ସହରରେ ଲୋକଙ୍କୁ ଅସହ୍ୟ ହେଲାଣି ମଶାଙ୍କ ଉପଦ୍ରବ। ଡ୍ରେନରେ ନିୟମିତ ମଶାତେଲ ପକାଯାଉନାହିଁ। ଯାହା ବି ତେଲ ପଡୁଛି ତାହା କାମ ଦେଉନାହିଁ। ମଶାଧୂଆଁ ଠିକରେ ଛଡ଼ାଯାଉ ନାହିଁ କି ବୁସ୍ କଟିଂ ହେଉନି। କୁମ୍ଭକର୍ଣ୍ଣ ନିଦ୍ରାରେ ଭୁବନ ଏନଏସି ଶୋଇଥିବା ଅଭିଯୋଗ ହୋଇଛି। ଡ୍ରେନ ଏବଂ ବାହାର ଅଞ୍ଚଳ ସହ ଘର ଭିତରେ ବି ମଶା ଧୂଆଁ ଏକ ସ୍ୱତନ୍ତ୍ର ରସାୟନ ସିଞ୍ଚନ କରାଗଲେ ମଶାଙ୍କ ନିପାତ ହେବେ। ଏଥିରେ ଘରର ଭିତର କାନ୍ଥ ଏବଂ ଛାତରେ ରସାୟନ ସିଞ୍ଚନ କରାଯାଏ। ଥରେ ପ୍ରୟୋଗ କରିବା ପରେ ଏହାର ପ୍ରଭାବ ୨ରୁ ୩ ମାସ ପର୍ଯ୍ୟନ୍ତ ରହିବ। ଉକ୍ତ କେମିକାଲ ଗନ୍ଧରେ ଘର ଭିତରକୁ ମଶା ପଶିବେ ନାହିଁ। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଶିଶୁ ଅଧିକାର ଓ ବାଲ୍ୟବିବାହ ସଚେତନତା




କଙ୍କଡ଼ାହାଡ଼,୧୭ ।୧୨(ସମିସ): ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲ୍ଲଂଘନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ପଳାଶଟାଙ୍ଗୀ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରକଳ୍ପ ଆକ୍ସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ ତରଫରୁ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର ୩୦ ଜଣ ମହିଳା ତଥା କିଶୋରୀ ବାଳିକା ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଆଭାର ରାକେଶ ମିଶ୍ର ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନିଷା ସ୍ୱାଇଁ ଓ ପ୍ରକଳ୍ପ ସହଯୋଗୀ ପୂର୍ଣ୍ଣିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁରସ୍ଥିତ ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସର୍ବପୁରାତନ ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଡିସେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗଦେବାକୁ ସମସ୍ତ ଶିକ୍ଷାବିତ, ବୁଦ୍ଧିଜୀବୀ ଓ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଇଛି। ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ଉପସ୍ଥିତିକୁ ସ୍ୱାଗତ କରାଯାଉଥିବା ପୁରାତନ ଛାତ୍ର ସଂସଦ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଅଟଳ ବିହାରୀ ଦାଶ ସୂଚନା ଦେଇଛନ୍ତି।

## ଲାଞ୍ଚ ମାମଲା; ପୂର୍ବତନ ପିଇଓଙ୍କୁ ୩ ବର୍ଷ ଜେଲ୍

ଢେଙ୍କାନାଳ,୧୭ ।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ ବାରଦା ପଞ୍ଚାୟତ ତଥା ହିନ୍ଦୋଳ ବ୍ଲକ ଅସରଡ଼ା ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ବିଜୁ ପକ୍କା ଘରପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ଢେଙ୍କାନାଳ ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବତନ ପିଇଓ ତ୍ରିନାଥ ସେଠୀ ଜଣେ ହିତାଧିକାରୀଙ୍କଠାରୁ ବିଜୁ ପକ୍କା ଘର ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ମାମଲାରେ ଭିଜିଲାନ୍ସ ଏକ ମାମଲା ରୁଜୁ ପିଇଓଙ୍କୁ ଗିରଫ କରିଥିଲା। ଏହି ମାମଲା ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ଥିଲା। ମାମଲାର ବିଚାର କରି ଭିଜିଲାନ୍ସ କୋର୍ଟ ତ୍ରିନାଥଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଭିଜିଲାନ୍ସ ବିଭାଗ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ସୁପାରିସ କରିଥିବା ଜଣାପଡ଼ିଛି।

## ସର୍କଲସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କଙ୍କଡ଼ାହାଡ଼,୧୭ ।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ସର୍କଲସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଧୋବଲିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ସର୍କଲ ସଭାପତି ବାବାଜୀ ଚରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁଣ୍ଡିଚା ସ୍ୱାଇଁ ମୁଖ୍ୟଅତିଥି, ଅନନ୍ତ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍କଲ ସମ୍ପାଦକ ସୁବାସ ଚନ୍ଦ୍ର ସିଂହ, ସିଆରସିସି ପଦ୍ମନାଭ ସାହୁ, ଦୁଷ୍ମନ୍ତ କୁମାର ଦେହୁରୀ, ସନ୍ତୋଷ ବେହେରା, ରାଜେଶ ପୃଷ୍ଟି, ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ମିଲ୍ଲି ସିଂହ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ ପଦ୍ମଚରଣ ମୁଦୁଲି, ଚରଣ ସାହୁ, ଭୋଳେଶ୍ୱର ସେଠ ଏବଂ ସଲିଳା କୁମାରୀ ସାହୁଙ୍କୁ ଉତ୍ତରୀୟ, ମାନପତ୍ର, ଶ୍ରୀମଦ ଭଗବତ ଗୀତା ସହ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଦୁଷ୍ମନ୍ତ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଭଲିବଲ ଚାମ୍ପିଅନସିପରେ ଟାଟା ଷ୍ଟିଲର ୩ ଖେଳାଳି



ଢେଙ୍କାନାଳ,୧୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ମେରାମଣ୍ଡଳୀସ୍ଥିତ ଟାଟା ଷ୍ଟିଲ କାରଖାନାର ତିନି ଜଣ ଖେଳାଳି ଜୁନିୟର ଜାତୀୟ ଭଲିବଲ ଚାମ୍ପିଅନସିପରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଡିସେମ୍ବର ୧୬ରୁ ୨୧ ତାରିଖ ଯାଏ ରାଜସ୍ଥାନରେ ହେବାକୁ ଥିବା ଏହି ଚାମ୍ପିଅନସିପରେ ଶାନ୍ତନୁ ବେହେରା, କାହ୍ନା ବେହେରା ଓ ସୌମ୍ୟରଞ୍ଜନ ସାମଲ ଓଡ଼ିଶା ଟିମ୍ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମେରାମଣ୍ଡଳୀରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଏହି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହାଛଡ଼ା ଡସେସମ୍ବର ୧୧ରୁ ୧୪ ତାରିଖ ଯାଏଁ ଭୁବନେଶ୍ୱର କିଟ୍ ଏବଂ କିସ୍ କ୍ୟାମ୍ପସରେ ଅନ୍ତର୍ଜାତୀୟ ଭଲିବଲ ଫେଡେରେସନ ପକ୍ଷରୁ ଆୟୋଜିତ ଏଫ୍‌ଆଇବିବି ଭଲିବଲ ଫେଷ୍ଟିଭାଲ ସପ୍ତାହରେ ଟିଏସଏଫ୍ ସ୍ପୋର୍ଟସ ୟୁନିଟକୁ ସାମିଲ କରିବାକୁ ଓଡ଼ିଶା ଭଲିବଲ ଆସୋସିଏସନ ଚୟନ କରିଥିଲା। ଟିଏସଏଫ୍ ପକ୍ଷରୁ ତୃଣମୂଳ ସ୍ତରର ୪ଜଣ କୋଚ୍, ୫ ଜଣ ସିନିୟର ଖେଳାଳି ଏବଂ ୨୭ଜଣ ବାଳିକା ଏହି ୪ ଦିନିଆ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ସହ ସେମିନାର ଏବଂ ଅଭିଜ୍ଞ କୋଚ୍ ଓ ଅଲିମ୍ପିକ ମେଡାଲ ବିଜେତାଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ୮ ଓ ୯ରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଢେଙ୍କାନାଳ,୧୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଆସନ୍ତା ଜାନୁଆରୀ ୮ ଓ ୯ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମେଳା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହ ଅନ୍ୟ ବିଭାଗ ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇ ଚାଷୀ ଓ ଜନସାଧାରଣଙ୍କୁ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯିବ। ମେଳାରେ ସମସ୍ତ ବ୍ଲକର ମୋଟ ୧୪ଶହ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଯୋଗଦେବେ। ଜିଲ୍ଲାର ୮ ଜଣ ଅଗ୍ରଣୀ ଚାଷୀଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ ବୋଲି ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ପ୍ରଭାସ କୁମାର ବେହେରା ସୂଚନା ଦେଇଛନ୍ତି।

## ହିନ୍ଦୋଳ ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗରେ ଅନିୟମିତତା

# ଦୁଇ ଏସ୍‌ଏଚ୍‌ଜିଙ୍କୁ ୧୬ ବର୍ଷ ହେଲା ଛତୁଆ ବଣ୍ଟନ ଦାୟିତ୍ୱ

ହିନ୍ଦୋଳ,୧୭ ।୧୨(ସମିସ)



● ଶିଶୁ ଓ ପ୍ରସୂତିଙ୍କୁ ଦିଆଯାଉଛି ନିମ୍ନମାନର ଛତୁଆ
● ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ରାଜ୍ୟରେ ସରକାର ବଦଳିଛି। ନୂତନ ସରକାର ଦାୟିତ୍ୱ ନେବା ପରେ ଦୁର୍ନୀତିକୁ କୌଣସି ପ୍ରକାରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଘୋଷଣା ମଧ୍ୟ କରାଯାଇଛି। ହେଲେ ଢେଙ୍କାନାଳ ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ସମନ୍ୱିତ ଶିଶୁବିକାଶ ବିଭାଗରେ। ଏହି ବିଭାଗରେ ବ୍ୟାପକ ଅନିୟମିତତା ହେଉଥିବା ଗତ ୩ ମାସ ପୂର୍ବରୁ ଅନୁଷ୍ଠିତ ଜିଲ୍ଲାପରିଷଦ ବୈଠକ ଓ ହିନ୍ଦୋଳ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ଉଠିଥିଲା। ଏହାର ସ୍ୱତନ୍ତ୍ର ତଦନ୍ତ କରିବା ସହ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯିବ ବୋଲି ରିଜୋଲ୍ୟୁସନ ମଧ୍ୟ ହୋଇଥିଲା। ହେଲେ ଏବେ ମଧ୍ୟ ୧୬ ବର୍ଷ ଧରି ଛତୁଆ ଯୋଗାଣ କରୁଥିବା ସେହି ଦୁଇ ଗୋଷ୍ଠୀଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇନାହିଁ। ଏ ନେଇ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଉଠିଛି ପ୍ରଶ୍ନବାଚୀ।

କିଶୋରୀ, ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମନ୍ୱିତ ଶିଶୁବିକାଶ ବିଭାଗ କାର୍ଯ୍ୟ କରୁଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁଁ ବିଭାଗର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ନ ପାରି ବାଟବଣା ହେଉଛି। ନିମ୍ନମାନର ଛତୁଆ ଯୋଗାଣ କରୁଥିବା ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଧିକାରୀମାନେ ନିଦାବିଷ୍ଣୁ ସାଜିଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ଦୂର କଥା ଲୋକପ୍ରତିନିଧି ଓ ଉପଖଣ୍ଡର ଜନସାଧାରଣଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ପରେ ମଧ୍ୟ ଓଲଟି ପୁରସ୍କାର ସ୍ୱରୂପ ପ୍ରତିବର୍ଷ ପୁଣି ସେହି ଗୋଷ୍ଠୀଙ୍କୁ ଛତୁଆ ଯୋଗାଣ ଦାୟିତ୍ୱ ଦିଆଯାଉଛି। ଏଭଳି ୧୬ ବର୍ଷ ହେଲା ଦୁଇ ଏସ୍‌ଏଚ୍‌ଜି ହାତରେ ରହିଛି ହିନ୍ଦୋଳ ଉପଖଣ୍ଡ ଅଞ୍ଚଳର ଛତୁଆ ଯୋଗାଣ ଦାୟିତ୍ୱ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ହିନ୍ଦୋଳ ଉପଖଣ୍ଡର ୩୫ ପଞ୍ଚାୟତ ଓ ଗୋଟିଏ ଏନଏସି ଅଞ୍ଚଳରେ ମୋଟ ୪୨୩ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏହାକୁ ୧୬ଟି ସେକ୍ଟରରେ ବିଭକ୍ତ କରି ଅଣ୍ଡା, ଛତୁଆ ଆଦି ବିଭିନ୍ନ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି। ଏସ୍‌ଏଚ୍‌ଜିଙ୍କୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ତେବେ ବଣ୍ଟନ କରାଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ବୋଲି ବାରମ୍ବାର ଅଭିଯୋଗ ହେଉଛି। ଛତୁଆକୁ ଖାଇବା ପରିବର୍ତ୍ତେ ହିତାଧିକାରୀମାନେ ଗୋରୁକୁଣ୍ଡରେ ଢାଳୁଛନ୍ତି। ଶିଶୁ ଓ ଗର୍ଭବତୀଙ୍କ ନିମନ୍ତେ ଛତୁଆ ପ୍ରସ୍ତୁତି ସମ୍ପର୍କରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ବେଳେ ତାହାକୁ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଛତୁଆ ପ୍ରସ୍ତୁତି। ଛତୁଆ ସାମଗ୍ରୀ ମିଶ୍ରଣ ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାର କଡ଼ାକଡ଼ି ଯାଞ୍ଚ କରିବା ନିୟମ ରହିଛି। ମାତ୍ର ଅଧିକାରୀ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଦୂର କଥା କୌଣସି ଗୋଟିଏ ଦିନ ଛତୁଆ ପ୍ରସ୍ତୁତି ସ୍ଥାନରେ ପାଦ ପାକାଉ ନ ଥିବା ଅଭିଯୋଗ ହେଉଛି। କେବଳ କାଗଜକଲମରେ ଛତୁଆ ଯାଞ୍ଚ କାର୍ଯ୍ୟ ଚାଲିଛି। ଯୋଗାଣ ହେଉଥିବା ଛତୁଆ ପ୍ୟାକେଟର ମାନ ଯାଞ୍ଚ କରିବା ନିୟମ ରହିଥିବାରୁ ନମୁନା ଯାଞ୍ଚ ପାଇଁ ସ୍ୱତନ୍ତ୍ର ପ୍ୟାକେଟ କରାଯାଉଥିବା ବେଳେ ଯୋଗାଣ ପାଇଁ ଅଲଗା ପ୍ୟାକେଟ ପ୍ରସ୍ତୁତ କରାଯାଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଲଗାତର ୧୬ ବର୍ଷ ହେଲା ନିର୍ଦ୍ଦିଷ୍ଟ ଦୁଇ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯିବା ପଛରେ ଅର୍ଥ କାରବାର ହେଉଥିବା ଅଭିଯୋଗ ହେଉଛି। ଏକାଧିକ ଗୋଷ୍ଠୀ ଏହି ଦାୟିତ୍ୱ ନେବାପାଇଁ ଇଚ୍ଛୁକ ଥିବା ବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଶିଶୁ କିଶୋରୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପରିବର୍ତ୍ତେ ଅଖାଦ୍ୟ ଦିଆଯାଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଗୋଟିଏ ଗ୍ରାମରେ ପୋକ ସାଲୁବାଲୁ ବାଦାମ ଲଡ୍ଡୁ ଦିଆଯାଇଥିଲା। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରିଣୀଙ୍କୁ ଅଭିଯୋଗ ଚରିଥିଲେ। ହେଲେ ଏହାର ତଦନ୍ତ କରାଯିବା ପରିବର୍ତ୍ତେ ଚପାଇ ଦିଆଯାଇଥିଲା। ଏ ସମ୍ପର୍କରେ ସିଡିପିଓ ବିଦ୍ୟୁତପ୍ରଭା ବେହେରାଙ୍କୁ ପଚାରିବାରୁ ସେ ଗଣମାଧ୍ୟମ ଆଗରେ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ ବୋଲି କହିଛନ୍ତି।






# ବନ୍ୟଜନ୍ତୁଙ୍କ ଉତ୍ପାତ; ଚାଷ-ବାସ ଛାଡ଼ିଲେ କୃଷକ



ପିଥୋରାଗଡ଼, ୧୭ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରର ଦେବଭୂମୀ ଉତ୍ତରାଖଣ୍ଡର ଶାନ୍ତ ଓ ସୁନ୍ଦର ପାହାଡ଼ିଆ ଅଞ୍ଚଳରୁ ଏକ ଭିନ୍ନ ଖବର ସାମ୍ନାକୁ ଆସିଛି । ପାର୍ବତ୍ୟ ଉପତ୍ୟକାରେ ଥିବା ଗାଁ ଗୁଡ଼ିକରେ ଏବେ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ମଣିଷ ହିଁ ଅଧିକ କ୍ଷତିଗ୍ରସ୍ତ ହେଉଛି । ଏକଦା ସବୁଜ କ୍ଷେତ୍ରରେ ପରିପୂର୍ଣ୍ଣ ଏହି ଅଞ୍ଚଳଗୁଡିକ ଏବେ ଜନଶୂନ୍ୟ ହେବାକୁ ବସିଲାଣି । ମାଙ୍କଡ଼ ଓ ବାରହାଙ୍କ ଆତଙ୍କ କାରଣରୁ କୃଷକମାନେ ଚାଷ-ବାସ ଛାଡିବାକୁ ବାଧ ହେଉଛନ୍ତି । କିଷାନ ସମ୍ମାନ ନିଧି (କୃଷକ ସମ୍ମାନ ପାଣ୍ଠି), କ୍ରେଡିଟ କାର୍ଡ ଓ ଫସଲ ବୀମା ଭଳି ସରକାରୀ ଯୋଜନା ସତ୍ତ୍ୱେ, ଚାଷର ପରିସର ସଙ୍କୁଚିତ ହୋଇଚାଲିଛି । ପାହାଡ଼ ଜଙ୍ଗଲରୁ ସୃଷ୍ଟି ହେଉଥିବା ବନ୍ୟଜନ୍ତୁଙ୍କ ବିପଦ କୃଷକମାନଙ୍କୁ ସେମାନଙ୍କ ପୈତୃକ ଜମି ଛାଡି ସହରକୁ ଚାଲିଯିବାକୁ ବାଧ କରୁଛି । ପିଥୋରାଗଡ଼ ଜିଲ୍ଲା ଏହି କାରଣରୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଏହି ଜିଲ୍ଲାର ସ୍ଥିତି ଏତେ ଭୟଙ୍କର ହୋଇଛି ଯେ, ୧୬, ୪୭୬ ହେକ୍ଟର ଭୂମି ପଡ଼ିଆ ହୋଇ ପଡ଼ିଛି । ଯେଉଁଠାରେ ଫସଲ ହେଉଥିଲା ଏବେ ସେଠାରେ ଘାସ ଓ ବଣବୁଦା ଦେଖିବାକୁ ମିଳୁଛି । କୃଷି ବିଭାଗର ତଥ୍ୟ ଅନୁଯାୟୀ, ଏହି ଜିଲ୍ଲାରେ ୭୩, ୭୪୪ କୃଷକ ଅଛନ୍ତି । ଉପତ୍ୟକା ଅଞ୍ଚଳରେ ଚାଷ ଓ ଉଦ୍ୟାନ କୃଷି ଉପରେ ଲୋକେ ନିର୍ଭର କରନ୍ତି । କିନ୍ତୁ ଏବେ ସ୍ଥାନାନ୍ତର କାରଣରୁ କ୍ଷେତଗୁଡିକ ପଡ଼ିଆ ହୋଇ ପଡ଼ିଛି । ମିଳିଥିବା ରିପୋର୍ଟ ଅନୁଯାୟୀ, ଗତ ଏକ ଦଶନ୍ଧି ମଧ୍ୟରେ ଖରିଫ୍ ଓ ରବି ଫସଲ ହେଉଥିବା ଚାଷ ଜମିର ମୋଟ କ୍ଷେତ୍ରଫଳ ୧୬, ୪୭୬ ହେକ୍ଟର ହ୍ରାସ ପାଇଛି । ୨୦୧୫-୧୬ରେ ଜିଲ୍ଲାରେ ୪୩,୭୬୬ ହେକ୍ଟର ଜମିରେ ଖରିପ ଫସଲ ଚାଷ ହୋଇଥାଏ । କିନ୍ତୁ ଗତ ଗୋଟିଏ ଦଶକରେ ଏହା କମିବା ସହ ୩୪, ୧୭୯ ହେକ୍ଟରରେ ପହଞ୍ଚିଛି । ୪.୬ ପ୍ରତିଶତ ଲୋକ ବନ୍ୟଜନ୍ତୁଙ୍କ କାରଣରୁ ଚାଷ ଜମି ଛାଡିଛନ୍ତି । ଦିନରେ ମାଙ୍କଡ଼ ଓ ରାତିରେ ବାରହା ଫସଲ କ୍ଷତି ପହଞ୍ଚାଉଛନ୍ତି ବୋଲି କୁହାଯାଇଛି ।

# ଆଉ ୭ ଦେଶ ଉପରେ କଟକଣା ଲଗାଇଲେ ଟ୍ରମ୍ପ

## ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଦାନ, ସିରିଆ, ପାଲେଷ୍ଟାଇନ୍ ନାଗରିକଙ୍କୁ ଆମେରିକା ମନା



- ୧୫ ଦେଶ ଉପରେ ଲାଗୁ ହେଲା ଆଂଶିକ କଟକଣା
- ଏପର୍ଯ୍ୟନ୍ତ ମୋଟ୍ ୩୯ ଟି ଦେଶ ତାଲିକାଭୁକ୍ତ
- କ୍ରୀଡ଼ାବିତ, କୂଟନୀତିଜ୍ଞଙ୍କୁ ନିୟମରୁ ଆଶ୍ୱସ୍ତି

ୱାସିଂଟନ, ୧୭ ।୧୨(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯାତ୍ରା କଟକଣା ନେଇ ଆହୁରି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ସେ ଆଉ ୭ଟି ଦେଶ ଉପରେ ସମ୍ପୂର୍ଣ୍ଣ ଯାତ୍ରା କଟକଣା ଲାଗୁ କରିଛନ୍ତି । ଅର୍ଥାତ ଆଉ ୭ଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶକୁ ସେ ସମ୍ପୂର୍ଣ୍ଣ ନିଷିଦ୍ଧ କରି ଦେଇଛନ୍ତି । ଗତମାସରେ ହ୍ୱାଇଟ୍ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଜଣେ ଆଫଗାନ ଶରଣାର୍ଥୀ ଗୁଳିମାଡ଼ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି । କେବଳ ସେତିକି ନୁହେଁ, ଅନ୍ୟ ୧୫ଟି ଦେଶ ଉପରେ ଟ୍ରମ୍ପ ଆଂଶିକ ନିଷିଦ୍ଧାଦେଶ ଜାରି କରିଛନ୍ତି । ଅର୍ଥାତ ଏହି ସବୁ ଦେଶର ନାଗରିକ ଆମେରିକାରେ ସ୍ଥାୟୀ ଭାବେ ବସବାସ କରିପାରିବେ ନାହିଁ ବୋଲି କୁହାଯାଇଛି । ଟ୍ରମ୍ପ ମଙ୍ଗଳବାର ଏନେଇ ଘୋଷଣା ପତ୍ର ଉପରେ ଦସ୍ତଖତ କରିଥିଲେ । ଏଥିସହ ଆମେରିକା ଆସିବା ନେଇ ପୂର୍ଣ୍ଣ ଓ ଆଂଶିକ ଯାତ୍ରା କଟକଣା ଲାଗୁ ହୋଇଥିବା ଦେଶ ସଂଖ୍ୟା ୩୯ ରେ ପହଞ୍ଚିଛି । ପୂର୍ବରୁ ୧୯ ଟି ଦେଶ ଉପରେ ଯାତ୍ରା କଟକଣା ଥିଲା । ଏଗୁଡ଼ିକ ମଧ୍ୟରୁ ଦୁଇଟି ଦେଶ ସିଏରା ଲେଓନ ଓ ଲାଓସ ଉପରେ ଏବେ ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ ହୋଇଛି । ଏଥିସହ ପୂର୍ଣ୍ଣ ପ୍ରତିବନ୍ଧ ଲାଗୁ ହୋଇଥିବା ଦେଶ ସଂଖ୍ୟା ୭ରେ ପହଞ୍ଚିଛି । ରାଷ୍ଟ୍ରୀୟ ସୁରକ୍ଷା, ସାର୍ବଜନୀନ ସୁରକ୍ଷା, ଦୁର୍ବଳ ଯାଞ୍ଚ ପ୍ରଣାଳୀ ଓ ଭିସା ଓଭର ଷ୍ଟେ (ଭିସା ଅବଧି ଶେଷ ହେବା ପରେ ମଧ୍ୟ ରହିବା)କୁ ଦୃଷ୍ଟିରେ ରଖି ଏହି ପ୍ରଦକ୍ଷେପ ନିଆଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି । ଜାନୁଆରୀ ପହିଲାରୁ ଏହି କଟକଣାର ନୂଆ ନିୟମ ଲାଗୁ ହେବ । ତେବେ ଏଥିରୁ ସ୍ଥାୟୀ ନିବାସୀ, କ୍ରୀଡ଼ାବିତ ଓ କୂଟନିତୀଙ୍କୁ ଛାଡ଼ କରାଯାଇଛି । ହ୍ୱାଇଟ ହାଉସ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ନୂଆ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଦାନ, ସିରିଆ ଓ ପାଲେଷ୍ଟାଇନ୍ ଭଳି ଦେଶଗୁଡିକ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି । ଏକମାତ୍ର ଦେଶ ଭାବେ ତୁର୍କିମେନିସ୍ତାନ ଉପରୁ ଅଣ-ପ୍ରବାସୀ ଭିସା ପ୍ରତିବନ୍ଧକ ହଟାଇ ଦିଆଯାଇଛି, କିନ୍ତୁ ପ୍ରବାସୀ ଭିସା ଉପରେ କଟକଣା ପୂର୍ବଭଳି ଜାରି ରହିଛି । ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ପ୍ରବାସନ ନୀତିଗୁଡିକ କାରଣରୁ ହିଁ ଆମେରିକୀୟଙ୍କ ଜୀବନ ଏବେ ନଷ୍ଟ ହୋଇଛି ।

ଉଲ୍ଲେଖଥାଉ କି, ଆମେରିକା ଭିସା ନୀତି ଅନୁସାରେ ପୂର୍ଣ୍ଣ ପ୍ରତିବନ୍ଧକ ଅର୍ଥ ହେଉଛି, ଦେଶଗୁଡିକର ଅଧିକାଂଶ ନାଗରିକଙ୍କୁ ଆମେରିକାରେ ପ୍ରବେଶ କରିବାକୁ ପୂରା ନିଷିଦ୍ଧ କରାଯାଇଥାଏ । ସେହିପରି ଆଂଶିକ ପ୍ରତିବନ୍ଧର ଅର୍ଥ ହେଉଛି ଦେଶଗୁଡ଼ିକର ନାଗରିକଙ୍କ ଉପରେ କିଛି ସ୍ୱତନ୍ତ୍ର ଭିସା ଓ ପ୍ରବେଶକୁ ନିଷିଦ୍ଧ କରାଯାଇଥାଏ । କିନ୍ତୁ ଅନ୍ୟ ଭିସା ଗୁଡିକ ଉପରେ ନୁହେଁ । ଉଦାହରଣ ସ୍ୱରୂପ ପ୍ରବାସୀ ଭିସା ଉପଲବ୍ଧ ହେବ ନାହିଁ । କିନ୍ତୁ ପର୍ଯ୍ୟଟନ ଭିସା ମିଳିପାରିବ । ଛାତ୍ରଛାତ୍ରୀଙ୍କୁ ଅନୁମତି ପ୍ରଦାନ କରାଯିବ । ମାତ୍ର କାର୍ଯ୍ୟ ଭିସାରେ କଟକଣା ରହିବ ।

# ଖୋଲିବ ଏପଷ୍ଟିନ୍ ଫାଇଲ୍ସ



- ସାରା ବିଶ୍ୱର ନେତା-ବ୍ୟବସାୟୀ ଭୟଭୀତ
- ଭାରତୀୟଙ୍କୁ ନେଇ ଅନିଶ୍ଚିତତା

ୱାସିଂଟନ, ୧୭।୧୨ (ଏଜେନ୍ସି): ଦୁର୍ଦ୍ଧାନ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସମ୍ବନ୍ଧିତ ବହୁ ବର୍ଷ ତଳର ପୁରୁଣା ଫାଇଲକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦିନକ ପରେ ଶୁକ୍ରବାର ଖୋଲିବାକୁ ଯାଉଛି । ଏହି ଫାଇଲରେ ଟ୍ରମ୍ପଙ୍କ ମଧ୍ୟ ନାମ ରହିଛି । କିଛି ଦିନ ତଳେ ରାଷ୍ଟ୍ରପତିଙ୍କ ସହ କିଛି ଯୁବତୀଙ୍କ ଫଟୋ ଭାଇରାଲ ହୋଇଥିଲା । ମାତ୍ର ଏବେ ସମ୍ପୂର୍ଣ୍ଣ ଫାଇଲ ଖୋଲିବାକୁ ଯାଉଥିବାରୁ ସାରା ବିଶ୍ୱର ନେତା ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି । ଭଦ୍ର ମୁଖା ତଳେ ଥିବା ଭୟାନକ ରୂପ ଦୁନିଆ ସାମ୍ନାକୁ ନ ଆସୁ ବୋଲି ସମସ୍ତେ ଚାହୁଁଛନ୍ତି । ସେଥିପାଇଁ ବଡ଼ ବଡ଼ ଲୋକଙ୍କ ମନରେ ଛନକା ପଶିଯାଇଛି ।

ଏପଷ୍ଟିନଙ୍କ ସମ୍ବନ୍ଧିତ ସମସ୍ତ ଇମେଲ, ଫଟୋ ଏବଂ ପ୍ରମାଣପତ୍ରକୁ ଟ୍ରମ୍ପ ପ୍ରଶାସନ ସାର୍ବଜନୀନ କରିପାରେ । ଏପଷ୍ଟିନର ସମ୍ପୂର୍ଣ୍ଣ ନେଟୱର୍କର ସତ ସାମ୍ନାକୁ ଆଣିବା ଏହାର ଉଦ୍ଦେଶ୍ୟ । ଏହି ନେଟୱର୍କରେ ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିବା ଅଭିଯୋଗ ହୋଇଛି । ଏହି ଉତ୍ପୀଡ଼ନରେ ବିଶ୍ୱର ଅନେକ ଶକ୍ତିଶାଳୀ ବ୍ୟକ୍ତି ସାମିଲ ଅଛନ୍ତି । ଗତ ୧୨ ତାରିଖରେ ଜାରି ୧୯ ଫଟୋରେ ଟ୍ରମ୍ପଙ୍କ ତିନୋଟି ଫଟୋ ଥିଲା । ଏଥିରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଅରବପତି ବିଲ୍‌ଗେଟ୍ସଙ୍କ ଭଳି ବଡ଼ ବ୍ୟକ୍ତିତ୍ୱ ମଧ୍ୟ ସାମିଲ ରହିଥିଲେ । ତେଣୁ ସାରା ବିଶ୍ୱରେ ରାଜନେତା ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବସା ବାନ୍ଧିଛି । ତେବେ ଏ ପର୍ଯ୍ୟନ୍ତ କୌଣସି ଭାରତୀୟ ନାଗରିକ କିମ୍ବା ନେତା, ବ୍ୟବସାୟୀଙ୍କ ନାମ ଆନୁଷ୍ଠାନିକ ଭାବେ ସାମ୍ନାକୁ ଆସିନାହିଁ ।

ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀ ଦାବି କରିଛନ୍ତି ଯେ ଏଥିରେ କିଛି ଭାରତୀୟ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଏବଂ ବର୍ତ୍ତମାନର ସାଂସଦଙ୍କ ନାମ ଥାଇପାରେ । ତେବେ ଆମେରିକା ନ୍ୟାୟ ବିଭାଗ ଏହାର କୌଣସି ସଙ୍କେତ ଦେଇନାହିଁ । କିନ୍ତୁ ଆମେରିକା ବାହାରର ନେତା ଏବଂ ବ୍ୟବସାୟୀଙ୍କ ସହ ଏପଷ୍ଟିନର ସମ୍ବନ୍ଧ ଥିଲା ବୋଲି କୁହାଯାଉଛି । ତେଣୁ ସାରା ବିଶ୍ୱର ନଜର ଏହି ଫାଇଲ୍ସ ଉପରେ ରହିଛି । ଏପଷ୍ଟିନଙ୍କ ସମ୍ପତ୍ତିରୁ ଜାରି ୧୯ ଫଟୋରେ ୯ ପ୍ରମୁଖ ବ୍ୟକ୍ତିଙ୍କ ନାମ ସାମ୍ନାକୁ ଆସିଛି । ତେବେ ଏହା କୌଣସି ଅପରାଧ ସାବ୍ୟସ୍ତ କରି ନାହିଁ । କିନ୍ତୁ ଏପଷ୍ଟିନଙ୍କ ସହ ଦେଖା ଦେଇଥିବାରୁ ବିବାଦ ଏବଂ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିରେ ଡୋନାଲ୍ଡ ଟ୍ରମ୍ପ, ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଅରବପତି ବିଲ୍ ଗେଟ୍ସ, ବ୍ରିଟେନ ରାଜାଙ୍କ ଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁ, ଟ୍ରମ୍ପଙ୍କ ପୂର୍ବତନ ପରାମର୍ଶଦାତା ଷ୍ଟିଭ ବେନନ, ହାର୍ଭାର୍ଡ ୟୁନିଭର୍ସିଟିର ପୂର୍ବତନ ଅଧ୍ୟକ୍ଷ ଲ୍ୟାରି ସମର୍ସ, ଚଳଚ୍ଚିତ୍ର ନିର୍ମାତା ଉଡି ଏଲନ, ବ୍ୟବସାୟୀ ରିଚାର୍ଡ ବ୍ରେନସନ ଏବଂ ଓକିଲ ଏଲନ ଡର୍ସୋଭିଟଜଙ୍କ ନାମ ରହିଛି ।

ଗତ ମାସରେ ଆମରିକାର ଉଭୟ ସଦନ ଏହି ଫାଇଲକୁ ଜାରି କରିବା ପାଇଁ ବହୁମତରେ ଅନୁମତି ଦେଇଥିଲା । 'ହାଉସ ଅଫ ରିପ୍ରେଜେନଟେଟିଭ' ଏହି ବିଲ୍‌କୁ ୪୨୭-୧ ମତରେ ମଞ୍ଜୁରି ଦେଇଥିଲା । ସିନେଟରେ ମଧ୍ୟ ଏହା ସର୍ବସମ୍ମତି କ୍ରମେ ପାରିତ ହୋଇ ଯାଇଥିଲା । ରାଷ୍ଟ୍ରପତି ଚାହିଁଥିଲେ ଏହାକୁ ରୋକି ଦେଇଥାନ୍ତି । ମାତ୍ର ସଦନରେ ବହୁମତରେ ପାରିତ ହୋଇଥିବାରୁ ଟ୍ରମ୍ପ ବାଧ ହୋଇ ଏଥିରେ ସ୍ୱାକ୍ଷର କରିଥିଲେ ।

# ଗାନ୍ଧୀ ପରିବାରକୁ ନିର୍ଯାତନା ଦିଆଯାଉଛି: ଖଡ଼ଗେ

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବୁଧବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । କେବଳ ପ୍ରତିଶୋଧର ଭାବନା ରଖି ଏହି ମାମଲା ଉଠାଯାଇଥିଲା ବୋଲି କହିଛନ୍ତି । ଖଡ଼ଗେଙ୍କ ଅନୁଯାୟୀ, ୧୯୩୮ରେ ସ୍ୱାଧୀନତା ସଂଗ୍ରାମୀମାନେ ନେସନାଲ ହେରାଲ୍ଡ ପ୍ରତିଷ୍ଠା କରିଥିଲେ । କିନ୍ତୁ ସିବିଆଇ ଏବଂ ଇଡିକୁ ବ୍ୟବହାର କରି କଂଗ୍ରେସ ନେତାଙ୍କୁ ବିଜେପି ବଦନାମ କରୁଛି । ବିଶେଷ କରି ଗାନ୍ଧୀ ପରିବାରକୁ ଉତ୍ପୀଡ଼ନ ଦିଆଯାଉଛି । ଏହି ମାମଲାରେ କୌଣସି ଏତଲା ରୁଜୁ କରାଯାଇ ନ ଥିଲା । କେହି ଅଭିଯୋଗ କରିବା ମାତ୍ରେ ସିଧା ତଦନ୍ତ ଆରମ୍ଭ କରାଯାଇଥିଲା । କୋର୍ଟ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ଥିଲେ । ନ୍ୟାୟ ସପକ୍ଷରେ ହିଁ କୋର୍ଟ ନିଷ୍ପତ୍ତି ଦେଇଛନ୍ତି । ଏହା କେନ୍ଦ୍ର ମୁହଁକୁ ଚାପୁଡ଼ା ସଦୃଶ ହୋଇଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଇସ୍ତଫା ଦେବା ଉଚିତ । ସେମାନେ ଏପରି ଭାବେ ଲୋକଙ୍କୁ ଉତ୍ପୀଡ଼ନ ଦେବା ଅନୁଚିତ । ଏଭଳି କାର୍ଯ୍ୟ ଜାରି ରଖିଲେ ଆମେ ଭବିଷ୍ୟତରେ ଚୁପ୍ ହୋଇ ବସିବୁ ନାହିଁ ବୋଲି ଖଡ଼ଗେ କହିଛନ୍ତି । ୨ ହଜାର କୋଟି ଟଙ୍କାର ସମ୍ପତ୍ତି କବ୍‌ଜା ସମ୍ବନ୍ଧିତ ଏହି ନେସନାଲ ହେରାଲ୍ଡ ମାମଲାର ଶୁଣାଣି କରିବାକୁ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ସୋମବାର ମନା କରିଦେଇଥିଲେ । ଇଡି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଓଲଟାଇ ଦେଇଥିଲା । ପ୍ରଥମେ ତଦନ୍ତ ଏବଂ ପରେ ଏତଲା ରୁଜୁ କରାଯାଇଥିଲା ବୋଲି କୋର୍ଟ କହିଥିଲେ । ଏହି ମାମଲାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କ ସହିତ ଅନ୍ୟ କଂଗ୍ରେସ ନେତା ଅଭିଯୁକ୍ତ ଥିଲେ ।

# ଟ୍ରକ୍ ତଳେ ପଶିଗଲା କାର୍; ୪ ବନ୍ଧୁ ମୃତ

ରଷିକେଶ୍, ୧୭ ।୧୨(ଏଜେନ୍ସି): ଉତ୍ତରାଖଣ୍ଡ ରଷିକେଶରେ ମଙ୍ଗଳବାର ରାତି ୧୦ଟାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଆସୁଥିବା ଏକ ମହିନ୍ଦ୍ରା ଏକ୍ସୟୁଭି୫୦୦ କାର୍ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଇ ଭିତରେ ପଶି ଯାଇଥିଲା । ଘଟଣାସ୍ଥଳରେ ହିଁ କାର୍‌ରେ ବସିଥିବା ୪ ଜଣ ବନ୍ଧୁ ମୃତ୍ୟୁବରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଣଙ୍କ ପତ୍ନୀ ଗର୍ଭବତୀ ଅଛନ୍ତି । କାର୍‌ଟି ହରିଦ୍ୱାରରୁ ଆସୁଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚିତ୍କାର ଶୁଣିବାକୁ ମିଳିଥିଲା ଓ ବାଟରେ ଯାଉଥିବା ଲୋକମାନେ ତୁରନ୍ତ ସାହାଯ୍ୟ କରିବାକୁ ଦୌଡ଼ି ଆସିଥିଲେ । ଦୁର୍ଘଟଣା ପୂର୍ବରୁ ଏକ ସିସିଟିଭି ଭିଡିଓ ସାମ୍ନାକୁ ଆସିଛି । ଦ୍ରୁତଗତିରେ ଯାଉଥିବା କାର୍‌ଟି ଭାରସାମ୍ୟ ହରାଇ ଏକ ଗାଡ଼ିକୁ ଧକ୍କା ଦେଉଥିବାର ଭଡିଓରେ ଦେଖିବାକୁ ମିଳିଛି । ସୂଚନା ପାଇବା ମାତ୍ରେ ରଷିକେଶ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । କାର୍‌ଟି ଏତେଜୋରରେ ଧକ୍କା ଦେଇଥିଲା ଯେ, ଯାତ୍ରୀମାନଙ୍କ ମାଂସ ଖଣ୍ଡ ବିଛାଡି ହୋଇ ରାସ୍ତାରେ ପଡ଼ିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି । କାରକୁ କାଟି କ୍ଷତବିକ୍ଷତ ମୃତଦେହକୁ ବାହାରକୁ ଅଣାଯାଇଥିଲା ଏଥିପାଇଁ ପୁଲିସକୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା । ମୃତକଙ୍କ ପରିଚୟ ମିଳିସାରିଛି ଓ ସମସ୍ତେ ସ୍ଥାନୀୟ ବାସିନ୍ଦା ବୋଲି ପୁଲିସ କହିଛି ।

# ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣକୁ ଭାରତ-ଇସ୍ରାଏଲର ଷଡ଼ଯନ୍ତ୍ର କହିଲା ପାକିସ୍ତାନ

ଇସଲାମାବାଦ, ୧୭ ।୧୨(ଏଜେନ୍ସି): ଅଷ୍ଟ୍ରେଲିଆର ସିଡ୍‌ନୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ପାକିସ୍ତାନ ସୂଚନା ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲା ତରାର ମନ୍ତବ୍ୟ ଦେଇଛନ୍ତି । ଏହି ଆତଙ୍କବାଦୀ ଘଟଣା ପାଇଁ ପାକିସ୍ତାନକୁ ଅଯଥାରେ ଦାୟୀ କରାଯାଇଛି । ଏହା ପ୍ରକୃତରେ ଭାରତ- ଇସ୍ରାଏଲ ଭଳି ଶତ୍ରୁ ଦେଶର ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ଆକ୍ରମଣକାରୀକୁ ପାକିସ୍ତାନ ସହ ଜଡ଼ିତ କରାଯାଇଥିଲା । ଏହା ଦ୍ୱାରା ପାକିସ୍ତାନର ଛବି ଖରାପ କରିବାକୁ ପ୍ରୟାସ କରାଯାଇଥିଲା । ବିନା କୌଣସି ପ୍ରମାଣ ସହ ପାକିସ୍ତାନକୁ ବଦ୍‌ନାମ କରାଯାଇଥିଲା । ଖାସ୍ କରି ଇସ୍ରାଏଲ, ଭାରତର ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଏହି ମିଥ୍ୟା ଖବର ପ୍ରଚାରପ୍ରସାର କରାଯାଇଥିଲା ବୋଲି ସେ କହିଛନ୍ତି । ଏହା ଦ୍ୱାରା ପାକିସ୍ତାନର ଯେଉଁ କ୍ଷତି ହୋଇଛି, ତାହା କିପରି ଭରଣା ହେବ । ଏନେଇ କ୍ଷମା ମଗାଯିବ ନା ଆଇନଗତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ପ୍ରଶ୍ନ ପଚାରିଛନ୍ତି । ତେବେ ଅଷ୍ଟ୍ରେଲିଆ ଅଧିକାରୀମାନଙ୍କୁ ସେ ପ୍ରଶଂସା କରିଛନ୍ତି । ସେମାନେ ପେସାଦାର ଢଙ୍ଗରେ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଥିଲେ । ସେମାନେ ବିନା କୌଣସି ପ୍ରମାଣରେ କୌଣସି ଦେଶ ଉପରେ ଅଭିଯୋଗ ଆଣି ନ ଥିଲେ ।

# ପ୍ରଦୂଷଣ ପାଇଁ ଦିଲ୍ଲୀର ଟୋଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ

## ଏନ୍‌ଏଚ୍‌ଏଆଇ, ଏମସିଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

- ଜାନୁଆରୀ ୩୧ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ
- ଟୋଲ୍ ରାଜସ୍ୱର ସମୀକ୍ଷା କରିବେ କୋର୍ଟ
- ଟଙ୍କା ପାଇଁ କନଟ ପ୍ଲେସରେ ଟୋଲ୍ ଲଗାଇବ କି

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପ୍ରାଣଘାତୀ ପାଲଟି ଯାଇଛି । ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବାବେଳେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି । ଏହି ମାମଲା ଉପରେ ଶୁଣାଣି କରି ରାଜଧାନୀ ପ୍ରବେଶ ପଥରେ ଟୋଲ୍ ପ୍ଲାଜାକୁ ନେଇ ସୁପ୍ରିମକୋର୍ଟ ଏନ୍‌ଏଚ୍‌ଏଆଇ ଏବଂ ଦିଲ୍ଲୀ ପୌର ନିଗମ (ଏମସିଡି)କୁ ଭର୍ତ୍ସନା କରିଛନ୍ତି । ଏନ୍‌ଏଚଆଇକୁ ନୋଟିସ ଜାରି କରି ଜବାବ ମାଗିଛନ୍ତି । ବିଶେଷ କରି ଦିଲ୍ଲୀ-ଗୁରୁଗାଁଓ ସୀମାରେ ଥିବା ଟୋଲ୍ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି । ଏଥିଯୋଗୁଁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ରହୁଥିବାବେଳେ ବାୟୁ ପ୍ରଦୂଷଣ ବଢୁଛି । ଏହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଦେଉଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ।

ଜନଗହଳିପୂର୍ଣ୍ଣ ସହରୀ ଅଞ୍ଚଳରେ ଟୋଲ୍ ଆଦାୟର ତର୍କ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ପ୍ରଦୂଷଣସ୍ତର ସବୁଠାରୁ ସାଂଘାତିକ ଥିବାବେଳେ ଜାନୁଆରୀ ୩୧ ପର୍ଯ୍ୟନ୍ତ ୯ଟି ଟୋଲ୍‌ରୁ ଆଦାୟ କାହିଁକି ବନ୍ଦ କରିପାରିବେନି ବୋଲି ପଚାରିଛନ୍ତି । ଟ୍ରାଫିକ ଜାମରୁ ମୁକ୍ତି ଲାଗି ଟୋଲ୍ ପ୍ଲାଜାକୁ କିଛି ସମୟ ପାଇଁ ବନ୍ଦ କରିବାକୁ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏମସିଡିକୁ ୭ ଦିନ ସମୟ ଦେଇଛନ୍ତି । ସିଜେଆଇ କହିଥିଲେ ଯେ ଆମେ ଟୋଲ୍‌ର ବିରୋଧୀ ନୁହେଁ । କିନ୍ତୁ ଭିଡ଼ ଯୋଗୁଁ ଲୋକେ କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ଡରୁଛନ୍ତି । ଟୋଲ୍ ପାଇଁ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅଟକି ରହୁଛି । ଜାନୁଆରୀ ୩୧ ପର୍ଯ୍ୟନ୍ତ ଟୋଲ ଆଦାୟ ନ କରିବାର ପନ୍ଥା ବାହାର କର । ଟଙ୍କାର ଆବଶ୍ୟକତା ପାଇଁ କାଲି କନଟ ପ୍ଲେସରେ ବି ଟୋଲ୍ ଲଗାଇ ଦେବକି ବୋଲି ସିଜେଆଇ ପଚାରି ଥିଲେ ।

ସୁପ୍ରିମକୋର୍ଟ ଦିଲ୍ଲୀ ପ୍ରଦୂଷଣକୁ ପ୍ରତି ବର୍ଷ ହେଉଥିବା ସମସ୍ୟା କହିଛନ୍ତି । ଏହାର ମୁକାବିଲା ପାଇଁ ଦୀର୍ଘକାଳୀନ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ)କୁ ନିଜ ପୁରୁଣା ନୀତି ଉପରେ ପୁଣି ବିଚାର କରିବାକୁ କହିଛନ୍ତି । କେବଳ ନିୟମ କରିଦେଲେ ହେବନି, ସରକାର ପ୍ରଭାବୀ ସମାଧାନ ପନ୍ଥା ବାହାର କରି ପୁରୁଣା ନିୟମକୁ ଠିକ୍ ଭାବେ ଲାଗୁ କରିବା ଉଚିତ । ଏହା ସହିତ ଟୋଲ୍ ପ୍ଲାଜାରୁ କେତେ ରାଜସ୍ୱ ଆଦାୟ ଏବଂ ହାଇୱେର ରକ୍ଷଣାବେକ୍ଷଣରେ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ତାହାର ଯାଞ୍ଚ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ତେବେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ନିଷ୍ପତ୍ତିରେ ଦଖଲ ଦେବାକୁ ମନା କରିଦେଇଛନ୍ତି । ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ସମୀକ୍ଷା କରିଛନ୍ତି । ବିଏସ-୪ ଏବଂ ଏହା ଉପରର ଗାଡ଼ିକୁ କେବଳ ଦିଲ୍ଲୀରେ ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି ।

## ହିଜାବ ଟାଣିବା ମାମଲା

# ନୀତୀଶଙ୍କୁ ପାକିସ୍ତାନୀ ଡନ୍‌ର ଧମକ

ପାଟନା, ୧୭।୧୨ (ଏଜେନ୍ସି): ନିଯୁକ୍ତିପତ୍ର ବାଣ୍ଟିବା ଅବସରରେ ଜଣେ ମୁସଲମାନ ମହିଳା ଡାକ୍ତରଙ୍କ ହିଜାବ ଟାଣି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିବାଦରେ ପଡ଼ିଛନ୍ତି । ଏବେ ପାକିସ୍ତାନୀ ଡନ୍ ଶେହଜାଦ ଭଟ୍ଟି ଏଥିରେ ମୁଣ୍ଡ ପଶାଇଛି । ସେ ନୀତୀଶଙ୍କୁ ଧମକ ଦେଇଛି । ଡନ୍ ଏକ ଭିଡିଓ ଜାରି କରି କହିଛି ଯେ, ମୁଖ୍ୟମନ୍ତ୍ରୀ ସାର୍ବଜନୀନ ଭାବେ ମହିଳାଙ୍କୁ କ୍ଷମା ମାଗନ୍ତୁ, ନଚେତ ପରିଣତି ଭୟଙ୍କର ହେବ । ପରେ ଆଉ ଚେତାବନୀ ଦିଆଯାଇ ନ ଥିଲା ବୋଲି କହିବ ନାହିଁ । ପୂର୍ବରୁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ଧମକ ଦେଇ ଭଟ୍ଟି ଚର୍ଚ୍ଚାରେ ଥିଲା । ଭଟ୍ଟି ଠାରୁ ବିପଦ ଥିବା ଦର୍ଶାଇ ତିହାର ଜେଲ୍‌ରେ ବନ୍ଦ ଥିବା ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ଦିଲ୍ଲୀ କୋର୍ଟରେ ବୁଲେଟପ୍ରୁଫ ଜ୍ୟାକେଟ ଏବଂ ଗାଡ଼ି ଦାବି କରିଥିଲା । ଗତ ୧୫ ତାରିଖରେ ବିହାରର ଏକ କାର୍ଯ୍ୟକ୍ରମରେ ନୀତୀଶ ମୁସଲିମ ମହିଳାଙ୍କ ବୁର୍ଖା ଟାଣି ଦେଇଥିଲେ । ଏହାକୁ ନେଇ ପାକିସ୍ତାନୀ ଡନ୍ ଭିଡିଓରେ କହିଛି ଯେ ବିହାରରେ କ'ଣ ହୋଇଥିଲା ତାହା ସମସ୍ତେ ଦେଖିଛନ୍ତି । ବଡ଼ ପଦରେ ଥିବା ବ୍ୟକ୍ତି ଜଣେ ମୁସଲିମ ମହିଳାଙ୍କ ସହ ଖରାପ ବ୍ୟବହାର କରିଛି । ପରେ ଶେହଜାଦ ଏମିତି କରିଦେଲା, ସେମିତି କରିଦେଲା ବୋଲି ଆଉ ଅଭିଯୋଗ ଲଗାଇବନି । ସେହି ବ୍ୟକ୍ତି ପାଖରେ ଏବେ ବି ସମୟ ଅଛି । ଆଜି ସେହି ମହିଳାଙ୍କୁ କ୍ଷମା ମାଗି ନିଅନ୍ତୁ । କ୍ଷମା ନ ମାଗିଲେ ଦାୟୀ ସଂସ୍ଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ପରେ ଚେତାବନୀ ଦିଆଯାଇ ନ ଥିଲା ବୋଲି ଆଉ କହିବ ନାହିଁ ।

# 'ଅପରେସନ ସିନ୍ଦୂର' ମନ୍ତବ୍ୟ ପାଇଁ କ୍ଷମା ମାଗିବିନି: ଚୌହାନ

ମୁମ୍ବଇ, ୧୭ ।୧୨(ଏଜେନ୍ସି): କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ ଅପରେସନ ସିନ୍ଦୂର ନେଇ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ମନା କରିଦେଇଛନ୍ତି । କ୍ଷମା ମାଗିବି ନାହିଁ ବୋଲି ସେ ବୁଧବାର ସ୍ପଷ୍ଟ କରିଛନ୍ତି । ମୁଁ କୌଣସି ଭୁଲ କଥା କହିନାହିଁ । ତେଣୁ କ୍ଷମା ମାଗିବାର କୌଣିସ କାରଣ ନାହିଁ । ଗୋଟିଏ ଦିନ ତଳେ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଯୁଦ୍ଧର ପ୍ରଥମ ଦିନରେ ହିଁ ଭାରତୀୟ ସେନା ହାରିଯାଇଥିଲା ବୋଲି ସେ କହିଥିଲେ । ଏହାକୁ ନେଇ ବିଜେପି ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସେନାକୁ ଅପମାନ କରିବା ଏବେ କଂଗ୍ରେସର ପରିଚୟ ହୋଇସାରିଲାଣି ବୋଲି ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି । କେବଳ ଚୌହାନ ନୁହେଁ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ସମାନ ପ୍ରକାର ମନ୍ତବ୍ୟ ଦେଇସାରିଛନ୍ତି । କଂଗ୍ରେସ ସେନାର ଅପମାନ କରୁଛି ଏବଂ ଭାରତ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ବିଜେପି ନେତା ଗିରିରାଜ ସିଂ କହିଛନ୍ତି ।

# କବାଡ଼ି ଖେଳାଳି ହତ୍ୟା ଅଭିଯୁକ୍ତକୁ ଏନ୍‌କାଉଣ୍ଟର

ମୋହାଲି୧୭ ।୧୨(ଏଜେନ୍ସି): ପଞ୍ଜାବର ମୋହାଲିରେ ୩୦ ବର୍ଷୀୟ କବାଡ଼ ଖେଳାଳି କନୱାର ଦିଗ୍‌ବିଜୟ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ମାମଲାର ମୁଖ୍ୟ ଅଭିଯୁକ୍ତ ହରପିନ୍ଦର ଏନକାଉଣ୍ଟରେ ମୃତ୍ୟୁବରଣ କରିଛି । ଟୁର୍ଣ୍ଣାମେଣ୍ଟ ମଝିରେ ହିଁ ତାଙ୍କୁ ହତ୍ୟା କରାଯାଇଥିଲା । ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ହତ୍ୟାକାଣ୍ଡର ଦୁଇଦିନ ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ହରପିନ୍ଦର ହେଉଛି ତରନ ତରାନ ଜିଲ୍ଲାରେ ନାଇଶେରା ପାନୁଆନ୍ ବାସିନ୍ଦା । ଏନ୍‌କାଉଣ୍ଟରରେ ଗୁଳି ବାଜି ଆହତ ହେବା ପରେ ତାକୁ ହସ୍ପିଟାଲ ନିଆଯାଇଥିଲା । ମାତ୍ର ସେଠାରେ ସେ ମୃତ୍ୟୁବରଣ କରିଥିଲା ବୋଲି ମୋହାଲି ପୁଲିସ କହିଛି । ଏଥିରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ଆହତ ହୋଇଥିଲେ । ସେମାନେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ହରପିନ୍ଦର ଜଣେ ଅଭ୍ୟାସଗତ ଅପରାଧି ଥିଲା । ସେ ଏକାଧିକ ଅପରାଧରେ ସାମିଲ ଥିଲା ।

# ବେଙ୍ଗାଲୁରୁ ଆପାର୍ଟମେଣ୍ଟରେ ଚାଲିଛି ନିଜସ୍ୱ ନ୍ୟାୟ ବ୍ୟବସ୍ଥା

ବେଙ୍ଗାଲୁରୁ, ୧୭।୧୨ (ଏଜେନ୍ସି): ଦେଶରେ ଗଣତନ୍ତ୍ର ଶାସନ ଚାଲିଛି । ମାତ୍ର ବେଙ୍ଗାଲୁରୁର 'ପ୍ରୋଭିଡେଣ୍ଟ ସନୱର୍ଥ ଆପାର୍ଟମେଣ୍ଟ' ଦେଶର ଆଇନକୁ ନ ମାନି ନିଜସ୍ୱ ନ୍ୟାୟବ୍ୟବସ୍ଥା ଚଳାଇଛି । ଏହି ଆପାର୍ଟମେଣ୍ଟ ପକେଟମାରଠାରୁ ନେଇ ଯୌନ ଅପରାଧୀଙ୍କୁ ନିଜ ଶୈଳୀରେ ଦଣ୍ଡ ଦିଆଯାଉଛି । ସାମାନ୍ୟ ଜୋରିମାନା ଲଗାଇ ଛାଡ଼ି ଦିଆଯାଉଛି । ଫଳରେ ସାଧାରଣ ଅପରାଧୀ ବର୍ତ୍ତି ଯାଇ ଜଘନ୍ୟ କାଣ୍ଡ ଘଟାଉଛି । ଏହି ମାମଲାରେ ବେଙ୍ଗାଲୁରୁ ପୁଲିସ ଘରୋଇ ସୁରକ୍ଷା ଠିକା ନେଇଥିବା 'ଟାଇକୋ ସିକ୍ୟୁରିଟି' ଏବଂ ଆପାର୍ଟମେଣ୍ଟ ଆସୋସିଏସନ ବିରୋଧରେ ଏତଲା ରୁଜୁ କରିଛି । ଏମାନେ ଅପରାଧର ସୂଚନା ପୁଲିସକୁ ଦେବା ପରିବର୍ତ୍ତେ ଆଭ୍ୟନ୍ତରୀଣ ଯାଞ୍ଚ କରି ଜୋରିମାନା ଲଗାଇ ଛାଡ଼ି ଦେଉଥିଲେ । ପୁଲିସ ସୂଚନା ଅନୁଯାୟୀ, ଦକ୍ଷିଣପଶ୍ଚିମ ବେଙ୍ଗାଲୁରୁର ଦୋଦାବେଲେରେ ଏହି ଆପାର୍ଟମେଣ୍ଟ ରହିଛି । ଏଠାରେ ଛାତ୍ରଙ୍କଠାରୁ ନେଇ ଦେଶର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ ବସବାସ କରୁଛନ୍ତି । ମାତ୍ର ଅନେକ ଲୋକେ ନାବାଳକଙ୍କୁ ଉତ୍ପୀଡ଼ନ ଦେବାଠାରୁ ଆରମ୍ଭ କରି ନିଶା ସେବନ, ଚୋରି ଆଦି ମାମଲାରେ ସମ୍ପୃକ୍ତ ରହିଛନ୍ତି । ସଂଘ ଏବଂ ସୁରକ୍ଷା ଏଜେନ୍ସି ଅଧିକାରୀ ଟଙ୍କା ନେଇ ଅପରାଧୀଙ୍କୁ ମୁକ୍ତ କରିଦେଉଥିବା ଅଭିଯୋଗ ହୋଇଥିଲା ।

# ଗୋଆ କୋର୍ଟରେ ଲୁଥ୍ରା ଭ୍ରାତା ହାଜର

ପାଣାଜୀ, ୧୭ ।୧୨(ଏଜେନ୍ସି): ଗୋଆର 'ବିର୍ଚ ବାଇ ରୋମିଓ ଲେନ୍' ନାଇଟ କ୍ଲବ ଅଗ୍ନିକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଦୁଇ ଭାଇ ଗୌରବ ଲୁଥ୍ରା ଓ ସୌରଭ ଲୁଥ୍ରାଙ୍କୁ ସ୍ଥାନୀୟ ପୁଲିସ ଜିଲ୍ଲା କୋର୍ଟରେ ହାଜର କରିଛି । ଉଭୟଙ୍କୁ କୋର୍ଟ ୫ ଦିନ ପାଇଁ ରିମାଣ୍ଡକୁ ପଠାଇ ଦେଇଛନ୍ତି । ପୁଲିସ ଦୁହିଁଙ୍କୁ ନେଇ ଉତ୍ତର ଗୋଆର ମୋପାସ୍ଥିତ ମନୋହର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସକାଳ ୧୦.୪୫ରେ ପହଞ୍ଚିଥିଲା । ଦୁହିଁଙ୍କୁ ସିଓଲିମ୍ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସ୍ୱାସ୍ଥ୍ୟା ପରୀକ୍ଷା କରାଯାଇଥିଲା । ଏହାପରେ ଦୁହିଁଙ୍କୁ ମପୁସା ସ୍ଥିତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ଏଠରେ ପାଖାପାଖି ଏକ ଘଣ୍ଟାଧରି ଦୁଇଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟରେ ହାଜର କରାଯାଇଥିଲା ।

**ଶାଢ଼ି ଏକ ପାରମ୍ପରିକ ପରିଧାନ ଭାବେ ପରିଚିତ । ପ୍ରତ୍ୟେକ ମହିଳା ଏହା ପିନ୍ଧିବାକୁ ପସନ୍ଦ କରନ୍ତି । ଏଥିପାଇଁ ସ୍ୱତନ୍ତ୍ର ଅଳଙ୍କାର ସହ ମେକ୍‌ଅପ୍ ମଧ୍ୟ କରିଥାନ୍ତି । ଏହା ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ତେବେ ପାରମ୍ପରିକ ଶାଢ଼ି ଭଳି ପାରମ୍ପରିକ ଅଳଙ୍କାର ରହିଛି । ସେହିପରି ଶାଢ଼ିକୁ ଏଲିଗେଣ୍ଟ ଏବଂ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ମିନାକାରୀ କାନଫୁଲ ପିନ୍ଧିପାରିବେ । ଏହା ବିଶେଷ କରି ବିବାହ ଉତ୍ସବ, ପର୍ବ ପର୍ବାଣିରେ ପିନ୍ଧିଲେ ଭଲ ମାନିଥାଏ ।**



# ଶାଢ଼ିକୁ ସୁନ୍ଦର ମିନାକାରୀ କାନଫୁଲ

### ବିଡସ୍ ମିନାକାରୀ

ଆଜିକାଲି ମଲ୍‌ଟି ମୀନାକାରୀ ବିଡସ୍ ଇୟରିଂ ଖୁବ୍ ଟ୍ରେଣ୍ଡରେ ରହିଛି । ଏଥିରେ ଛୋଟ, ଛୋଟ ରଙ୍ଗିନ୍ ବିଡସ୍, କୁନ୍ଦନ, ମୋତି ସମେତ ମିନାକାରୀ କାମ ରହିଥାଏ । ଏହା ହାଲୁକା ହେବା ସହ ଉଭୟ କାଜୁଆଲ୍ ଏବ ଫେଷ୍ଟିଭ୍ ଦୁଇଟି ଲୁକ୍ ପାଇଁ ଭଲ ହୋଇଥାଏ ।

### ସ୍ପାର୍କଲ୍ ଇୟରିଙ୍ଗ୍

ଗ୍ଲାମ୍ ତଥା ଆକର୍ଷଣୀୟ ଲୁକ୍ ପସନ୍ଦ ଥିଲେ, ସ୍ପାର୍କଲ ମିନାକାରୀ କାନଫୁଲ ପିନ୍ଧିପାରିବେ । ଏଥିରେ ମିନାକାରୀ ସମେତ ଷ୍ଟୋନ୍, କୁନ୍ଦନ ଏବଂ କ୍ରିଷ୍ଟଲ୍ କାମ ରହିଥାଏ । କଳା ,ଗାଢ଼ ନୀଳରଙ୍ଗର ଶାଢ଼ିକୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏଥିରୁ ଏକ ରାଜକୀୟ ଏବଂ ଗ୍ଲାମରସ୍ ଲୁକ୍ ମିଳିଥାଏ ।

### ମିନାକାରୀ ପେଣ୍ଟିଂ ଡିଜାଇନ୍

କ୍ଲାସିକ୍ ଏବଂ କଳାକୃତି ଜିନିଷ ପିନ୍ଧିବାକୁ ପସନ୍ଦ ଥଲେ ମିନାକାରୀ ଡିଜାଇନ୍ ପିନ୍ଧିପାରିବେ । ଏଥିରେ ଫୁଲ, ପତ୍ର ପାରମ୍ପରିକ ମୋଟିଫ୍ ଭଳି ଡିଜାଇନ୍ ଥାଏ । ଯାହା ଏହାକୁ ଖୁବ୍ ଆକର୍ଷଣୀୟ କରିଥାଏ । ଏହି କାନଫୁଲ ସିଲ୍‌କ, ବନାରସି ଏବଂ କାଞ୍ଜିବରମ୍ ଶାଢ଼ିରେ ବେଶୀ ସୁନ୍ଦର୍ ଦେଖାଯାଏ ।



### ବଟର୍‌ଫ୍ଲାଏ ଝୁମୁକା

ଚାନ୍ଦବାଲି କାନଫୁଲ ଭାରତୀୟ ମହିଳାଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏଥିରେ ମିନାକାରୀ ଡିଜାଇନ୍ ଥିଲେ ଏହାର ସୁନ୍ଦରତା ଦ୍ୱିଗୁଣିତ ହୋଇଯାଏ । ଏହା ମୁହଁର ଉଜ୍ଜ୍ୱଳତା ବୃଦ୍ଧି କରିବା ସହ ଏକ ନାଚୁରାଲ ଲୁକ୍ ଦେଇଥାଏ । ଏହାକୁ ପୂଜା, ପର୍ବପର୍ବାଣି ଆଦି ନାନା ଉତ୍ସବରେ ପିନ୍ଧିପାରିବେ ।





# କମାରଶାଳରୁ ଲକ୍ଷପତି ପ୍ରମିଳା

**କମାର କାରିଗରମାନେ ଲୁହାରୁ କଟୁରୀ, ଦାଆ,ଟାଙ୍ଗିଆ, ହାତୁଡ଼ି, ପନିକି ଭଳି ଉପକରଣ ପ୍ରସ୍ତୁତ କରିଥାନ୍ତି । ସେହିପରି ଲୁହାରୁ ଯନ୍ତ୍ରପାତି ସମେତ ଅନେକ ଭାରିଯାନ ମଧ୍ୟ ତିଆରି ହୋଇଥାଏ । ଏହି କ୍ରମରେ ଏବେ ଲୁହାକୁ ତରଳାଇ, ସେଥିରୁ ଭଳିକି ଭଳି ଘରସଜ୍ଜା ଉପକରଣ ଯଥା - ଚଢ଼େଇ, ପଶୁପକ୍ଷୀ, ବାସ୍ତୁକଳା ଏବଂ ଫର୍ଣ୍ଣିଚର ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି ଛତିଶଗଡ଼, ଛୋଟେ ରାଜପୁର ଗ୍ରାମର ପ୍ରମିଳା ମରକାମ । ଏହା ମାଧ୍ୟମରେ ସେ ବସ୍ତର ଆଦିବାସୀଙ୍କ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି । ଏହାକୁ ରାଜ୍ୟ ବାହାରେ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି ।**

ପ୍ରମିଳା ପ୍ରଥମେ କୃଷିକାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ ; ପରବର୍ତ୍ତୀ ସମୟରେ ସେ ପବିତ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇଥିଲେ । ଏଥିରେ ସେ ୮୦ ପ୍ରକାର ଲୁହା ଉପକରଣ ପ୍ରସ୍ତୁତି ତାଲିମ୍ ନେଇଥିଲେ । ପରେ ଏହି କଳାକୁ ଉପଯୋଗ କରି ସେ ଭଳିକି ଭଳି କଳାକୃତି ଯଥା- ନର୍ତ୍ତକୀ, ପଶୁପକ୍ଷୀ ଏବଂ ଗ୍ରାମୀଣ ଜୀବନର ଝଲକ୍ ଦେଖାଇଥିଲେ । ରାଷ୍ଟ୍ରୀୟ ଆଜୀବିକା ମିଶନ (ବିହାନ) ସହାୟତାରେ ସେ ନିଜ କଳାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପରିଚିତ କରିଥିଲେ । ଏଥିସହ ଗୁଜୁରାଟ, ଗୋଆ, ଦିଲ୍ଲୀ, ଆସାମ, ନୋଏଡ଼ା ଭଳି ସ୍ଥାନରେ ଆୟୋଜିତ ଆଜୀବିକା ସରସ ମେଳାରେ ଭାଗ ନେଇଥିଲେ । ଏହି କଳାକୃତିରେ ସେ ଏପର୍ଯ୍ୟନ୍ତ ୧୨ ଲକ୍ଷ ଆୟ କରିଛନ୍ତି ।

### ୧୫୦୦ରୁ ଉର୍ଦ୍ଧ୍ୱ କଳାକୃତି

ବସ୍ତର ଆଦିବାସୀ ସଂସ୍କୃତିରେ ଏହା ଏକ ପାରମ୍ପରିକ କଳା ଭାବେ ପରିଚିତ । ଏହାକୁ ସ୍ଥାନୀୟ ଭାଷାରେ ଲୌହ ଶିଳ୍ପ କୁହାଯାଏ । ଏହା ବିଶେଷ କରି ବସ୍ତର ଅଞ୍ଚଳରେ ଖୁବ୍ ଲୋକପ୍ରିୟ । ପ୍ରମିଳା ଏପର୍ଯ୍ୟନ୍ତ ୧୫୦୦ରୁ ଉର୍ଦ୍ଧ୍ୱ ଲୁହା କଳାକୃତି ପ୍ରସ୍ତୁତ କରିସାରିଛନ୍ତି । ଏହାର ମୂଲ୍ୟ ପାଖାପାଖି ୩୦ ଲକ୍ଷ ରହିଛି । ସେଥିମଧ୍ୟରୁ ୮୫୭ କଳାକୃତିକୁ ସେ ସରସ ମେଳା, ସରସ ଗ୍ୟାଲେରୀ ଏବଂ ସ୍ଥାନୀୟ ବଜାରରେ ବିକ୍ରି କରିଛନ୍ତି । ଏଥିରୁ ତାଙ୍କୁ ତେର ଲକ୍ଷ ଆୟ କରିଛନ୍ତି । ଚଳିତ ମାସ ଦିଲ୍ଲୀରେ ଆୟୋଜିତ ସରସ ମେଳାରେ ସେ ୪୯୬ ଉତ୍ପାଦ ବିକ୍ରି କରି ସେ ତିନି ଲକ୍ଷ ଟଙ୍କା ରୋଜଗାର କରିଛନ୍ତି ।

### ପାରମ୍ପରିକ କଳାର ପ୍ରଚାର ପ୍ରସାର

ଲୁହା କଳାକୃତିରୁ ଜୀବିକା ଅର୍ଜନ କରିବା ସହ ପ୍ରମିଳା ବସ୍ତର ସଂସ୍କୃତି ଏବଂ ପରମ୍ପରାକୁ ବିଶ୍ୱ ପରିଚିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏହି ହସ୍ତନିର୍ମିତ କଳାକୁ ଛତିଶଗଡ଼ ସମେତ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି । ପ୍ରତ୍ୟେକ କଳାକୃତିରେ ଆଦିବାସୀ ସଂସ୍କୃତି ଏବଂ ପ୍ରକୃତିର ଝଲକ ଦେଖିବାକୁ ମିଳିଥାଏ । ପିଢ଼ି ପରେ ପିଢ଼ି ଧରି ମହିଳାମାନେ ଏହି କାର୍ଯ୍ୟ କରୁଛନ୍ତି । ଏହାଦ୍ୱାରା ରୋଜଗାରକ୍ଷମ ହୋଇଛନ୍ତି ।



# ବ୍ରାଇଡାଲ୍ ସ୍ନିକର୍

**ସାଧାରଣତଃ ବିବାହ ଲୁକ୍ ପାଇଁ ଆଉଟ୍‌ଫିଟ୍ ଏବଂ ଅଳଙ୍କାର ଭଳି ଆଜିକାଲି ଫୁଟ୍‌ୱେୟାର୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଯୁବତୀମାନେ ବିବାହରେ ଷ୍ଟାଇଲିସ୍ ସ୍ୟାଣ୍ଡେଲ ଓ ହାଫ୍ ସୁ ପିନ୍ଧୁଥିବାବେଳେ ଆଜିକାଲି ବର-କନିଆ ଉଭୟ ଷ୍ଟାଇଲିସ୍ ଓ ମ୍ୟାଚିଂ ସ୍ନିକର ପିନ୍ଧୁଛନ୍ତି । ଏହି ସ୍ନିକର୍ସ ଡିଜାଇନ୍ ଖୁବ୍ ଆକର୍ଷଣୀୟ ହେବା ସହ ପାଦକୁ ଶୀତରୁ ସୁରକ୍ଷା ମଧ୍ୟ ଦେଇଥାଏ । କେବଳ ସେତିକି ନୁହେଁ, ଏହା ପିନ୍ଧିବାକୁ ମଧ୍ୟ ଆରାମଦାୟକ ଲାଗିଥାଏ । ଆସନ୍ତୁ ଜାଣିବା କିଛି ଆକର୍ଷଣୀୟ ସ୍ନିକର ଡିଜାଇନ୍ ବିଷୟରେ...**

### ଏମ୍ବ୍ରୋଡୋରୀ ସହ ମୋତି

ପର୍ଲ ତଥା ମୋତିକାମଯୁକ୍ତ ବ୍ରାଇଡାଲ୍ ସ୍ନିକର ଏବେ ଟ୍ରେଣ୍ଡରେ ରହିଛି । ଛୋଟମାଳି ନିର୍ମିତ ଏହି ସ୍ନିକର୍ସ ଦେଖିବାକୁ ସୁନ୍ଦର ହେବା ସହ ଏକ ବିଳାସମୟ ଲୁକ୍ ଦେଇଥାଏ । ଲେହେଙ୍ଗା ସୁନେଲି କିମ୍ବା ପେଷ୍ଟାଲ୍ ରଙ୍ଗ ଥିଲେ ଏହି ସ୍ନିକର ପିନ୍ଧିପାରିବେ । ଏଥିରୁ ଆକର୍ଷଣୀୟ ଲୁକ୍ ମିଳିଥାଏ ।



### ଗ୍ଲିଟର୍

ଜୋତାପ୍ରେମୀଙ୍କ ପାଇଁ ଗ୍ଲିଟର୍ ସୁ ଭଲ ହୋଇଥାଏ । ଏହା ସୁନ୍ଦର ଦିଶିବା ସହ ଫଟୋସୁଟ୍ କଲେ ଭଲ ଫଟୋ ଉଠିଥାଏ । ସେହିପରି ଏହାକୁ ପିନ୍ଧି ଚାଲିବା ମଧ୍ୟ ସୁବିଧାଜନକ ହୋଇଥାଏ । ଏହା ବିଶେଷ କରି ବିବାହ ରିସେପ୍‌ସନ୍ ପାର୍ଟିରେ ପିନ୍ଧିପାରିବେ ।

### ଧଳା ସ୍ନିକର


ଧଳା ରଙ୍ଗର ବ୍ରାଇଡାଲ୍ ସ୍ନିକର୍ସ ସବୁବେଳେ ଷ୍ଟାଇଲିଶ୍ ଦେଖାଯାଏ । ଏଥିରେ ହାଲୁକା ସିମର୍ ତଥା ନେଟ୍ ଲିୟାରିଙ୍ଗ୍ ଲଗାଯାଇଥାଏ । ତେବେ ଏହା ସବୁରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ସେହିପରି କିଛି ଯୁବତୀ ମେହେନ୍ଦୀ ଫଙ୍କସନ୍‌ରେ ରଙ୍ଗିନ ସ୍ନିକର ପିନ୍ଧିବାକୁ ପସନ୍ଦ କରନ୍ତି ।

### କଷ୍ଟମାଇଜ୍ ସ୍ନିକର୍

ଅନେକ କନିଆ କଷ୍ଟମାଇଜ୍ ସ୍ନିକର୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ନିଜ ପସନ୍ଦ ମୁତାବକ ଡିଜାଇନ୍ କରିଥାନ୍ତି । ଏଥିରେ ନା, ବିବାହ ତାରିଖ, ଆଦି ସ୍ୱତନ୍ତ୍ର ଭାବେ ଲେଖାଯାଇଥାଏ । ଏଥିରୁ ଫୁଟ୍‌ୱେୟାର୍ ଖୁବ୍ ସ୍ମରଣୀୟ ହୋଇଥାଏ ।

# ସୁସ୍ଥ ତ୍ୱଚା ପାଇଁ ଡବଲ୍ କ୍ଲିନ୍‌ଜିଙ୍ଗ୍

**ସାଧାରଣତଃ ଡବଲ କ୍ଲିନ୍‌ଜିଙ୍ଗ ସ୍କିନ୍ କେୟାରର ଏକ ପ୍ରମୁଖ ଅଂଶ । ଏହା ତ୍ୱଚାକୁ ଗଭୀରରୁ ସଫା କରିଥାଏ । ଏହା ଦୁଇଟି ପର୍ଯ୍ୟାୟରେ କରାଯାଏ । ତ୍ୱଚାକୁ ଦୁଇଥର ସଫା କରିବା ଦ୍ୱାରା ଏହା ତ୍ୱଚାରେ ଥିବା ମଇଳାକୁ ବାହାର କରି ଚମକ ଆଣିଥାଏ । ତେଣୁ ଡବଲ କ୍ଲିନ୍‌ଜିଙ୍ଗ୍‌ରେ ପ୍ରଥମେ ତେଲ ଲଗାଇ ସଫା କରିବାକୁ ପଡ଼ିଥାଏ । ଏହାପରେ ପାଣି ଯୁକ୍ତ କ୍ଲିନ୍‌ଜରରେ ମୁହଁ ଧୁଆଯାଏ ।**



- ନିୟମିତ ଡବଲ କ୍ଲିନ୍‌ଜିଙ୍ଗ କରିବା ଦ୍ୱାରା ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳତା ବୃଦ୍ଧି ପାଏ । ଏଥି ସହିତ ତ୍ୱଚାରେ ଥିବା ମଇଳା ସଫା ହୋଇଥାଏ । ବ୍ରଣ ସମସ୍ୟା ଦୂର ହୁଏ ।
- କ୍ଲିନ୍‌ଜର ବ୍ୟବହାର ଦ୍ୱାରା ତ୍ୱଚାରେ ଥିବା ମେକ୍‌ଅପ୍, ଧୂଳି, ପ୍ରଦୂଷଣ ଆଦି ବାହାରି ଯାଏ ।
- ସେହିପରି ମଇଳା ଏବଂ ପ୍ରଦୂଷଣ ପାଇଁ ତ୍ୱଚା ସମୟ ପୂର୍ବରୁ ବୟସ୍କ ଦେଖାଯାଏ । କିନ୍ତୁ ଡବଲ କ୍ଲିନ୍‌ଜିଙ୍ଗ୍ ଦ୍ୱାରା ତ୍ୱଚା ଯବାନ ରହିଥାଏ ।
- ଏହା ତ୍ୱଚାର ପି.ଏଚ୍ ସ୍ତରକୁ ସନ୍ତୁଳନ ରଖିଥାଏ । ଏଥି ସହ ବ୍ଲାକ୍‌ହେଡ୍‌ସ ଏବଂ ହ୍ୱାଇଟ୍‌ହେଡ୍ସରୁ ସୁରକ୍ଷା ଦେଇଥାଏ ।

ମୋ ହାଣ୍ଡିଶାଳରୁ...

# ପଟାଟୋ କଟ୍‌ଲେଟ୍



### ଆବଶ୍ୟକ ସାମଗ୍ରୀ

ସିଝାଆଳୁ – ଦୁଇଟି, କଟା ଗାଜର – ଅଧା କପ୍, କଟା ପିଆଜ – ଅଧା କପ୍, ଲଙ୍କା – ଦୁଇଟି, ବେସନ – ଅଧା କପ୍, ଧନିଆ ପତ୍ର – ଅଳ୍ପ, ଲଙ୍କା ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଜିରା ଗୁଣ୍ଡ – ଅଧା ଚାମଚ, କନ୍‌ଫ୍ଲୋର୍ ଅଧା କପ୍, ସିମେଇ – ଏକ କପ୍, ଟମାଟୋ ସସ୍, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଆଳୁରୁ ଚୋପା ଛଡ଼େଇ ଗୋଟିଏ ବାଉଲ୍‌ରେ ରଖନ୍ତୁ । ସେଥିରେ ଅଳ୍ପ ଗାଜର, ପିଆଜ, ଧନିଆପତ୍ର, ଲଙ୍କା, ହଳଦୀଗୁଣ୍ଡ, ଲୁଣ, ଚାଟ୍ ମସଲା ସହ ବେସନ ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାକୁ ଛୋଟ ଗୁଳା କରି ହାତରେ କଟ୍‌ଲେଟ୍ ଆକାର ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ଅଳ୍ପ କନ୍‌ଫ୍ଲୋର୍ ନେଇ ସେଥିରେ ପାଣି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ପ୍ରସ୍ତୁତ କରିଥିବା ଆଳୁ କଟ୍‌ଲେଟ୍‌କୁ କନ୍‌ଫ୍ଲୋର୍‌ରେ ଭଲଭାବେ ବୁଡ଼ାନ୍ତୁ । ଏହାକୁ ସିମେଇରେ କୋଟ୍ କରି ଗୋଟିଏ ପ୍ଲେଟ୍‌ରେ ରଖନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କଟ୍‌ଲେଟ୍‌କୁ ପକାଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଗଲେ ଗୋଟିଏ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ 'ପଟାଟୋ କଟ୍‌ଲେଟ୍' ।

# ଶୀତଦିନେ କେଶର ଯତ୍ନ

**ଶୀତଦିନେ ତ୍ୱଚା ଭଳି କେଶର ଯତ୍ନ ନେବାକୁ ପଡ଼ିଥାଏ । ଅତ୍ୟଧିକ ଥଣ୍ଡା କାରଣରୁ କେଶ ରୁକ୍ଷ, ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ । ଏଥିପାଇଁ ଶୀତଦିନେ କେଶରେ ତେଲ ଲଗାଇଲେ ଏଥିରୁ ସୁଫଳ ମିଳିଥାଏ । ଏହା କେଶ ବୃଦ୍ଧି କରି ଉଜ୍ଜ୍ୱଳ ଏବଂ ମଜଭୂତ୍ କରିଥାଏ ।**

### ନଡ଼ିଆ ତେଲ

କେଶରେ ନଡ଼ିଆ ତେଲ ଲଗାଇବା ପାଇଁ ସବୁବେଳେ ଅର୍ଗାନିକ୍ କୋଲ୍ଡ ପ୍ରେସ୍ ନାଚୁଲାଲ୍ ତେଲ ଲଗାଇପାରିବେ । ଏହି ତେଲରେ ଅଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କେଶ ବୃଦ୍ଧି କରିବା ସହ ଉଜ୍ଜ୍ୱଳ କରିଥାଏ ।

### ଲଗାଇବା ବିଧି

ପ୍ରଥମେ ନଡ଼ିଆ ତେଲକୁ ଗରମ କରନ୍ତୁ । ଦୁଇଟି ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଗୋଳାଇ ଦିଅନ୍ତୁ । ଏହାକୁ ହାତପାପୁଲିରେ ନେଇ ଘସି କେଶରେ ଧୀରେ ଧୀରେ କରି ଲଗାନ୍ତୁ । ତେଲ ନଖ ଉଷୁମ ରହିବା ଆବଶ୍ୟକ । ଏହା ଅଧିକ ଗରମ ହେଲେ କେଶକୁ କ୍ଷତି ପହଞ୍ଚାଇଥାଏ ।

### କିଛି ସମୟ ରଖନ୍ତୁ

ନଡ଼ିଆ ତେଲକୁ କେଶରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଡିପ୍ କଣ୍ଡିସନିଙ୍ଗ୍ ଚାହୁଁଥିଲେ ଏହାକୁ କେଶରେ ଦୁଇଘଣ୍ଟା ରଖନ୍ତୁ । ତକିଆରେ ତେଲ ଲଗାଇବା ପାଇଁ ସାୱାର କ୍ୟାପ୍ କିମ୍ବା ଏକ ଟାୱଲ୍‌ରେ କେଶ ଘୋଡ଼ାନ୍ତୁ । ଏହାପରେ ଯେ କୌଣସି ମାଇଲ୍ଡ ସାମ୍ପୁ ଲଗାଇ ଭଲ ଭାବେ ସଫା କରନ୍ତୁ ।

### ଡ୍ରାୟର ବ୍ୟବହାର

କେଶରେ ହେୟାର ଡ୍ରାଏର୍ ବ୍ୟବହାର ନ କରି ଏହାକୁ ପ୍ରଥମେ ଟାୱେଲରେ ପୋଛି, ପବନରେ ଶୁଖାନ୍ତୁ । କେଶ ଶୁଖିଆସିଲେ ହାତରେ ଗୋଲାପ ଜଳ ସହ ଆଲୋଭେରା ଜେଲ ମିଶାଇ ଲଗାନ୍ତୁ । ଏହା କେଶରେ ପ୍ରାକୃତିକ ସିରମ୍ ଭଳି କାର୍ଯ୍ୟ କରିଥାଏ ।



# ବ୍ଲେଜର୍ କିଣୁଥିଲେ ଧ୍ୟାନ ଦିଅନ୍ତୁ

**ବ୍ଲେଜର୍ ଅଫିସ୍ ସମେତ ଦୈନନ୍ଦିନ ବ୍ୟବହାର ପାଇଁ ଭଲ ହୋଇଥାଏ । ଏହା ମହିଳାଙ୍କୁ ସ୍ମାର୍ଟ ଏବଂ ଆକର୍ଷଣୀୟ ଲୁକ୍ ଦେଇଥାଏ । ତେଣୁ ବ୍ଲେଜର୍ କିଣୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।**

- ବ୍ଲେଜର୍ ଫିଟିଙ୍ଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରିଥାଏ । ବ୍ଲେଜର୍ ଢିଲା ଥିଲେ ଏହା ପିନ୍ଧିବାକୁ ଅସହଜ ମନେ ହୋଇଥାଏ । ସେହିପରି ଏହା ଅଧିକ ଟାଇଟ୍ ହେଲେ ମଧ୍ୟ ଭଲ ଲାଗେନି । ତେଣୁ ନିଜ ଶାରୀରିକ ଗଠନ ଅନୁଯାୟୀ ବ୍ଲେଜର୍ କିଣିବା ଆବଶ୍ୟକ ।
- ସେହିପରି ବ୍ଲେଜର୍ କିଣିବା ସମୟରେ ଆରାମଦାୟକ କପଡ଼ା ପ୍ରତି ଧ୍ୟାନ ଦେବା ଜରୁରୀ । ଉଲ୍, ଲାଇଲେନ୍, ସୂତା ଭଳି କପଡ଼ା ସବୁବେଳେ ଭଲ ହୋଇଥାଏ । ଏହା ତ୍ୱଚାକୁ ଶୀତ ଏବଂ ଥଣ୍ଡା ପବନରୁ ସୁରକ୍ଷା ଦେଇଥାଏ ।
- ବ୍ଲେଜରର୍ ରଙ୍ଗ ତ୍ୱଚାକୁ ପ୍ରଭାବିତ କରିଥାଏ । ତେଣୁ ବ୍ଲେଜର୍ କିଣିବା ସମୟରେ ଏହାର ରଙ୍ଗ ପ୍ରତି ଧ୍ୟାନ ଦେବା ଜରୁରୀ । ଏଥିସହ ନିଜ ପସନ୍ଦ ଓ ଋତୁ ପରିବର୍ତ୍ତନକୁ ଧ୍ୟାନରେ ରଖିବା ଆବଶ୍ୟକ ।
- ବ୍ଲେଜର୍‌ରେ କେତୋଟି ବଟନ ରହିବା ଆବଶ୍ୟକ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତିନି ବଟନ ଜ୍ୟାକେଟ୍ ସାଧାରଣ ହୋଇଥାଏ । ତେଣୁ ଚାରି ରୁ ପାଞ୍ଚଟି ବଟନ ଭଲ ବିକଳ୍ପ ହୋଇଥାଏ ।



## ଭାରତ-ଦକ୍ଷିଣ ଆଫ୍ରିକା ୪ର୍ଥ ଟି-୨୦

# ଘନ କୁହୁଡ଼ି: ମ୍ୟାଚ୍ ବାତିଲ୍

ଲକ୍ଷ୍ନୌ, ୧୭ ।୧୨ (ଏଜେନ୍ସି):



ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବୁଧବାର ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ୍ ଘନ କୁହୁଡ଼ି ଯୋଗୁଁ ବାତିଲ କରିଦିଆଯାଇଛି । ସିରିଜର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରାତି ୭ଟାରେ ଆରମ୍ଭ ହେବାର ଥିଲା । କିନ୍ତୁ ସନ୍ଧ୍ୟା ସମୟରୁ ଷ୍ଟାଡିୟମରେ କୁହୁଡ଼ିର ରାଜୁତି ଦେଖିବାକୁ ମିଳିଥିଲା । ରାତି ବଢ଼ି ବଢ଼ି ଯିବା ସହ କୁହୁଡ଼ିର ପ୍ରଭାବ ମଧ୍ୟ ଆହୁରି ବଢ଼ିଥିଲା । ଏପରିକି ଷ୍ଟାଡିୟମରେ ଦୃଶ୍ୟମାନସ୍ତର ମଧ୍ୟ ହ୍ରାସ ପାଇଥିଲା । ଅମ୍ପାୟର ୩ ଘଣ୍ଟା ଧରି ଅପେକ୍ଷା କରିଥିଲେ ଏବଂ ସାତ ୭ଥର ପଡ଼ିଆ ଅନୁଧ୍ୟାନ କରିଥିଲେ ମଧ୍ୟ ମ୍ୟାଚ୍ ଆରମ୍ଭ କରିବା ଲାଗି ପରିବେଶ ଅନୁକୂଳ ହୋଇ ନ ଥିଲା । ଫଳରେ ରାତି ୯ଟା ୩୦ରେ ଶେଷରେ ଦୁଇ ଫିଲ୍ଡ ଅମ୍ପାୟର ମ୍ୟାଚକୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଥିଲେ ।

ଚତୁର୍ଥ ଟି-୨୦ ବାତିଲ ହେବା ଫଳରେ ଭାରତ ପୂର୍ବଭଳି ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ରହିଛି । ଫଳରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଡିସେମ୍ବର ୧୯ରେ ଖେଳାଯିବାକୁ ଥିବା ୫ମ ଟି-୨୦ ନିର୍ଣ୍ଣାୟକ ସାବ୍ୟସ୍ତ ହେବ । ପୂର୍ବରୁ କଟକରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚକୁ ଭାରତ ୧୦୧ ରନରେ ବିଜୟୀ ହୋଇଥିଲା । ଏହାପରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ୨ୟ ମ୍ୟାଚକୁ ୫୧ ରନରେ ଜିତି ଦକ୍ଷିଣ ଆଫ୍ରିକା ସିରିଜକୁ ୧-୧ ବରାବରସ୍ଥିତିକୁ ଆଣିଥିଲା । ତେବେ ଘରୋଇ ଦଳ ୩ୟ ଟି-୨୦କୁ ୭ ୱିକେଟରେ ବାଜିମାତ କରି ୨-୧ରେ ଅଗ୍ରଣୀ ରହିଛି ।

### ଭେନ୍ୟୁ ଚୟନକୁ ନେଇ ଉଠିଲା ପ୍ରଶ୍ନ

ଅତ୍ୟଧିକ କୁହୁଡ଼ି ଯୋଗୁ ଦୃଶ୍ୟମାନସ୍ତର ହ୍ରାସ ପାଇଥିଲା । ଯାହାକି ଏଠାରେ ମ୍ୟାଚ ବାତିଲର ପ୍ରମୁଖ କାରଣ ରହିଥିଲା । ଫଳରେ ଶୀତ ଋତୁର ପିକ୍ ସମୟରେ ବିଶେଷ କରି ଉତ୍ତରଭାରତ ଓ ପୂର୍ବ ଭାରତରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠିଛି । ବର୍ଷର ଏହି ସମୟରେ ଉତ୍ତରପ୍ରଦେଶ ଭଳି କୁହୁଡ଼ି ପ୍ରବଣ ଅଞ୍ଚଳରେ ବିସିସିଆଇର ଟୁର୍ ଆଣ୍ଡ ଫିକ୍ଚର୍ସ କମିଟି କିଭଳି ରାତ୍ରିକାଳୀନ ମ୍ୟାଚ୍ ଏହି ଭେନ୍ୟୁରେ ଆୟୋଜନ କରିବାର ନିଷ୍ପତ୍ତି ନେଲା ତାହାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ ସମାଲୋଚନା କରାଯାଇଛି ।

### ଗିଲ୍ ଆହତ; ବାଦ୍ ପଡ଼ିପାରନ୍ତି

ଦକ୍ଷିଣ ଆଫ୍ରିକା ବିପକ୍ଷ ୪ର୍ଥ ଟି-୨୦ ମୁକାବିଲା ପୂର୍ବରୁ ଘରୋଇ ଭାରତୀୟ ଦଳର ଉପ-ଅଧିନାୟକ ଶୁବମନ ଗିଲ୍ ଆହତ ହୋଇଥିଲେ । ବ୍ୟାଟିଂ ସେସନ ସମୟରେ ଗିଲ୍‌ଙ୍କ ପାଦରେ ଆଘାତ ଲାଗିଥିଲା । ଏକ ବଲ୍ ସିଧାସଳଖ ଆସି ତାଙ୍କ ବାମପାଦ ଅଗ୍ରଭାଗରେ ମାଡ଼ ହୋଇଥିଲା । ଯେଉଁଥି ପାଇଁ ସେ ଟି-୨୦ ସିରିଜର ବଳକା ମୁକାବିଲାରୁ ବାଦ୍ ପଡ଼ିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଗିଲ୍‌ଙ୍କ ସ୍ଥାନରେ ଇନଫର୍ମ ୱିକେଟ୍‌କିପର ବ୍ୟାଟର୍ ସଞ୍ଜୁ ସାମସନ ଖେଳିପାରନ୍ତି । ଗିଲ୍ ଚଳିତ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରି ଯଥାକ୍ରମେ ୪, ୦ ଓ ୨୮ ରନ କରିଥିଲେ ।

### କୁହୁଡ଼ି ପାଇଁ ଥିଲା ରେଡ୍ ଆଲର୍ଟ

ଭୁବନେଶ୍ୱର(ସମିସ): ଚତୁର୍ଥ ଟି-୨୦ ଖେଳାଯିବାକୁ ଥିବା ଲକ୍ଷ୍ନୌର ଏହି ଅଞ୍ଚଳ ତରାଇ ବେଲ୍ଟ ଅଧିନରେ ଆସୁଛି । ସାଧାରଣତଃ ଏହା ପାହାଡ଼ି ଅଞ୍ଚଳ ଭଳି । ତେଣୁ ଶୀତ ଦିନେ ଏଠାରେ କୁହୁଡ଼ି ହେବାକୁ ପରିସ୍ଥିତି ସର୍ବଦା ଅନୁକୂଳ ରହିଥାଏ । ଜଙ୍ଗଲରେ ଜଳୀୟବାଷ୍ପର ଅଭାବ ନଥାଏ । ଏଠାରେ ମଧ୍ୟ ଭରପୁର ସବୁଜିମା ଥିବାରୁ ଜଳୀୟବାଷ୍ପ ରହୁଛି, ଯାହାକି କୁହୁଡ଼ି ପାଇଁ ବେଶ୍ ଅନୁକୂଳ ସ୍ଥିତି ସୃଷ୍ଟି କରୁଛି । ପବନର ବେଗ ଅଧିକ ନ ରହିଲେ ଏମିତି ସ୍ଥିତି ରହିଥାଏ । ବର୍ତ୍ତମାନ ଏହି ସ୍ଥିତି ରହିଥିବାରୁ କୁହୁଡ଼ି ହେଉଛି । ଏହାସହିତ ବୁଧବାର ଲକ୍ଷ୍ନୌରେ ଘନ କୁହୁଡ଼ି ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଥିଲା । ଏଭଳିସ୍ଥିତିରେ ଏଠାରେ ମ୍ୟାଚ୍ ଆୟୋଜନ କରିବାକୁ ନେଇ ଚାରିଆଡୁ ପ୍ରଶ୍ନ ଉଠିଛି ।

## ସୟଦ ମୁସ୍ତାକ ଅଲି ଟ୍ରଫି ଫାଇନାଲ ଆଜି

# ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଝାଡ଼ଖଣ୍ଡ, ହରିୟାଣା

ପୁଣେ, ୧୭ ।୧୨ (ଏଜେନ୍ସି): ବିସିସିଆଇ ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ ତମ ସଂସ୍କରଣ ଫାଇନାଲ ଗୁରୁବାର ଝାଡ଼ଖଣ୍ଡ ଓ ହରିୟାଣା ମଧ୍ୟରେ ଖେଳାଯିବ । ପୁଣେର ଏମ୍‌ସିଏ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଫାଇନାଲ ମ୍ୟାଚକୁ ନେଇ ଉଭୟ ଝାଡ଼ଖଣ୍ଡ ଓ ହରିୟାଣା ଦଳ ବେଶ୍ ଉତ୍ସାହୀ ରହିଛନ୍ତି । ଯିଏବି ଜିତିବ ସେହି ଦଳ ପ୍ରଥମଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ । ଉଭୟ ଦଳ ପ୍ରଥମଥର ଲାଗି ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ଟୁର୍ଣ୍ଣାମେଣ୍ଟରେ ନୂଆ ବିଜେତା ଦେଖିବାକୁ ମିଳିବ । ଇଶାନ କିଶାନଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ୯ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛି । ଫାଇନାଲରେ ମଧ୍ୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି । ଅପରପକ୍ଷରେ




ଅଧିନାୟକ ଅଙ୍କିତ କୁମାର ଦମ୍‌ଦାର ବ୍ୟାଟିଂ କରି ହରିୟାଣା ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ହରିୟାଣା କିନ୍ତୁ ଗ୍ରୁପ୍ ଓ ସୁପରଲିଗ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ହାରିଥିବାରୁ ବ୍ୟାକ୍‌ଫୁଟରେ ରହିଛି । ଅପରାହ୍ଣ ୪ଟା ୩୦ରୁ ଫାଇନାଲ ମ୍ୟାଚ୍ ଆରମ୍ଭ ହେବ ।

# ଶ୍ରୀଧର ଶ୍ରୀଲଙ୍କା ଦଳର ଫିଲ୍ଡିଂ କୋଚ୍

କଲମ୍ବୋ, ୧୭ ।୧୨ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ଭାରତର ଆର୍ ଶ୍ରୀଧରଙ୍କୁ ଜାତୀୟସିନିଅର ପୁରୁଷ ଦଳର ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି । ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଏହି ଶ୍ରୀଧରଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛି ଶ୍ରୀଲଙ୍କା କ୍ରିକେଟ । ୫୫ ବର୍ଷୀୟ ପୂର୍ବତନ ହାଇଦରାବାଦ୍ କ୍ରିକେଟର୍ ଶ୍ରୀଧର ଏଥିପୂର୍ବରୁ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍ଡିଂ କୋଚ୍ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ନିକଟରେ ପାଖାପାଖି ୩୦୦ ଅନ୍ତର୍ଜାତୀୟ ମ୍ୟାଚରେ ସହାୟକ ଷ୍ଟାଫ୍ ଭାବେ କାର୍ଯ୍ୟ ଅଭିଜ୍ଞତା ରହିଛି । ଶ୍ରୀଧର ଏଥିପୂର୍ବରୁ ଶ୍ରୀଲଙ୍କା ହାଇପରଫର୍ମାନ୍ସ ସେଣ୍ଟରରେ ମଧ୍ୟ କିଛି ଦିନ କାର୍ଯ୍ୟ କରିଛନ୍ତି । ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ ଓ ଓମାନ ସହ ସ୍ଥାନ ପାଇଛି ।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍

# ନାଗପୁରକୁ ହରାଇ ସେମିରେ କଳାହାଣ୍ଡି




ଭାପୁର, ୧୭ ।୧୨ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ନାଲି ସାଗର ପଡ଼ିଆରେ ଚାଲିଥିବା ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୩ୟ ଦଳ ଭାବେ କଳାହାଣ୍ଡି କ୍ରିକେଟ୍ କ୍ଲବ (କେସିଏ) ସେମିଫାଇନାଲରେ ପ୍ରବେଶ କରିଛି । ବୁଧବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କେସିଏ ୫ ୱିକେଟ୍‌ରେ ନାଗପୁରର କରିମ ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରିଥିଲା । ଟସ୍ ଜିତି ବ୍ୟାଟିଂ କରିଥିବା ନାଗପୁର ୨୦ ଓଭରରେ ୧୪୯ ରନ କରିଥିଲା । ଜବାବରେ କଳାହାଣ୍ଡି କ୍ରିକେଟ୍ କ୍ଲବ ୧୮.୫ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ବିଜୟୀ ଦଳର ସୁପ୍ରିୟୋ ଚକ୍ରବର୍ତ୍ତୀ ୩୭ ବଲରୁ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ସେହିଭଳି ବୋଲିଂରେ ସେ ୩ଟି ୱିକେଟ୍ ନେଇ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ । ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଆଜିର ମ୍ୟାଚରେ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ ଓ ସରୋଜ ମହାପାତ୍ର, କ୍ରିକେଟ୍ ଏକ୍ସପର୍ଟ ସୁଧାଂଶୁ ଶେଖର କର ଅତିଥିଭାବେ ଯୋଗଦେଇଥିଲେ । ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ଭାଇଜାଗର ନବସିପ୍ ଚାମ୍ପିଅନ୍ସ ଓ ଟିସିସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ । ଆୟୋଜକ ଫତେଗଥ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ଏହି ସୂଚନା ଦେଇଛନ୍ତି ।

## କୁଚ୍‌ବିହାର ଟ୍ରଫି

# ସମ୍ବିତଙ୍କ ଶତକରେ ସ୍ଥିତି ଦୃଢ଼

ଭୁବନେଶ୍ୱର/ବଲାଙ୍ଗିର, ୧୭ ।୧୨ (ସମିସ): ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ହିମାଚଳ ପ୍ରଦେଶ ବିପକ୍ଷରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଘରୋଇ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି ।





ଓଡ଼ିଶା ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ୍ସ ସୁଦ୍ଧା ୧୦୫ ଓଭରରେ ୭ ୱିକେଟ୍ ହରାଇ ୩୦୮ ରନ ସଂଗ୍ରହ କରିଛି । ସମ୍ବିତ ବେଜ ୧୯୭ଟି ବଲରେ ୧୦୦ ରନର ଶତକୀୟ ପାଳି ଖେଳିବା ଆଜିର ସବୁଠୁ ଉଲ୍ଲେଖନୀୟ ଘଟଣା ରହିଥିଲା । ସେହିଭଳି ଆଦିତ୍ୟ ଆନନ୍ଦ ୭୩ ରନ କରି ଦଳକୁ ଅଗ୍ରଣୀ କରାଇବାରେ ଅବଦାନ ଦେଇଥିଲେ । ମ୍ୟାଚ ଆହୁରି ୨ ଦିନ ବାକି ରହିଥିବାବେଳେ ଓଡ଼ିଶା ୧୨୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ପୂର୍ବରୁ ପ୍ରିୟାଂଶୁ ମହାନ୍ତିଙ୍କ ୭ ୱିକେଟ୍ ସଫଳତା ହିମାଚଳ ପ୍ରଦେଶକୁ ପ୍ରଥମ ପାଳିରେ ୧୮୧ ରନରେ ସୀମିତ ରଖିବାରେ ବଡ଼ ଭୂମିକା ନିଭାଇଥିଲା ।

## ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫି

# ବିଜୟଲକ୍ଷ୍ମୀଙ୍କ ୫ ୱିକେଟ୍ ସତ୍ତ୍ୱେ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୭ ।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଥିରୁଅନନ୍ତପୁରମରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ପରାଜୟବରଣ କରିଛି । ବୁଧବାର ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଇ'ର ଏକ ମ୍ୟାଚରେ ରାଜସ୍ଥାନ ୧୧୪ ରନରେ ଓଡ଼ିଶାକୁ ହରାଇଥିଲା । ଟସ୍ ଜିତି ରାଜସ୍ଥାନ ବ୍ରିନ୍ଦା ଶର୍ମା (୭୦ ରନ)ଙ୍କ ଅର୍ଦ୍ଧଶତକ ବଳରେ ୪୬.୨ ଓଭରରେ ୨୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡ଼ିଶାର ବିଜୟଲକ୍ଷ୍ମୀ ବେହେରା ୫ଟି ୱିକେଟ ସଫଳତା ପାଇଥିଲେ । ଜବାବରେ ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ବିଜୟୀ ରାଜସ୍ଥାନ ଦଳର ମଇନା ସିୟଲ ୪ଟି ୱିକେଟ୍ ନେଇଥିଲେ । ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ୭ ୱିକେଟରେ ଗୁଜରାଟ ନିକଟରୁ ହାରିଥିଲା । କିନ୍ତୁ ବିଜୟଲକ୍ଷ୍ମୀଙ୍କ ଅପରାଜିତ ୯୯ ରନ ବଳରେ ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ୪ ୱିକେଟରେ ଆସାମକୁ ମାତ୍ ଦେଇଥିଲା । ଓଡ଼ିଶା ବର୍ତ୍ତମାନ ୪ ପଏଣ୍ଟ ପାଇ ଗ୍ରୁପ୍‌ରେ ୫ମ ସ୍ଥାନରେ ରହିଛି । ଗୁରୁବାର ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଦିଲ୍ଲୀକୁ ଭେଟିବ ।

# ମୁକ୍ତେଶ୍ୱର କପ୍‌ରେ ଏଥର ୨୦ ଦଳ




ଭୁବନେଶ୍ୱର, ୧୭ ।୧୨ (ସମିସ): ଭୁବନେଶ୍ୱରର ଅନ୍ୟତମ ପୁରାତନ କ୍ଲବ ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୮ମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି । ଚଳିତ ସଂସ୍କରଣରେ ମୋଟ୍ ୨୦ଟି ଦଳ ଅଂଶଗ୍ରହଣ କରିବେ । ନକ୍‌ଆଉଟ୍‌ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ଏଥର ଫାଇନାଲକୁ ମିଶାଇ ମୋଟ୍ ୧୯ଟି ମ୍ୟାଚ୍ ଖେଳାଯିବ । ଗତ ସଂସ୍କରଣର ଚାମ୍ପିଅନ ପାରାମାଉଣ୍ଟ ସ୍ପୋର୍ଟିଂ, ରନର୍ସଅପ୍ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ (ଏମ୍‌ସିସି) ସମେତ ଦୁଇ ସେମିଫାଇନାଲିଷ୍ଟ ରାମେଶ୍ୱର ସ୍ପୋର୍ଟିଂ ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ । ଅନ୍ୟ ୧୬ଟି ଦଳ କ୍ୱାଲିଫାୟରରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ ବୋଲି ଟୁର୍ଣ୍ଣାମେଣ୍ଟ ସମ୍ବନ୍ଧରେ ସୂଚନା ଦେଇ ଆୟୋଜକ କ୍ଲବର ସମ୍ପାଦକ ଗୌରପ୍ରସାଦ ନନ୍ଦ ଏହା କହିଛନ୍ତି । ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ପ୍ରଶାନ୍ତ ମହାପାତ୍ର କପ୍ ସହ ୩୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳ ସୁବାଶିଷ ଭୂୟାଁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ପାଇବ । ଏହାବାଦ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର, ଶ୍ରେଷ୍ଠ ବ୍ୟାଟର୍ ଓ ବୋଲରଙ୍କୁ ୨୫୦୦ ଟଙ୍କା, ଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ୨୦୦୦ ଟଙ୍କା, ଶ୍ରେଷ୍ଠ ଫିଲ୍ଡର, ୱିକେଟ୍‌କିପର ଓ ସେମିଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ୧୫୦୦ ଟଙ୍କା ପୁରସ୍କାର ଦିଆଯିବ । ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ-୪୦ଜଣ ଖେଳାଳିଙ୍କୁ ଚୟନ କରାଯାଇ ସେମାନଙ୍କ ମଧ୍ୟରେ ଟିମ୍ କରାଯାଇ ଦ୍ୱି-ଦିବସୀୟ ମ୍ୟାଚ୍ ଖେଳାଯିବ ବୋଲି କାର୍ଯ୍ୟକାରୀ ସଭାପତି ଗୁରଜିତ୍ ସିଂହ ଚୌହାନ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶରଣଜିତ୍ ସିଂହ, ଯୁଗ୍ମ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ସୁନିଲ ସାହୁ, ସଦସ୍ୟ ଅନୁରାଗ ଷଡ଼ଙ୍ଗୀ ଓ ରାହୁଲ ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଯୁବ ଏସିଆ କପ୍: ସେମିରେ ଭାରତ-ଶ୍ରୀଲଙ୍କା ଲଢ଼େଇ

ଦୁବାଇ, ୧୭ ।୧୨ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଯୁବ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି । ଶୁକ୍ରବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ । ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ବାଂଲାଦେଶ ଓ ପାକିସ୍ତାନ ଦ୍ୱିତୀୟ ସେମିଫାଇନାଲରେ ସେହି ସମାନ ଶୁକ୍ରବାର ଅନୁଷ୍ଠିତ ହେବ । ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ଗ୍ରୁପ୍-ଏ'ରେ ହ୍ୟାଟ୍ରିକ ବିଜୟ ସହ ଅପରାଜେୟ ରହି ସେମିଫାଇନାଲକୁ ଉଠିଥିଲା । ଅପରପକ୍ଷରେ ଶ୍ରୀଲଙ୍କା ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ଗ୍ରୁପ୍-ବି'ରେ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲକୁ ପ୍ରବେଶ କରିଛି ।

## ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ

# ସାତ୍ୱିକ- ଚିରାଗଙ୍କ ବିଜୟ ଅଭିଯାନ

ସିଡନୀ,୧୭ ।୧୨(ଏଜେନ୍ସି): ଏଠାରେ ଆରମ୍ଭ ହୋଇଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଭାରତୀୟ ଅଭିଜ୍ଞ ପୁରୁଷ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ବୁଧବାର ବିଶ୍ୱର ୩ ନଂ ଯୋଡି ପ୍ରଥମ ରାଉଣ୍ଡ ମୁକାବିଲାରେ ପ୍ରଥମ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ଗେମ୍‌ରେ ବାଜି ମାରିଥିଲେ । ସାତ୍ୱିକ- ଚିରାଗ ୧୨-୨୧, ୨୨-୨୦, ୨୧- ୧୪ ଗେମ୍‌ରେ ଚୀନ୍‌ର ଚାଙ୍ଗ ୱାଙ୍ଗ ଓ ୱେଇ କେଙ୍ଗ ଲିଆଙ୍ଗକୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏବେ ଏହି ଭରାତୀୟ ଯୋଡି ଗୁରୁବାର ପରବର୍ତ୍ତୀ ରାଉଣ୍ଡରେ ଇଣ୍ଡୋନେସିଆର ଫଜର ଅଲଫିଆନ ଓ ମହମ୍ମଦ ଶୋହିବୁଲ ଫକରୀଙ୍କୁ ଭେଟିବେ ।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

# ସେମିରେ ସୂରଜ ଏଫ୍‌ସି

ବାରଙ୍ଗ/ନନ୍ଦନକାନନ, ୧୭।୧୨(ସମିସ): ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ



ଦିବସରେ ସହରାଞ୍ଚଳ ବିଭାଗରେ ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂକୁ ୨-୦ଗୋଲ୍‌ରେ ହରାଇ ସୂରଜ ଏଫ୍‌ସି ଫୁଲବାଣୀ ଦଳ ସେମିଫାଇନାଲରେ ପ୍ରବେଶ କରିଛି । ସୂରଜ ଏଫ୍‌ସି ପକ୍ଷରୁ ନାଇଜେରିଆନ ଖେଳାଳି ୨ଟି ଯାକ ଗୋଲ୍ ଦେଇଥିଲେ ।

ସେହିଭଳି ଗ୍ରାମାଞ୍ଚଳ-ଏ'ଡିଭିଜନର ପ୍ରଥମ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ (ବରାହୀପୁର) ୪-୩ ଟ୍ରାଇ ବ୍ରେକର ଗୋଲ ଜରିଆରେ ମହାବୀର କ୍ଲବ ନରଣପୁରକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା । ଦ୍ୱିତୀୟ ମ୍ୟାଚରେ ମଇନ୍ଦିପୁର ଫୁଟବଲ କ୍ଲବ ୭-୬ ଟ୍ରାଇବ୍ରେକର ଗୋଲରେ ପଦ୍ମକେଶରୀପୁର ଚମ୍ପା ନହାକାଣି ଫୁଟବଲ କ୍ଲବକୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛି । ଅପରପକ୍ଷରେ ଗ୍ରାମାଞ୍ଚଳର-ବି' ଡିଭିଜନରେ ଜୟଦୁର୍ଗା କ୍ଲବ (ଆମଣ) ୫-୪ ଟାଇ ବ୍ରେକର ଜରିଆରେ ଉରାଳୀକୁ, ଦ୍ୱିତୀୟ ମ୍ୟାଚରେ ସିଆର୍‌ଆର୍‌ଆଇ ୪-୩ ଟ୍ରାଇବେକରରେ ରୁରାଲ କ୍ଲବ ଗବବସ୍ତକୁ ହରାଇ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି । ଆଜିର ଦିବସରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଲେ । ଗୁରୁବାର ଗ୍ରାମାଞ୍ଚଳ-ବି ଡିଭିଜନର ପ୍ରଥମ ମ୍ୟାଚ ବାରଙ୍ଗ ବାୟର ସହ ସାଇଁସ, ଦ୍ୱିତୀୟ ମ୍ୟାଚ ତଣ୍ଡି କଣାସ-ଉତ୍ତମପୁର, ତୃତୀୟ ମ୍ୟାଚରେ ଘାଟିକିଆ ସହ ଗୋଠପୁର, ଚର୍ତୁଥ ମ୍ୟାଚ ଉସୁମା ସହ ବଉଳକୁଦ ମଧ୍ୟରେ ଖେଳାଯିବ । ସହରାଞ୍ଚଳ ବିଭାଗରେ ବିହାରର ୟୁନାଟେଡ୍ ସି-୧ ସହ ମା ମଙ୍ଗଳା କ୍ଲବ୍ (ଢେଙ୍କାନାଳ) ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ଜ୍ଞାନରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## ଆସେସ୍ ସିରିଜ: ଆଡିଲେଡ୍‌ରେ ୩ୟ ଟେଷ୍ଟ ଆରମ୍ଭ

# କାରୀଙ୍କ ଶତକ ଅଷ୍ଟ୍ରେଲିଆର ସମ୍ମାନ ରଖିଲା

ଆଡିଲେଡ୍, ୧୭ ।୧୨ (ଏଜେନ୍ସି):

ୱିକେଟ୍‌କିପର ଆଲେକ୍ସ କାରୀଙ୍କ ଶତକ ବଳରେ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜର ୩ୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ଭଲ ସ୍ଥିତିରେ ରହିଛି । ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୮୩ ଓଭରରେ ୮ ୱିକେଟ୍ ହରାଇ ୩୨୮ ରନ କରିଛି । ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ରହିଛି ।

### ୨୫.୨୦ କୋଟିର ଖେଳାଳି ଖାତା ଖୋଲିପାରିଲେନି

ଘରୋଇ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ତେବେ ଅଷ୍ଟ୍ରେଲିଆ ୨୫ ଓଭର ମଧ୍ୟରେ ୯୪ ରନରେ ଦୁଇ ଓପନର୍ ଟ୍ରାଭିସ ହେଡ୍ (୧୦ ରନ), ଜେକ୍ ୱେଦରାଲ୍ଡ (୧୮), ମାର୍ନସ ଲାବୁଶେନ (୧୯) ଓ କାମେରନ ଗ୍ରୀନଙ୍କ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା । ଗତକାଲି ଆଇପିଏଲ୍ ମିନି ନିଲାମୀରେ ୨୫.୨୦ କୋଟି ମୂଲ୍ୟରେ ବିକ୍ରି ହୋଇଥିବା ଗ୍ରୀନ କିନ୍ତୁ ଆଜି ଖାତା ଖୋଲିପାରି ନ ଥିଲେ । ଦୁଇଟି ବଲ୍ ଖେଳିଥିବା ଗ୍ରୀନ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । କୋଲକାତା ନାଇଟ୍ ରାଇଡର୍ସ ଗ୍ରୀନଙ୍କୁ ୨୫.୨୦ କୋଟିରେ କ୍ରୟ କରିବା ପରେ ସେ ଆଇପିଏଲ୍ ଇତିହାସର ସବୁଠୁ ଦାମି ଖେଳାଳି ହୋଇଛନ୍ତି । କିନ୍ତୁ ଆଜି ସେ ଖାତା ଖୋଲି ନ ପାରିବାକୁ ନେଇ ଚାରିଆଡ଼ ଚର୍ଚ୍ଚା ହେଉଛି । ଚତୁର୍ଥ ୱିକେଟ ପତନ ପରେ ଉସମାନ ଖାୱାଜାଙ୍କ ସହ କାରୀ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ । ଉଭୟ ପଞ୍ଚମ ୱିକେଟ୍ ଭାଗୀଦାରିରେ ୯୧ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୨୦୦ ନିକଟତର ହୋଇଥିଲା । ତେବେ ୮୨ ରନ କରିଥିବାବେଳେ ସ୍ପିନର ୱିଲ ଜ୍ୟାକ୍ସଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ଖାୱାଜା ଆଉଟ୍ ହୋଇଥିଲେ । ଅପରପାର୍ଶ୍ୱରେ କିନ୍ତୁ କାରୀ ସତର୍କତାର ସହ ଖେଳି ନିଜର ୩ୟ ଶତକ ହାସଲ କରିଥିଲେ । ଏଥିସହ ଦଳୀୟ ସ୍କୋର ମଧ୍ୟ ୩୦୦ ରନ ଅତିକ୍ରମ କରିଥିଲା । ୧୦୬ ରନ କରିଥିବାବେଳେ ଜ୍ୟାକ୍ସଙ୍କ ୨ୟ ଶିକାର ବନିଥିଲେ କାରୀ । ଷ୍ଟମ୍ପ ଅପସାରଣବେଳକୁ ମିଚେଲ ଷ୍ଟାର୍କ ୩୩ ଓ ନାଥନ ଲିଅନ କୌଣସି ରନ ନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜୋଶ୍ ଇଂଲିଶ ୩୨, ପ୍ୟାଟ୍ କମିନ୍ସ ୧୩ ରନ କରିଥିଲେ । ବୋଲିଂରେ ଆର୍ଚରଙ୍କୁ ୩ଟି ଏବଂ ବ୍ରାୟଡନ କ୍ରାସ ଓ ଜ୍ୟାକ୍ସଙ୍କୁ ୨ଟି ୱିକେଟ୍ ମିଳିଛି । ପ୍ରଥମ ଦିନ ୫୬ ହଜାର ୨୯୮ ଦର୍ଶକ ଷ୍ଟାଡିୟମରେ ମ୍ୟାଚ୍ ଦେଖିଥିବା ଜଣାପଡ଼ିଛି ।



### ସ୍ୱର୍ଗତ ପିତାଙ୍କ ଉଦ୍ଦେଶ୍ୟରେ ଶତକ ଉତ୍ସର୍ଗ

ଆଲେକ୍ସ କାରୀ ଘରୋଇ ଆଡିଲେଡ୍ ଗ୍ରାଉଣ୍ଡରେ ପରିବାର ଓ ବନ୍ଧୁଙ୍କ ସାମ୍ନାରେ ଏହି ୩ୟ ଟେଷ୍ଟ ଶତକ ମାରିଥିଲେ । କାରୀଙ୍କ ପତ୍ନୀ ଏଲୋଇସ ମଧ୍ୟ ଷ୍ଟାଣ୍ଡରେ ଉପସ୍ଥିତ ରହି ସ୍ୱାମୀଙ୍କୁ ଚିୟର କରିଥିଲେ । ତେବେ କାରୀ ଏହି ଶତକକୁ ସ୍ୱର୍ଗତ ପିତା ଗର୍ଡନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଗତ ସେପ୍ଟେମ୍ବରରେ କାରୀଙ୍କ ପିତାଙ୍କ ବ୍ଲଡ କ୍ୟାନସରରେ ବିୟୋଗ ଘଟିଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS
PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS